ବର୍ଷ-୨୬, ସଂଖ୍ୟା-୨୬୪
ଭୁବନେଶ୍ୱର
ଅକ୍ଟୋବର, ୦୧, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 264
Bhubaneswar
October,01, 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଗିଲଙ୍କ ଦ୍ୱିଶତକ

# ଗୋଟିଏ ଦିନରେ ଭାରତକୁ ୪ ସ୍ୱର୍ଣ୍ଣ

## ତୀରନ୍ଦାଜୀରେ ହ୍ୟାଟ୍ରିକ, ଟ୍ରାପ୍‌ରେ ପୁଣି ଐତିହାସିକ ସଫଳତା

ନୂଆଦିଲ୍ଲୀ,୩୦।୯(ମହାଭାରତ): ଏସିଆନ ଗେମ୍ସ ୨୦୨୬ରେ ଭାରତର ସୁନା ବର୍ଷା। ବୁଧବାର ତୀରନ୍ଦାଜୀରେ ଭାରତକୁ ମିଳିଛି ହ୍ୟାଟ୍ରିକ ସ୍ୱର୍ଣ୍ଣ। ସେହିପରି ଦଳଗତ ସୁଟିଂ ଟ୍ରାପରେ ଆଉ ଏକ ସ୍ୱର୍ଣ୍ଣ ପଦକ ମିଳିଛି।

ପୂର୍ବରୁ ମହିଳା କମ୍ପାଉଣ୍ଡ ତୀରନ୍ଦାଜୀ ଟିମ୍ ଇଭେଣ୍ଟ ଓ କମ୍ପାଉଣ୍ଡ ମିକ୍ସଡ଼ ଟିମ୍ ଇଭେଣ୍ଟ ଭାରତକୁ ସ୍ୱର୍ଣ୍ଣ ମିଳିଥିଲା। ଏବେ ପୁରୁଷ କମ୍ପାଉଣ୍ଡ ଇଭେଣ୍ଟରେ ମଧ୍ୟ ରେକର୍ଡ ସୁନା ପଦକ ଜିତିଛି। ପୁରୁଷ କମ୍ପାଉଣ୍ଡରେ ଭାରତ ବେଶ ନାଟକୀୟ ଢଙ୍ଗରେ ଚାଇନାକୁ ହରାଇ ଏହି ସଫଳତା ପାଇଛି। ଗୋଟିଏ ପଏଣ୍ଟ ବ୍ୟବଧାନରେ ଭାରତୀୟ ଖେଳାଳି ବିଜୟ ବାନା ଉଡାଇଛନ୍ତି। ୨୩୮-୨୩୭ ପଏଣ୍ଟରେ ଭାରତ ଏବେ ତୀରନ୍ଦାଜୀ ପୁରୁଷ କମ୍ପାଉଣ୍ଡ ଇଭେଣ୍ଟରେ ଚାମ୍ପିୟନ ଆଖ୍ୟା ପାଇଛି।

ସାହିଲ ଯାଦବ, ଗଣେଶ ମଣି ରତନମ୍ ଓ କୁଶଲ ଦଲାଲ ମିଳିତ ଭାବେ ଭାରତକୁ ଏହି ସଫଳତା ଦେଇଛନ୍ତି। ଶେଷ ରାଉଣ୍ଡରେ ଭାରତର ୩ ଜଣ ଯାକ ଖେଳାଳି ପରଫେକ୍ଟ ୧୦ ପଏଣ୍ଟ ଲେଖାଏ ହାସଲ କରିଥିଲେ। ଚାଇନା ମଧ୍ୟ ୩୦ ପଏଣ୍ଟ ପାଇଥିଲା।



ହେଲେ ପୂର୍ବରୁ ଚାଇନା କରିଥିବା ତ୍ରୁଟି ଯୋଗୁ ଭାରତ ୨୩୮-୨୩୭ ପଏଣ୍ଟ ବ୍ୟବଧାନରେ ବିଜେତା ହୋଇଛି। ଚାଇନାକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏହାପୂର୍ବରୁ ପ୍ରଥମେ ମହିଳା କମ୍ପାଉଣ୍ଡ ତୀରନ୍ଦାଜୀ ଟିମ୍ ଇଭେଣ୍ଟରୁ ଭାରତକୁ ସ୍ୱର୍ଣ୍ଣ ମିଳିଥିଲା। ଜ୍ୟୋତି ସୁରେଖା ଭେନ୍ନମ୍, ଚିକିତା ତନିପର୍ଥୀ ଓ ପ୍ରତିକା ପ୍ରଦୀପଙ୍କ ଟିମ ଭାରତକୁ ତୀରନ୍ଦାଜୀରେ ପ୍ରଥମ ସ୍ୱର୍ଣ୍ଣ ଦେଇଥିଲେ। ପୁରୁଷ ଟିମ ଭଳି ସେମାନେ ମଧ୍ୟ ଚାଇନାକୁ ଫାଇନାଲରେ ହରାଇଥିଲେ। ୨୩୮-୨୩୪ ପଏଣ୍ଟରେ ଭାରତ ବିଜୟ ହୋଇଥିଲା। ୨୩୮ ପଏଣ୍ଟ ସହ ଭାରତ ସ୍ୱର୍ଣ୍ଣ ପଦକ ଜିତିବା ସହିତ ବିଶ୍ୱ ରେକର୍ଡର ସମକକ୍ଷ ହୋଇଥିଲା। ଏହାପରେ ଆଉ ଏକ ସ୍ୱର୍ଣ୍ଣ କମ୍ପାଉଣ୍ଡ ମିକ୍ସଡ଼ ଇଭେଣ୍ଟରୁ ଆସିଥିଲା। ଏହି ଟିମ୍‌ରେ ଥିଲେ ସାହିଲ ଯାଦବ ଓ ଚିକିତା ତନିପର୍ଥୀ। ଫାଇନାଲରେ ସେମାନେ ଦକ୍ଷିଣ କୋରିଆକୁ ଶୁଟ୍-ଅଫରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ସାହିଲ ଯାଦବ ଓ ଚିକିତା ତନିପର୍ଥୀଙ୍କ ସ୍କୋର ଏବଂ ଦକ୍ଷିଣ କୋରିଆର ପ୍ରତିଦ୍ୱନ୍ଦ୍ୱୀଙ୍କ ସ୍କୋର ସମାନ ରହିଥିଲା। ଉଭୟ ଟିମ୍ ୧୫୯ ଲେଖାଏ ସ୍କୋର କରିଥିଲେ। ଫଳାଫଳ ଟାଏ ରହିଥିବାରୁ ଶୁଟ୍-ଅଫ୍ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା। ଆଉ ଏଥିରେ ବାଜି ମାରିଥିଲା ଭାରତୀୟ ଦଳ। ସ୍ୱର୍ଣ୍ଣ ପଦକ ଜିତିବା ସହିତ ତୀରନ୍ଦାଜୀ କମ୍ପାଉଣ୍ଡ ମିକ୍ସଡ଼ ଟିମ୍‌କୁ ୨୦୨୮ ଲସ୍‌ଏଞ୍ଜେଲସ୍ ଅଲିମ୍ପିକ୍ ପାଇଁ ମଧ୍ୟ ଟିକେଟ୍ ମିଳିଯାଇଛି।

# ରାଜ୍ୟ ସିଇଓ ନେବେ ସ୍ୱେଚ୍ଛାକୃତ ଅବସର

ଭୁବନେଶ୍ୱର:୩୦।୯(ମହାଭାରତ): ଓଡ଼ିଶା ପ୍ରଶାସନିକ ମହଲରେ ଏକ ବଡ଼ଧରଣର ହଲଚଲ ଦେଖିବାକୁ ମିଳିଛି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ଆର.ଏସ୍. ଗୋପାଳନ ଚାକିରିରୁ ସ୍ୱେଚ୍ଛାକୃତ ଅବସର (ଭିଆରଏସ) ପାଇଁ ଆବେଦନ କରିଛନ୍ତି। ମୁଖ୍ୟତଃ ଶାରୀରିକ ଅସୁସ୍ଥତା ଏବଂ କେତେକ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଏହି ଚାଞ୍ଚଲ୍ୟକର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।



ସୂଚନାଯୋଗ୍ୟ ଯେ, ୨୦୦୧ ବ୍ୟାଚ୍‌ର ଏହି ପ୍ରଶାସନିକ ଅଧିକାରୀ ବର୍ତ୍ତମାନ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଉଥିବା ସହ ଅବକାରୀ ବିଭାଗର ସଚିବ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ସରକାରୀ ନିୟମ ଅନୁଯାୟୀ, ୨୦୨୮ ମସିହା ଜୁନ୍ ମାସରେ ତାଙ୍କର ସ୍ୱାଭାବିକ ଅବସର ସମୟ ଥିଲା। ମାତ୍ର ଚାକିରି ପ୍ରାୟ ଦେଢ଼ ବର୍ଷରୁ ଅଧିକ ସମୟ ବାକିଥାଇ ସେ ହଠାତ୍ ଭିଆରଏସ ପାଇଁ ଆବେଦନ କରିଥିବାରୁ ସମସ୍ତଙ୍କୁ ଚକିତ କରିଛନ୍ତି।

ଆର.ଏସ୍. ଗୋପାଳନ ଗତ ଦୁଇ ବର୍ଷ ହେବ ଓଡ଼ିଶାର ସିଇଓ ଭାବେ ଅତ୍ୟନ୍ତ ସଫଳତା ଓ ଦକ୍ଷତାର ସହ କାର୍ଯ୍ୟ କରିଆସୁଥିଲେ। ନିକଟରେ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଶେଷ ହୋଇଥିଲା। ଗତ ସେପ୍ଟେମ୍ବର ମାସରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ତାଲିକାରେ ପ୍ରାୟ ୨୦ ଲକ୍ଷରୁ ଅଧିକ ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦିଆଯିବା ସହ ନୂତନ ଯୋଗ୍ୟ ଭୋଟରଙ୍କୁ ସାମିଲ କରାଯାଇଥିଲା। ଏହାଫଳରେ ରାଜ୍ୟରେ ମୋଟ ଭୋଟରଙ୍କ ସଂଖ୍ୟା ପ୍ରାୟ ୩.୧୬ କୋଟିରେ ପହଞ୍ଚିଛି।

ରାଜ୍ୟରେ ଏକ ସ୍ୱଚ୍ଛ, ନିରପେକ୍ଷ ଏବଂ ସଠିକ୍ ଭୋଟର ତାଲିକା ପ୍ରସ୍ତୁତ କରିବା ଦିଗରେ ତାଙ୍କର କାର୍ଯ୍ୟକାଳ ବେଶ୍ ପ୍ରଶଂସନୀୟ ରହିଥିଲା। ତେବେ ତାଙ୍କର ଏହି ହଠାତ୍ ଅବସର ନିଷ୍ପତ୍ତି ପରେ ରାଜ୍ୟର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ ଅଧିକାରୀ କିଏ ହେବେ, ସେନେଇ ପ୍ରଶାସନିକ କରିଡରରେ ଆଲୋଚନା ଜୋର ଧରିଛି।

### ସିଇସିଙ୍କ ବିରୋଧରେ ଇଣ୍ଡି ବ୍ଲକର ବଡ଼ ଯୋଜନା

# ୨ରୁ ଦେଶବ୍ୟାପୀ ଶୋଭାଯାତ୍ରା

ନୂଆଦିଲ୍ଲୀ,୩୦।୯(ମହାଭାରତ): ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନ କରୁଥିବା ଏସ୍‌ଆଇଆରକୁ ନେଇ ବିବାଦ ଭିତରେ ଏକାଠି ହୋଇଛନ୍ତି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ। ଆଜି କଂଗ୍ରେସ ଅଧ୍ୟକ୍ଷତାରେ ଦିଲ୍ଲୀରେ ବସିଥିବା ଇଣ୍ଡିଆ ବ୍ଲକରେ ସବୁ ଦଳ ଗୋଟିଏ ସ୍ୱରରେ ନିର୍ବାଚନ କମିଶନଙ୍କ ବିରୋଧରେ ଗର୍ଜିଛନ୍ତି। ଏଥିସହ ନିର୍ବାଚନ କମିଶନ ବିରୋଧରେ ଏକାଠି ଲଢେଇ କରି ଗଣତନ୍ତ୍ରର ସୁରକ୍ଷା ପାଇଁ ପଣ କରିଛନ୍ତି।

ଆସନ୍ତା ୨ ତାରିଖରୁ ବିରୋଧୀ ମେଣ୍ଟ ପକ୍ଷରୁ ପୂରା ଦେଶରେ ଆରମ୍ଭ ହେବ ଗଣତନ୍ତ୍ର ବଞ୍ଚାଅ ଶୋଭାଯାତ୍ରା। ସେହିପରି ଅକ୍ଟୋବର ୬ରେ ଅଣ ବିଜେପି ଦଳର ସମସ୍ତ ସାଂସଦ ଏକାଠି ନିର୍ବାଚନ କମିଶନ ଅଭିମୁଖେ ଶୋଭାଯାତ୍ରା କରିବେ।ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କମିଶନରେ ନିଜର ଏକଚାଟିଆ ନୀତି ଆପଣାଉଥିବା ଅଭିଯୋଗ କରି ବିରୋଧୀ ମେଣ୍ଟ ଏପରି ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଗତ ସପ୍ତାହରେ ଇଣ୍ଡିଆନ ଏକ୍ସପ୍ରେସ ନିର୍ବାଚନ କମିଶନରେ ଥିବା ମତଭେଦ ସମ୍ପର୍କରେ ରିପୋର୍ଟ ପ୍ରକାଶ କରିଥିଲା। ଜ୍ଞାନେଶ କୁମାର ନିଜ ଇଚ୍ଛାରେ ସବୁ କିଛି ନିଷ୍ପତ୍ତି ନେଉଥିବା ମଧ୍ୟ ରିପୋର୍ଟରେ ଦାବି କରାଯାଇଥିଲା। ବାସ ଏହି ରିପୋର୍ଟ ପରେ ଜ୍ଞାନେଶ କୁମାର ଓ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ବିରୋଧୀ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ଅକ୍ଟୋବର ୨ ସପ୍ତାହରେ ଇଣ୍ଡିଆ ବ୍ଲକ ରାଷ୍ଟ୍ରପତିଙ୍କୁ ସମୟ ମାଗି ପ୍ରତିଷ୍ଠାନଗୁଡ଼ିକୁ କେମିତି ଦଖଲ କରାଯାଉଛି, ସେ ବାବଦରେ ଅବଗତ କରାଯିବ।ସେ କହିଛନ୍ତି, "ଇଣ୍ଡିଆ ବ୍ଲକର ସଦସ୍ୟମାନେ ଅକ୍ଟୋବର ୨ରୁ ୮ ତାରିଖ ଯାଏ ଜିଲ୍ଲାମାନଙ୍କ ଅଫିସ ଆଗରେ ବିକ୍ଷୋଭ କରିବେ। ଅକ୍ଟୋବର ୬ରେ ସମସ୍ତ ବିରୋଧୀ ଦଳର ସାଂସଦମାନେ ନିର୍ବାଚନ କମିଶନ ଅଭିମୁଖେ ଶୋଭାଯାତ୍ରା କରିବେ।"

## ଗାନ୍ଧୀ ଜୟନ୍ତୀ ଅବସରରେ ସବୁ ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ଭୁବନେଶ୍ୱର ୩୦।୯(ମହାଭାରତ): : ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶାର ସମସ୍ତ ଗ୍ରାମ ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହେବ। ଏହି ଗ୍ରାମସଭାକୁ ଅଧିକ ଅର୍ଥପୂର୍ଣ୍ଣ, ଲୋକାଭିମୁଖୀ ଓ ଅଂଶଗ୍ରହଣମୂଳକ କରିବା ପାଇଁ ରାଜ୍ୟର ସମସ୍ତ ସରପଞ୍ଚଙ୍କୁ ଚିଠି ଲେଖିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ। ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜର ଭାବନାକୁ ଆଧାର କରି ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣରେ ସ୍ଥାନୀୟ ସମସ୍ୟା, ଆବଶ୍ୟକତା, ସମ୍ଭାବନା ଓ ବିକାଶର ପ୍ରାଥମିକତା ଚିହ୍ନଟ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହା ସହ 'ପିପୁଲ୍ସ ପ୍ଲାନ୍ କ୍ୟାମ୍ପେନ୍ ୨୦୨୬-୨୭' ମାଧ୍ୟମରେ ଲୋକଙ୍କ ମତାମତ ଓ ଅଂଶଗ୍ରହଣକୁ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିର ଆଧାର କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

# ୯/୧୧ ଭଳି ଆକ୍ରମଣକୁ ପଣ୍ଡ କଲେ ଭାରତୀୟ କ୍ୟାପଟେନ

ଦୁବାଇ,୩୦।୯(ମହାଭାରତ): ସହ ପାଇଲଟଙ୍କ ସହ କକପିଟ୍‌ରେ ଲଢ଼ିଲେ। ଛୁରା ମାଡ ସତ୍ତ୍ୱେ ବି ହାରିଲେନି। ଅଦମ୍ୟ ସାହାସ ଦେଖାଇ ସମ୍ଭାବ୍ୟ ଦ୍ୱିତୀୟ ୯/୧୧ ଭଳି ଆତଙ୍କବାଦୀ ହମଲାକୁ ଟାଳିଲେ।ଏପରି ବୀରତା ଦେଖାଇଥିବା ଫ୍ଲାଏଦୁବାଇ ବିମାନର କ୍ୟାପ୍ଟେନ ଜଣଙ୍କ ହେଉଛନ୍ତି ଭାରତୀୟ ନାଗରିକ। କ୍ୟାପ୍ଟେନଙ୍କ ସାହାସ ଯୋଗୁ ମଝି ଆକାଶରେ ରକ୍ତାକ୍ତ ସଂଘର୍ଷ ସତ୍ତ୍ୱେ ୧୮୦ ଜଣ ଲୋକ ସୁରକ୍ଷିତ ଭାବେ ସାଉଦି ଆରବରେ ଲ୍ୟାଣ୍ଡ କରିପାରିଛନ୍ତି।

ଦୁବାଇରୁ ଇସ୍ରାଏଲର ତେଲ ଅଭିଭକୁ ଯାଉଥିବା ଗୋଟିଏ ବିମାନ ମଝି ଆକାଶରେ ଆତଙ୍କର ଭୟଙ୍କର ସ୍ଥିତି ସାମ୍ନା କରିଥିଲା। କକପିଟ୍‌ରେ ଥିବା ଦୁଇ ଜଣ ପାଇଲଟଙ୍କ ମଧ୍ୟରୁ ଜଣେ ବିମାନକୁ ଅପହରଣ କରି ଏହାକୁ କ୍ରାଶ କରିବାକୁ ଚାହୁଁଥିଲେ।ହେଲେ ବିମାନର କ୍ୟାପ୍ଟେନ ଏହାକୁ କିଛି ଯାତ୍ରୀମାନଙ୍କ ସହ ମିଶି ରୋକିବାକୁ ସକ୍ଷମ ହୋଇଛନ୍ତି। ଏହି ସମୟରେ କ୍ୟାପ୍ଟେନଙ୍କ ଦେହରେ ଛୁରୀ ମାଡ ହୋଇଛି ଓ କିଛି ଯାତ୍ରୀ ମଧ୍ୟ ରକ୍ତାକ୍ତ ହୋଇଛନ୍ତି। ଛୁରା ମାଡରେ ଲହୁଲୁହାଣ ହୋଇଥିବା ଭାରତୀୟ କ୍ୟାପ୍ଟେନ ଜଣଙ୍କ ଲୋକଙ୍କ ସୁରକ୍ଷାକୁ ଆଦୌ ବିପଦରେ ପକାଇବାକୁ ଦେଇ ନାହାନ୍ତି। ଭାରତୀୟ କ୍ୟାପ୍ଟେନ ଛୁରା ମାଡର ସାମ୍ନା କରିଥିଲେ ଓ ଓମାନର ସହ ପାଇଲଟଙ୍କ ସହ ଲଇ କରିଥିଲେ। କାରଣ ଓମାନ ସହ ପାଇଲଟ ଜଣଙ୍କ ବିମାନକୁ ଅପହରଣ କରି ୧୮୦ ଜଣ ଯାତ୍ରୀଙ୍କୁ ନେଇ ୯/୧୧ ଷ୍ଟାଇଲରେ ଆକ୍ରମଣ କରିବାକୁ ଚାହୁଁଥିଲେ।

ହଲେ ଭାରତୀୟ କ୍ୟାପ୍ଟେନ ଏହାକୁ କରିବାକୁ ଦେଇ ନଥିଲେ। ଏହି ଲଇରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା।



ହେଲେ ସାହାସୀ ଭାରତୀୟ କ୍ୟାପ୍ଟେନ ଜୀବିତ ଥିବା ଜଣାପଡିଛି। ଚ୍ୟାନେଲ ୧୨ କହିଛି ଯେ କ୍ୟାପ୍ଟେନ ଜଣଙ୍କ ଭାରତୀୟ ବଂଶୋଦ୍ଭବ। କିନ୍ତୁ ୱାଇନେଟ୍ ନ୍ୟୁଜ ସ୍ପଷ୍ଟ କରିଛି ଯେ ଫ୍ଲାଏଦୁବାଇ ବିମାନ ଉଡାଉଥିବା କ୍ୟାପ୍ଟେନ ଭାରତୀୟ ନାଗରିକ। ଏବେ ବିମାନକୁ କ୍ରାଶ କରିବାକୁ ଚାହୁଁଥିବା ଓମାନୀୟ ସହ ପାଇଲଟଙ୍କୁ ତଦନ୍ତ ପରିସର କରାଯାଇଛି। ତାଙ୍କୁ କେମିତି ଇସ୍ରାଏଲ ଅଭିମୁଖେ ବିମାନ ଉଡାଇବାକୁ ଅନୁମତି ମିଳିଲା, ତା'ର ଯାଞ୍ଚ କରାଯାଉଛି।

ରିପୋର୍ଟ ଅନୁସାରେ, ଇସ୍ରାଏଲ ଆକାଶ ପଥ କିମ୍ବା ଇସ୍ରାଏଲରେ ଲ୍ୟାଣ୍ଡ କରୁଥିବା ବିମାନରେ ଯଦି କୌଣସି ମଧ୍ୟପ୍ରାଚ୍ୟ ଦେଶର କ୍ରୁ ସଦସ୍ୟ ରହିଥାଆନ୍ତି, ତା'ହେଲେ ସେମାନଙ୍କୁ କଠୋର ସୁରକ୍ଷା ଯାଞ୍ଚର ସାମ୍ନା କରିବାକୁ ପଡ। ତଥାପି ଦୁବାଇରୁ ଇସ୍ରାଏଲ ଯାଉଥିବା ବିମାନରେ କେମିତି ଓମାନୀୟ ସହ-ପାଇଲଟଙ୍କୁ ଉଡାଣ ପାଇଁ ଅନୁମତି ମିଳିଥିଲା, ତାହା ବଡ ପ୍ରଶ୍ନ ହୋଇ ଛିଡା ହୋଇଛି। ବିମାନରେ ଥିବା ଜଣେ ଯାତ୍ରୀଙ୍କ ମା' କହିଛନ୍ତି ଯେ ସାଉଦି ଆରବରୁ ତାଙ୍କୁ ତାଙ୍କ ଝିଅ ଫୋନ କରିଥିଲେ। ଛୁରୀରେ ବିମାନର ଜଣେ ପାଇଲଟ ଆଉ ଜଣଙ୍କୁ ମାରିବାକୁ ଚେଷ୍ଟା କରୁଥିବା ସେ ଜଣାଇଛନ୍ତି।

କକପିଟରୁ ଚିତ୍କାର ଶବ୍ଦ ଶୁଣା ଯିବାରୁ ଆଉ ଜଣେ ଯାତ୍ରୀ ସେଠାକୁ ଯାଇଥିଲେ। ସେ ରକ୍ତ ଦେଖି ପାଟି କରିବାରୁ ଅନ୍ୟମାନେ କକପିଟକୁ ଯାଇ ଆକ୍ରମଣକାରୀ ସହ-ପାଇଲଟଙ୍କୁ କାବୁ କରିଥିଲେ। ଓମାନର ସହ-ପାଇଲଟ ଜଣଙ୍କ ଦ୍ୱିତ ନାଗରିକତା ରଖିଥିଲେ କି ନାହିଁ, ତା'ର ମଧ୍ୟ ଖୋଳତାଡ ହେଉଛି। ଇସ୍ରାଏଲର ସରକାରୀ ସୂତ୍ରରେ କୁହାଯାଇଛି ଯେ ସହ ପାଇଲଟ ଜଣଙ୍କ ବିମାନ କମ୍ପାନରେ ପ୍ରାୟ ବର୍ଷକ ତଳେ କାର୍ଯ୍ୟ ଆରମ୍ଭ କରିଥିଲେ। ଘଟଣା ପରେ ସହ ପାଇଲଟ ଓ କ୍ୟାପ୍ଟେନଙ୍କୁ ସାଉଦି ଆରବର ତାବୁକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜେରୁଜେଲମ ପୋଷ୍ଟକୁ ଇସ୍ରାଏଲର ଜଣେ ଯାତ୍ରୀ କହିଛନ୍ତି, କ୍ୟାପ୍ଟେନଙ୍କୁ ଛୁରୀ ମାଡ କରି ସହ ପାଇଲଟ ତାଙ୍କୁ ବାହାରକୁ ଫିଙ୍ଗିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବିମାନ ଅତର୍କିତ ଭାବେ ତଳକୁ ଖସିବାରେ ଲାଗିଥିଲା। ତେବେ ଏହି ସମୟରେ ସାମ୍ନାରେ ଥିବା ଏକାଧିକ ଇସ୍ରାଏଲ ଯାତ୍ରୀ କକପିଟକୁ ଯାଇ ଆକ୍ରମଣକାରୀ ସହ ଲଢ଼ିଥିଲେ। ପଛ ଭାଗରେ ବସିଥିବା ଦୁଇ ଜଣ ପାଇଲଟ ତୁରନ୍ତ କକପିଟକୁ ଯାଇ ବିମାନକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଏହାପରେ ବିମାନ ସାଉଦିରେ ଜରୁରୀ ଅବତରଣ କରିଥିଲା।

### ନବୀନଙ୍କୁ ଭେଟିଲେ ହିଞ୍ଜିଳିର ବିଜେଡି କର୍ମୀ

ଭୁବନେଶ୍ୱର, ୩୦।୯ (କେଏନଏସ) :ହିଞ୍ଜିଳି ନିର୍ବାଚନମଣ୍ଡଳୀର ଶେରଗଡ଼ ବ୍ଲକର ପଂଚାୟତ ପ୍ରତିନିଧି, ଦଳୀୟ ନେତୃବୃନ୍ଦ ଓ ୫୦୦ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ନବୀନ ନିବାସ ଠାରେ ଭେଟିଛନ୍ତି। ତୃଣମୂଳସ୍ତରରେ ଲୋକଙ୍କ ପାଖରେ ପହଂଚି ସଙ୍ଗଠନକୁ ଆହୁରି ମଜଭୁତ୍ କରିବା ପାଇଁ ସଭାପତି ସମସ୍ତଙ୍କୁ ପରାମର୍ଶ ଦେବା ସହ ଆଗାମୀ ପଂଚାୟତ ନିର୍ବାଚନ ରଣନୀତି ନେଇ ସମସ୍ତଙ୍କ ସହ ଆଲୋଚନା କରିଛନ୍ତି।

# ୬ ବର୍ଷ ପରେ ଖୋଲିଲା ଗୁଣ୍ଡିଚା ମନ୍ଦିର

ପୁରୀ,୩୦।୯(କେଏନଏସ): ଦୀର୍ଘ ୬ ବର୍ଷ ପରେ ଭକ୍ତଙ୍କ ପାଇଁ ଖୋଲିଛି ପୁରୀ ଗୁଣ୍ଡିଚା ମନ୍ଦିର। ଭକ୍ତମାନେ ଆଜିଠାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଜନ୍ମ ବେଦୀ, ଯଜ୍ଞ ବେଦୀ ଓ ଆଡ଼ପ ମଣ୍ଡପ ଦର୍ଶନ କରୁଛନ୍ତି । ପୂଜାର୍ଚ୍ଚନା ପରେ ଆଜି ସକାଳ ୭ଟା ୪୫ରେ ଖୋଲିଥିଲା ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ପୁରୀ ଏସ୍‌ପି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ଖୋଲା ଯାଇଥିଲା। ଉପସ୍ଥିତ ଭକ୍ତଙ୍କ ସହିତ ସେମାନେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିଥିଲେ। ଗୁଣ୍ଡିଚା ମନ୍ଦିର ପରିସରରେ ଆଡପ ମଣ୍ଡପ, ତିନି ରଥ- ତାଳଧ୍ୱଜ ରଥ, ନନ୍ଦିଘୋଷ ରଥ ଓ ଦର୍ପଦଳନ ରଥର ଚକ ଓ କଣଗୁଜ, ଅଶୁଆରୀ, ପ୍ରଭା ଆଦି ଦେଖିବାର ସୁଯୋଗ ନେଇଥିଲେ ଭକ୍ତମାନେ। ୬ ବର୍ଷ ପରେ ପୁଣି ଥରେ ଗୁଣ୍ଡିଚା ମନ୍ଦିର ଭିତରେ ପ୍ରବେଶ କରି ବେଶ୍ ଆନନ୍ଦିତ ହୋଇଛନ୍ତି ଭକ୍ତମାନେ। କରୋନା ସମୟରୁ ଗୁଣ୍ଡିଚା ମନ୍ଦିର ପ୍ରବେଶ ଉପରେ ଲାଗିଥିଲା କଟକଣା। ନାଟମଣ୍ଡପ ମରାମତି, ମନ୍ଦିର ଭିତରର ଚଟାଣ, ରାମ୍ପ ବ୍ୟବସ୍ଥା, ଆନନ୍ଦ ବଜାର, ରୋଷ ଶାଳା ମରାମତି କାମ ଚାଲିଥିଲା। ତେଣୁ ଭିତରକୁ ଭକ୍ତଙ୍କ ପ୍ରବେଶ ଉପରେ ରୋକ୍ ଲାଗିଥିଲା। ତେଣୁ ଦୂରଦୂରାନ୍ତରୁ



ଆସୁଥିବା ଭକ୍ତମାନେ ଶ୍ରୀଜିଉଙ୍କ ଜନ୍ମମାଟିକୁ ନଦେଖିପାରି ଦୁଃଖ ପ୍ରକାଶ କରୁଥିଲେ। କିନ୍ତୁ ଆଜିଠାରୁ ଏହା ଭକ୍ତଙ୍କ ପାଇଁ ଖୋଲାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଅନୁସାରେ ପ୍ରଥମ ତିନି ଦିନ ଭକ୍ତମାନଙ୍କୁ ମାଗଣାରେ ଗୁଣ୍ଡିଚା ମନ୍ଦିର ଭିତରକୁ ଛଡ଼ାଯିବ। ତା'ପରଠାରୁ ଭକ୍ତମାନେ ୧୦ ଟଙ୍କା ପ୍ରବେଶ ଶୁଳ୍କ ଦେବେ। କିନ୍ତୁ ଦିବ୍ୟାଙ୍ଗ, ଶିଶୁ ଓ ୮୦ ବର୍ଷରୁ ଅଧିକ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ପ୍ରବେଶ ଶୁଳ୍କ ଦେବାକୁ ପଡିବ ନାହିଁ। ସେମାନେ ମାଗଣାରେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିପାରିବେ। ଶ୍ରଦ୍ଧାଳୁଙ୍କ ଜୋତା ଓ ମୋବାଇଲ୍ ଫୋନ୍ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଶ୍ରଦ୍ଧାଳୁମାନଙ୍କୁ କୌଣସି ଦେୟ ଦେବାକୁ ପଡିବ ନାହିଁ। କୁହାଯାଏ ଗୁଣ୍ଡିଚା ମନ୍ଦିରରେ ବାବେନା ଭୂତ ରହେ। ଏବେ ଆଉ ବାବେନା ଭୂତ ରହିବେନି ବୋଲି କହିଛନ୍ତି ଭକ୍ତ। ଆଗକୁ ଗୁଣ୍ଡିଚା ମନ୍ଦିରରେ ଲାଇଟ୍ ଆଣ୍ଡ ସାଉଣ୍ଡ ବ୍ୟବସ୍ଥା କରାଯିବ। ଏହାର ପରିକଳ୍ପନା କରାଯାଇସାରିଲାଣି।

## ମୌସୁମୀ ଋତୁରେ ଓଡ଼ିଶାରେ ସ୍ୱାଭାବିକଠାରୁ ୨୯% ଅଧିକ ବର୍ଷା

ଭୁବନେଶ୍ୱର,୩୦।୯(ମହାଭାରତ): ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେବେ ଚଳିତ ବର୍ଷ ବର୍ଷା ପରିମାଣକୁ ନେଇ ଦେଶ ଓ ରାଜ୍ୟରେ ଏକ ବଡ଼ଧରଣର ପାର୍ଥକ୍ୟ ଦେଖିବାକୁ ମିଳିଛି। ଜାତୀୟ ସ୍ତରରେ ମୋଟ ମୌସୁମୀ ବର୍ଷାରେ ୧୩ ପ୍ରତିଶତ ହ୍ରାସ ଘଟିଥିବା ବେଳେ, ଓଡ଼ିଶାରେ କିନ୍ତୁ ସ୍ଥିତି ସମ୍ପୂର୍ଣ୍ଣ ଓଲଟା ରହିଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ମୁତାବକ, ଓଡ଼ିଶାରେ ଏଥର ସ୍ୱାଭାବିକଠାରୁ ୨୯ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି।

ଦେଶରେ ଏବର୍ଷ ହାରାହାରି ୮୬୮.୬ ମିଲିମିଟର ବଦଳରେ ମାତ୍ର ୭୫୯.୪ ମିଲିମିଟର ବର୍ଷା ହୋଇଛି, ଯାହାକି ନିଅଣ୍ଟିଆ ଅଟେ। ବିଶେଷ କରି ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ତାମିଲନାଡୁ ଭଳି ପଶ୍ଚିମ ଓ ଦକ୍ଷିଣ ରାଜ୍ୟଗୁଡ଼ିକରେ ବର୍ଷାର ପରିମାଣ ବହୁତ କମ୍ ରହିଛି। ଏହାର ବିପରୀତରେ, ଓଡ଼ିଶାରେ ସ୍ୱାଭାବିକ ଆକଳନ ୧,୧୫୦.୨ ମିଲିମିଟର ବଦଳରେ ମୋଟ ୧,୪୮୨.୩ ମିଲିମିଟର ବର୍ଷା ହୋଇଛି। ଜାମ୍ମୁ-କାଶ୍ମୀର ସହିତ ଓଡ଼ିଶା ଦେଶର ସର୍ବାଧିକ ବର୍ଷା ପାଇଥିବା ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ସ୍ଥାନ ପାଇଛି। ପାଣିପାଗ ରିପୋର୍ଟ ଅନୁସାରେ, ରାଜ୍ୟରେ ସବୁଠାରୁ ଅଧିକ ବାଲେଶ୍ୱରରେ ୧,୯୦୭.୧ ମିଲିମିଟର ଏବଂ ବୌଦ୍ଧରେ ୧,୭୬୯.୩ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏହାପରେ ମୟୂରଭଞ୍ଜରେ ୧,୮୬୨.୬ ମିଲିମିଟର, କେନ୍ଦୁଝରରେ ୧,୭୬୫ ମିଲିମିଟର ଏବଂ ବରଗଡ଼ରେ ୧,୭୦୫.୨ ମିଲିମିଟର ବର୍ଷା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଗଜପତି ଜିଲ୍ଲାରେ ସବୁଠାରୁ କମ୍ ଅର୍ଥାତ୍ ୮୯୬.୭ ମିଲିମିଟର ବର୍ଷା ହୋଇଛି, ଯାହା ସ୍ୱାଭାବିକଠାରୁ ମାତ୍ର ୧ ପ୍ରତିଶତ କମ୍।

ଚଳିତ ଅତ୍ୟଧିକ ବର୍ଷା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ଓ ସ୍ଥାନୀୟ ବନ୍ୟା ପରିସ୍ଥିତି ଉପୁଜିଥିଲା, ଯାହାକୁ ମୁକାବିଲା କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା। ବର୍ତ୍ତମାନ ମୌସୁମୀ ଅପସାରଣ ଜାରି ରହିଥିଲେ ମଧ୍ୟ ଉତ୍ତର ମିଆଁମାର ଓ ବାଂଲାଦେଶ ଅଞ୍ଚଳରେ ସକ୍ରିୟ ଗୁରୁଚାପ ବଳୟ ଯୋଗୁଁ ଆଗାମୀ ୨୪ରୁ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଜିଲ୍ଲାରେ ପାଣିପାଗରେ ପରିବର୍ତ୍ତନ ଦେଖାଦେଇପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, କଟକ, ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲା ପାଇଁ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବା ନେଇ 'ୟେଲୋ ୱାର୍ଣ୍ଣିଂ' ଜାରି କରାଯାଇଛି। ତେବେ ଆସନ୍ତା ଅକ୍ଟୋବର ୨ ତାରିଖ ପରେ ରାଜ୍ୟରେ ପାଣିପାଗ ସମ୍ପୂର୍ଣ୍ଣ ସ୍ୱାଭାବିକ ହେବା ସହ ଖରାଟିଆ ପାଗ ପ୍ରକାଶ ପାଇବ ବୋଲି ପାଣିପାଗ ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି।

# ହାଇକୋର୍ଟରୁ ବିଦ୍ୟାଭାରତୀଙ୍କୁ ମିଳିଲା ସାମୟିକ ଆଶ୍ୱସ୍ତି

କଟକ,୩୦।୯(ମହାଭାରତ): ବହୁ ଚର୍ଚ୍ଚିତ ଏସିଏଫ୍ ସେମ୍ୟରଂଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ପତ୍ନୀ ବିଦ୍ୟାଭରତୀ ପଣ୍ଡାଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ ହୋଇଛି। ବିଦ୍ୟାଭାରତୀଙ୍କ ଆବେଦନକୁ ଖାରଜ କରି ଓଡିଶା ହାଇକୋର୍ଟ ୨୦୨୬, ସେପ୍ଟେମ୍ବର ୩ରେ ପ୍ରଦାନ କରିଥିବା ନିର୍ଦ୍ଦେଶ ବିରୋଧରେ ସେ ସୁପ୍ରିମକୋର୍ଟରେ ଏସଏଲପି ଦାୟର କରିଥିଲେ। ବିଦ୍ୟାଭାରତୀ ଆଗୁଆ ଜାମିନ ପାଇଁ ଆବେଦନ କରି ପାରିବେ ବୋଲି ସୁପ୍ରିମକୋର୍ଟ କହିବା ସହିତ ତାଙ୍କ ଏସଏଲପିକୁ ଖାରଜ କରିଛନ୍ତି। ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଓ ଜଷ୍ଟିସ ଶ୍ରୀ ଚନ୍ଦ୍ରଶେଖରଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଦ୍ୟାଭାରତୀଙ୍କ ଏସଏଲପିର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ଓଡିଶା ହାଇକୋର୍ଟରୁ ବିଦ୍ୟାଭାରତୀଙ୍କୁ ଆଜି ସାମୟିକ ଆଶ୍ୱସ୍ତି ମିଳିଛି। ଅକ୍ଟୋବର ୧ ତାରିଖ ବା ଏହା ପୂର୍ବରୁ ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତରେ ହାଜର ହେବାକୁ ବିଦ୍ୟାଭାରତୀଙ୍କୁ ହାଇକୋର୍ଟ ଗତ ସେପ୍ଟେମ୍ବର ୩ରେ ଦେଇଥିବା ନିର୍ଦ୍ଦେଶରେ ପରିବର୍ତ୍ତନ କରିବାକୁ ଓ ହାଜର ହୋବକୁ ଅଧିକ ସମୟ ପ୍ରଦାନ ପ୍ରସଂଗ ନେଇ ଦାୟର ଅନ୍ତରୀଣ ଆବେଦନର ଆଜି ଶୁଣାଣି ହୋଇଥିଲା। ହାଜର ହେବା ପାଇଁ ଧାର୍ଯ୍ୟ ସମୟସୀମା ବୃଦ୍ଧି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୩୦ ସୁଦ୍ଧା ଏସଡିଜେଏମ ଅଦାଲତରେ ହାଜର ହୋବକୁ ବିଦ୍ୟାଭାରତୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଦ୍ୟାଭାରତୀଙ୍କ ଅନ୍ତରୀଣ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଉଲ୍ଲେଖ ଯୋଗ୍ୟ ଯେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ପ୍ରସଙ୍ଗ ନେଇ



ବିଦ୍ୟାଭରତୀ ସିଆରପିସିର ଧାରା ୨୦୫ରେ ଦାୟର କରିଥିବା ଆବେଦନକୁ ଖାରଜ କରି ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତ ୨୦୨୩, ଜୁନ ୨୩ ଓ ୨୦୨୪, ମାର୍ଚ୍ଚ ୧୧ରେ ଦେଇଥିବା ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିଥିଲେ। ଏଥି ସହିତ ଏସଡିଜେଏମ ଅଦାଲତଙ୍କ ଏପରି ନିର୍ଦ୍ଦେଶ ବିରୋଧରେ ବିଦ୍ୟାଭାରତୀ ଦାୟର କରିଥିବା ଦୁଇ ଆବେଦନକୁ ଗତ ସେପ୍ଟେମ୍ବର ୩ରେ ହାଇକୋର୍ଟ ଖାରଜ କରିଥିଲେ। ଅକ୍ଟୋବର ୧ ତାରିଖ ବା ଏହା ପୂର୍ବରୁ ଏସଡିଜେଏମ ଅଦାଲତରେ ହାଜର ହେବାକୁ ବିଦ୍ୟାଭାରତୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧, ଜୁଲାଇ ୧୨ ରାତିରେ ଫରେଷ୍ଟ କଲୋନିସ୍ଥିତ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ସନ୍ଦେହଜନକ ଅବସ୍ଥାରେ ପୋଡି ହୋଇ ଗୁରୁତର ହୋଇଥିଲେ। ୧୩ ତାରିଖ ଦିନ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସୌମ୍ୟରଞ୍ଜନଙ୍କ ପତ୍ନୀ, ତତ୍କାଳୀନ ଡିଏଫଓ ଓ ରୋଷେୟାଙ୍କ ସଂପୃକ୍ତି ଥିବା ପରିବାର ତରଫରୁ ଅଭିଯୋଗ କରାଯାଇଥିଲା। ତଦନ୍ତକାରୀ ସଂସ୍ଥାର ତଦନ୍ତରେ ଅସନ୍ତୋଷବ୍ୟକ୍ତ କରି ସେମ୍ୟରଂଜନଙ୍କ ବାପା ଅଭିରାମ ମହାପାତ୍ର ଏସଡିଜେଏମ ଅଦାଲତରେ ପ୍ରୋଟେଷ୍ଟ ପିଟିସନ ଦାୟର କରିଥିଲେ। ୨୦୨୩, ଏପ୍ରିଲ ୧୨ରେ ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତ ଏହି ପିଟିସନର ଶୁଣାଣି କରି ବିଦ୍ୟାଭାରତୀ, ତତ୍କାଳୀନ ଡିଏଫଓ ଶ୍ରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ଆଇପିସିର ଦଫା ୩୦୨ ଓ ୧୨୦-ଖ'ରେ କଗନିଜାନ୍ସ ଗ୍ରହଣ କରିଥିଲେ। ଏହି କଗନିଜାନ୍ସ ନିର୍ଦ୍ଦେଶ ବିରୋଧରେ ବିଦ୍ୟାଭାରତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିରାଶ ହୋଇଥିଲେ। ଏହାପରେ ଏସଡିଜେଏମ ଅଦାଲତରେ ବିଚାରାଧୀନ ମୂଳ ମାମଲା ଓ ପ୍ରୋଟେଷ୍ଟ ପିଟିସନ ଆଧାରରେ ବିଚାରାଧୀନ ମାମଲାରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ପାଇଁ ବିଦ୍ୟାଭାରତୀ ଦାୟର କରିଥିବା ଆବେଦନ ଏସଡିଜେଏମ ଅଦାଲତରେ ଖାରଜ ହୋଇଥିଲା।

## ମୋଦି-ଟ୍ରମ୍ପଙ୍କ ମଧ୍ୟରେ ଫୋନ୍‌ରେ କଥା

ନୂଆଦିଲ୍ଲୀ,୩୦।୯(ମହାଭାରତ): : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଟେଲିଫୋନ୍ ଆଲୋଚନା ହୋଇଛି। ଉଭୟ ଦେଶର ଶୀର୍ଷନେତାଙ୍କ ମଧ୍ୟରେ ଏହି ଆଲୋଚନା ସମୟରେ ମୁଖ୍ୟତଃ ଦ୍ୱିପାକ୍ଷିକ ବାଣିଜ୍ୟ, ପ୍ରତିରକ୍ଷା ସହଯୋଗ ଏବଂ ଶକ୍ତି କ୍ଷେତ୍ରର ବିକାଶ ଭଳି ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଏହି ବାର୍ତ୍ତାଳାପ ପରେ ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଏକ ଫଳପ୍ରଦ ଏବଂ ସାର୍ଥକ ଆଲୋଚନା ହୋଇଛି। ଆମେ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରରେ ପାରସ୍ପରିକ ସହଯୋଗକୁ ଆହୁରି ମଜବୁତ କରିବା ନେଇ ସମୀକ୍ଷା କରିଛୁ। ଉଭୟ ଦେଶର ବ୍ୟାପକ ବିଶ୍ୱସ୍ତରୀୟ ରଣନୈତିକ ଭାଗିଦାରୀକୁ ଆଗକୁ ବଢ଼ାଇବା ପାଇଁ ଆମେ ନିୟମିତ ଭାବେ ପରସ୍ପର ସଂସ୍ପର୍ଶରେ ରହିବାକୁ ସହମତ ହୋଇଛୁ। ଏହାସହିତ ବିଶ୍ୱ ଶାନ୍ତି ଏବଂ ନିରାପତ୍ତା ବଜାୟ ରଖିବା ଦିଗରେ ଚାଲିଥିବା ପ୍ରୟାସକୁ ନେଇ କିଛି ଆନ୍ତର୍ଜାତୀୟ ପ୍ରସଙ୍ଗରେ ମଧ୍ୟ ମତାମତ ଆଦାନପ୍ରଦାନ କରାଯାଇଛି।

## ଫଳ ପଲାଉ

ସାମଗ୍ରୀ: ବାସୁମତୀ ଚାଉଳ, କଳା ଅଙ୍ଗୁର , ଗ୍ରୀନ ଅଙ୍ଗୁର, ସେଓ , ଡାଳିମ୍ବ, ଚେରୀ , କାଜୁ , କିସିମିସ, ପିସ୍ତା ବାଦାମ , ଜିରା , ଲୁଣ , ତେଲ ଏବଂ ଆମ୍ବ ସଢା।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ସେଥିରେ କିଛି ପାଣି ଦେଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ପାଣି ଫୁଟିଲା ପରେ ସେଥିରେ ଲୁଣ , ଜିରା ଏବଂ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ପକାଇ ସାରିଲା ପରେ ପୂର୍ବରୁ ଭିଜା ହୋଇଥିବା ବାସୁମତୀ ଚାଉଳ ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଭାତ ପାଣିରେ ତେଲ ପକାଇଲେ ଭାତ ଲାଗି ନ ରହି ଗୋଟା ଗୋଟା ରହିବ। ତା' ପରେ ଚାଉଳକୁ ୧୦ ମିନିଟ ଫୁଟିବା ଯାଏଁ ଛାଡ଼ି ଦିଅନ୍ତୁ। ମଝିରେ ମଝିରେ ଲହାକୁ ଗୋଳାଉଥିବା। ଏହା ପରେ ଭାତ ହୋଇଗଲା ପରେ ଏକ ପାତ୍ରକୁ ଛାଣି ରଖନ୍ତୁ। ଏହା ପରେ ଏକ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ କାଜୁ, କିସମିସ, କଳା ଅଙ୍ଗୁର , ଡ଼ାଳିମ୍ବ , ସେଓ ଏବଂ ଲୁଣ ପକାଇ ଅଳ୍ପ ଭାଜନ୍ତୁ। ତା ପରେ ସେଥିରେ ପୂର୍ବରୁ ଥିବା ଭାତ ପକାଇ ଭଲଭାବେ ଗେଳାଇ ଦିଅନ୍ତୁ।ଗୋଳାଇ ସାରିଲା ପରେ ସେଥିରେ ପିସ୍ତା ବାଦାମ, ଚେରୀ ଏବଂ ଆମ୍ବ ସଢା ପକାଇ ଗୋଳାଇ ଦିଅନ୍ତୁ। ତା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ଫଳ ପଲାଉ।



ଖବର

## ପୁରାଣ କ'ଣ ?



ହିନ୍ଦୁ ଧର୍ମ ଗ୍ରନ୍ଥରେ ବିଶ୍ୱର ଉତ୍ପତ୍ତି ଠାରୁ ଆରମ୍ଭ କରି ଜନ୍ମମୃତ୍ୟୁର ସଂପୂର୍ଣ୍ଣ ରହସ୍ୟ ବର୍ଣ୍ଣିତ ହୋଇଛି । ପୁରାଣ ହେଉଛି ହିନ୍ଦୁ ଧର୍ମ ସମ୍ବନ୍ଧୀୟ ପ୍ରସିଦ୍ଧ ଗ୍ରନ୍ଥ। ପୁରାଣରେ ପ୍ରାଚୀନ ମୁନି ଋଷି ଏବଂ ରାଜାଙ୍କ ବିଷୟରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରାଯାଇଛି । ସାଧାରଣ ଶବ୍ଦରେ କହିଲେ ବୈଦିକ କାଳ ପରେ ବର୍ଣ୍ଣିତ ଗ୍ରନ୍ଥଗୁଡ଼ିକୁ ପୁରାଣ କୁହାଯାଏ । ଭାରତୀୟ ଜୀବନଧାରାରେ ଯେଉଁ ଗ୍ରନ୍ଥର ସ୍ଥାନ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ତାହାକୁ ଧର୍ମବେଦ ଓ ପୁରାଣ କୁହାଯାଏ । ମହର୍ଷି ବେଦବ୍ୟାସଙ୍କ ଦ୍ୱାରା ୧୮ ପୁରାଣରେ ଅଲଗା ଅଲଗା ଦେବାଦେବୀଙ୍କ ପାପ-ପୁଣ୍ୟ, ଧର୍ମ-ଅଧର୍ମ, କର୍ମ ଓ ଅକର୍ମ ସମ୍ବନ୍ଧରେ ଲିପିବଦ୍ଧ ହୋଇଛି । ପୁରାଣ ଶବ୍ଦର ଅର୍ଥ ହେଉଛି ପ୍ରାଚୀନ କଥା । ପୁରାଣ ବିଶ୍ୱ ସାହିତ୍ୟର ପ୍ରାଚୀନତମ ଗ୍ରନ୍ଥ ଅଟେ । ଅନେକ ରହସ୍ୟ ଏବଂ ଜ୍ଞାନକୁ ନେଇ ଲିପିବଦ୍ଧ ହୋଇଛି । ବେଦର ଭାଷା ଓ ଶୈଳୀ ଅତ୍ୟନ୍ତ କଠିନ ଅଟେ । କିନ୍ତୁ ପୁରାଣରେ ଏହାର ଜ୍ଞାନ ସହଜ ତଥା ରୋଚକ ଭାବେ ବର୍ଣ୍ଣିତ ହୋଇଛି । ବେଦର ଜଟିଳ ତଥ୍ୟକୁ କଥାବସ୍ତୁ ମାଧ୍ୟମରେ ସାଧାରଣ ବୋଧଗମ୍ୟ କରାଯାଇଛି । ପୁରାଣରେ ଦୁନିଆର ସବୁଠାରୁ ପ୍ରାଚୀନ, ପବିତ୍ର ହିନ୍ଦୁ ଧର୍ମ ତଥା ଦେବୀ, ଦେବତାଙ୍କ ବର୍ଣ୍ଣନା ହୋଇଛି । କୁହାଯାଏ ଯେ, ସୃଷ୍ଟିର ରଚୟିତା ବ୍ରହ୍ମା ସର୍ବପ୍ରଥମେ ଯେଉଁ ପ୍ରାଚୀନ ଧର୍ମଗ୍ରନ୍ଥ ରଚନା କରିଥିଲେ ତାହାକୁ ପୁରାଣ ଭାବେ ସ୍ୱୀକାର କରାଯାଏ । ପୁରାଣର ମୁଖ୍ୟ ବ୍ରହ୍ମା, ବିଷ୍ଣୁ ତଥା ମହେଶ । ହିନ୍ଦୁ ଧର୍ମରେ ବ୍ରହ୍ମା, ବିଷ୍ଣୁ ଓ ମହେଶଙ୍କୁ ତ୍ରିଦେବ କୁହାଯାଏ ।

## ଦେବୀ ଭୁବନେଶ୍ୱରୀ



ଭୁବନର ଦେବୀ ହୋଇଥିବାରୁ ତାଙ୍କ ନାମ ଭୁବନେଶ୍ୱରୀ (ଭୁବନ+ଈଶ୍ୱରୀ) ହୋଇଛି । ସମଗ୍ର ଭୁବନ ଗଠନରେ ତାଙ୍କର ଭୂମିକା ରହିଛି । ତାଙ୍କରି କୃପାରୁ ସମଗ୍ର ଭୁବନ ପରିଚାଳିତ ହୋଇଥାଏ । ଦେବୀ ଭୁବନେଶ୍ୱରୀଙ୍କର ଶକ୍ତି ଉପାସନାରେ ସ୍ୱତନ୍ତ୍ର ସ୍ଥାନ ରହିଛି । ଦେବୀ ଭୁବନେଶ୍ୱରୀଙ୍କ ଆରାଧନା ଭକ୍ତର ସମସ୍ତ ମନୋସ୍କାମନା ପୂରଣ କରିଥାଏ । ଏପରିକି ଭୁବନେଶ୍ୱରୀଙ୍କ କୃପାରୁ ନବଗ୍ରହଙ୍କ ପ୍ରଭାବ ମଧ୍ୟ ହ୍ରାସ ପାଏ । ଭାରତର ବିଭିନ୍ନ ସ୍ଥାନରେ ଦେବୀ ଭୁବନେଶ୍ୱରୀଙ୍କ ଉପାସନା ସ୍ଥଳୀ ରହିଛି । ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ନାମ ଦେବୀ ଭୁବନେଶ୍ୱରୀଙ୍କ ନାମାନୁସାରେ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିର, ତାମିଲନାଡୁର ପୁଡୁକୋଟାଇ, ଶ୍ରୀଲଙ୍କାର ମାନିପଲ୍ଲବମ୍ ଆଦି ସ୍ଥାନରେ ଭୁବନେଶ୍ୱରୀଙ୍କର ପୀଠ ରହିଛି । ଦେବୀ ସମଲେଶ୍ୱରୀ ଏବଂ କଟକ ଚଣ୍ଡୀ ପୀଠରେ ମଧ୍ୟ ଭୁବନେଶ୍ୱରୀଙ୍କ ଉପାସନା କରାଯାଏ ।

## ଶ୍ରୀକୃଷ୍ଣଙ୍କ ଶାନ୍ତି ପ୍ରସ୍ତାବ

ମହାଭାରତରେ ପାଣ୍ଡବଙ୍କ ଅଜ୍ଞାତବାସ ସମାପ୍ତି ହେବା ପରେ କୌରବଙ୍କଠାରୁ ଅପମାନର ପ୍ରତିଶୋଧ ନେବାକୁ ପ୍ରସ୍ତୁତିରେ ଥିଲେ । ଏହି ସମୟରେ ଅଭିମନ୍ୟୁ ଏବଂ ଉତ୍ତରାଙ୍କ ବିବାହରେ ଅନେକ ରାଜା ଉପସ୍ଥିତ ଥିଲେ । ଶ୍ରୀକୃଷ୍ଣଙ୍କ କହିବା ଅନୁସାରେ ବିରାଟ ରାଜାଙ୍କ ଦରବାରକୁ ସମସ୍ତ ରାଜାଙ୍କୁ ଆମନ୍ତ୍ରିତ କରା ଯାଇଥିଲା । ସେଠାରେ ଭଗବାନ ଶ୍ରୀକୃଷ୍ଣ କୌରବଙ୍କ ଅନ୍ୟାୟ ଓ ଅତ୍ୟାଚାର ସଂପର୍କରେ ବର୍ଣ୍ଣନା କରିଥିଲେ । ମହାରାଜ ଦ୍ରୁପଦ ପାଣ୍ଡବଙ୍କୁ ସମର୍ଥନ କରିଥିଲେ । ତେବେ ସବୁ ରାଜାଙ୍କ ସହମତିରେ କୌରବଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ଦୂତ



ପଠାଇବାକୁ ନିଷ୍ପତ୍ତି ନିଆଗଲା ।

ପାଣ୍ଡବମାନେ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କଲେ । ପାଞ୍ଚାଳ ଏବଂ ବିରାଟ ସୋନାଙ୍କ ସହିତ କୁରୁକ୍ଷେତ୍ର ନିକଟରେ ଶିବିର ଲଗାଗଲା । କୌରବମାନେ ଏ ସଂପର୍କରେ ଜାଣିପାରିଲେ ଏବଂ ବିଭିନ୍ନ ରାଜାଙ୍କୁ ନିଜ ପକ୍ଷକୁ ନେବା ପାଇଁ ନିମନ୍ତ୍ରଣ କଲେ । ଯାଦବମାନଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ଦୁର୍ଯ୍ୟୋଧନ ଏବଂ ଅର୍ଜୁନ ବାହାରି ପଡ଼ିଲେ । ଯେତେବେଳେ ଏହି ଦୁଇଜଣ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଲେ ସେତେବେଳେ ଭଗବାନ ଶ୍ରୀକୃଷ୍ଣ ଶୋଇ ଯାଇଥିଲେ । ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ପାଦ ନିକଟରେ ଏବଂ ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କ ମୁଣ୍ଡ ନିକଟରେ ବସିଲେ । ଶ୍ରୀକୃଷ୍ଣ ଆଖି ଖୋଲି ପ୍ରଥମେ ଅର୍ଜୁନ ଓ ପରେ ଦୁର୍ଯ୍ୟୋଧନକୁ ଦେଖିଲେ । ଯୁଦ୍ଧ ପାଇଁ ନିଜର ନାରାୟଣୀ ସେନାକୁ ଦୁର୍ଯ୍ୟୋଧନଙ୍କୁ ଦେଲେ ଏବଂ ସ୍ୱୟଂ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହିତ ରହିବା ପାଇଁ ପ୍ରତିଜ୍ଞା କରିବା ସହ ଯୁଦ୍ଧରେ ଶସ୍ତ୍ର ଉଠାଇବେ ନାହିଁ ବୋଲି ପ୍ରତିଜ୍ଞା ମଧ୍ୟ କଲେ । ସେପଟେ ପାଣ୍ଡବଙ୍କ ପକ୍ଷରୁ ଶାନ୍ତି ପ୍ରସ୍ତାବ ନେଇ ଆସିଥିବା ଦୂତକୁ ଦୁର୍ଯ୍ୟୋଧନ କହିଲେ ଯେ, ବିନା ଯୁଦ୍ଧରେ ଛୁଞ୍ଚି ମୁନସମ ଜାଗା ମଧ୍ୟରେ ପାଣ୍ଡବ ମାନଙ୍କୁ ମିଳିବ ନାହିଁ । ଯୁଧିଷ୍ଠିରଙ୍କ ପରାମର୍ଶରେ ଶ୍ରୀକୃଷ୍ଣ ପୁନର୍ବାର ଶାନ୍ତି ପ୍ରସ୍ତାବ ନେଇ ହସ୍ତିନାକୁ ଗଲେ । ପାଣ୍ଡବ କେବଳ ୫ଟି ଗାଁରେ ସନ୍ତୁଷ୍ଟ ହେବା ବିଷୟ ଏହି ଶାନ୍ତିବାର୍ତ୍ତାରେ ରହିଥିଲା । ହସ୍ତିନାପୁରରେ ଶ୍ରୀକୃଷ୍ଣଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି ହୋଇଥିଲା । ଶ୍ରୀକୃଷ୍ଣଙ୍କୁ ବାନ୍ଧି କଏଦୀ କରି ରଖିବାକୁ ଦୁର୍ଯ୍ୟୋଧନ ଯୋଜନା କଲା । ଆୟୋଜିତ ସଭାରେ ଶ୍ରୀକୃଷ୍ଣ ସନ୍ଧି କଥାବାର୍ତ୍ତା ପାଇଁ କହିଥିଲ । ଧୃତରାଷ୍ଟ୍ର ସନ୍ଧି ପକ୍ଷରେ ଥିଲେ, କିନ୍ତୁ ଦୁର୍ଯ୍ୟୋଧନ ଏହାକୁ ମାନିଲା ନାହିଁ ଏବଂ ଶ୍ରୀକୃଷ୍ଣଙ୍କୁ ବାନ୍ଧି ଆଣିବାକୁ ଆଦେଶ ଦେଲା। ଏବଂ କହିଲା ଶ୍ରୀକୃଷ୍ଣ ଦୂତଙ୍କ କାର୍ଯ୍ୟ କରୁନାହାନ୍ତି ବରଂ ପାଣ୍ଡବଙ୍କ ପକ୍ଷଭୁକ୍ତ ଅଛନ୍ତି। କର୍ଣ୍ଣ, ଦୁଃଶାସନ, ଶକୁନି ପ୍ରଭୃତି ଦୁର୍ଯ୍ୟୋଧନକୁ ସମର୍ଥନ କରି ଯୁଦ୍ଧ କରିବାକୁ ଚାହିଁଲେ। ତେବେ କୃଷ୍ଣ କହିଲେ ଯେ, ପାଣ୍ଡବମାନଙ୍କୁ କେବଳ ୫-ଟି ଗ୍ରାମ ଦେଇଦିଅ । କିନ୍ତୁ ଏଥିରେ ମଧ୍ୟ ଦୁର୍ଯ୍ୟୋଧନ ରାଜି ହେଲେ ନାହିଁ । ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନକୁ ଗାଳି କରିବା ସହ ସଭାରୁ ବାହାରି ଆସିଲେ।

## 'ସମସ୍ତଙ୍କୁ ଭଲ ପାଅ, ସାହାଯ୍ୟ କର'




ସତ୍ୟସାଇ ଯେତେବେଳେ ଜନ୍ମହେଲେ ସେତେବେଳ ଘରେ ଥିବା ବାଦ୍ୟଯନ୍ତ୍ର ଆପେ ଆପେ ବାଜିବାକୁ ଲାଗିଲା ଏବଂ ଏକ ରହସ୍ୟମୟ ସର୍ପର ଆବିର୍ଭାବ ହେଲା । ସତ୍ୟସାଇ ଜନ୍ମରୁ ପ୍ରତିଭା ସଂପନ୍ନ ଥିଲେ । କୁହାଯାଏ ଯେ, ଭଗବାନ ସତ୍ୟନାରାୟଣଙ୍କ ପୂଜାର ପ୍ରସାଦ ଗ୍ରହଣ କରିବା ପରେ ଜନ୍ମ ଗ୍ରହଣ କରିଥିଲେ ସତ୍ୟସାଇ ବାବା । ତେଣୁ ତାଙ୍କର ନାମ ସତ୍ୟନାରାୟଣ ରଖାଗଲା । ସତ୍ୟସାଇ ବାବାଙ୍କ ପ୍ରଥମ ନାମ ହେଉଛି ସତ୍ୟନାରାୟଣ ରାଜୁ । ସତ୍ୟନାରାୟଣ ଯେତେବେଳେ ହାଇସ୍କୁଲ୍‌ରେ ପଢୁଥିଲେ ତାଙ୍କୁ ଏକ ବିଷାକ୍ତ ବିଛା କାମୁଡ଼ିଦେଲା ଏବଂ ସତ୍ୟନାରାୟଣ କୋମାରେ ପଡ଼ିଗଲେ । ଯେତେବେଳେ କୋମାରୁ ଉଠି ସୁସ୍ଥ ହେଲେ ତାଙ୍କର ବ୍ୟବହାର ବିଚିତ୍ର ହେବାକୁ ଲାଗିଲା । ସତ୍ୟନାରାୟଣ ଖାଇବା ପିଇବା ତ୍ୟାଗକରି କେବଳ ପୁରାଣ ଶ୍ଳୋକ ଓ ମନ୍ତ୍ର ଉଚ୍ଚାରଣରେ ଧ୍ୟାନ ଦେଲେ । ୮ ବର୍ଷ ବୟସରେ ସେ ଭଜନ ରଚନା କରୁଥିଲେ । ୧୪ ବର୍ଷ ବୟସରେ ୨୩ ମେ ୧୯୪୦ରେ ସତ୍ୟନାରାୟଣ ନିଜର ଅବତାର ବିଷୟରେ ଘୋଷଣା କଲେ ତଥା ଜୀବନକୁ ଲୋକଙ୍କ ସେବାରେ ସମର୍ପଣ କଲେ । ସତ୍ୟସାଇଙ୍କ ବିଷୟରେ କୁହାଯାଏ ଯେ, ଭକ୍ତଙ୍କ ବିପତ୍ତି ସମୟରେ ବାବାଙ୍କୁ ଡ଼ାକିଲେ ତତ୍ପରତାର ସହ ଲୋକଙ୍କ କଥା ଶୁଣୁଥିଲେ। କୁହାଯାଏ ଶିରିଡ଼ିରେ ସାଇବାବା, ଆନ୍ଧ୍ରପ୍ରଦେଶରେ ସତ୍ୟସାଇ ବାବାଙ୍କ ପରେ କର୍ଣ୍ଣାଟକରେ ପ୍ରେମ ସାଇବାବାଙ୍କ ଆବିର୍ଭାବ ହେବ। ସତ୍ୟସାଇ ବାବା ଆଧ୍ୟାତ୍ମିକ ଗୁରୁ ଓ ପ୍ରେରକ ବ୍ୟକ୍ତିତ୍ୱ ଥିଲେ । ସତ୍ୟସାଇ ସର୍ବଦା ତାଙ୍କ ଭକ୍ତଙ୍କୁ ସାହାଯ୍ୟ କରୁଥିଲେ। ଭକ୍ତଙ୍କୁ ମୂଲ୍ୟବାନ ଉପଦେଶ ଦେଉଥିଲେ। ଭଲ ସ୍ୱଭାବ, ଶୁଦ୍ଧ ଆଚରଣ ପାଇଁ ଭକ୍ତଙ୍କୁ ବୁଝାଉଥିଲେ । ସତ୍ୟସାଇଙ୍କ ମତରେ କୌଣସି ଧର୍ମ ଉଚ୍ଚ ନୀଚ ନୁହେଁ। ଆମେ ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖିବା ପାଇଁ ସତ୍ୟସାଇ ଭକ୍ତମାନଙ୍କୁ ବୁଝାଉଥିଲେ । ସାଇବାବା ତାଙ୍କ ଜୀବନକାଳରେ ବହୁତ ଶିକ୍ଷଣ ସଂସ୍ଥା, ହସ୍ପିଟାଲ ଏବଂ ଅନ୍ୟାନ୍ୟ ମାନବସେବା କାର୍ଯ୍ୟ କରୁଥିଲେ । ପ୍ରଶାନ୍ତି ନିଲୟମରେ ବାବାଙ୍କର ବିଶ୍ୱସ୍ତରୀୟ ହସ୍ପିଟାଲ୍ ଏବଂ ରିସର୍ଚ୍ଚ ସେଣ୍ଟର ରହିଛି । ପୁଟ୍ଟପର୍ତ୍ତିସ୍ଥିତ ଏହି ହସ୍ପିଟାଲରେ ୨୨୦ଟି ଶଯ୍ୟା ରହିଛି ଏବଂ ନିଶୁଳ୍କ ସର୍ଜିକାଲ ଓ ମେଡ଼ିକାଲ କେୟାର ସୁବିଧା ପ୍ରଦାନ କରାଯାଇଛି । ବାଙ୍ଗାଲୋର ଠାରେ ୩୩୩ ଶଯ୍ୟା ବିଶିଷ୍ଟ ଶ୍ରୀ ସତ୍ୟସାଇ ଇନିଷ୍ଟିଚ୍ୟୁଟ୍ ଅଫ୍ ହାୟର ମେଡ଼ିକାଲ ସାଇନ୍ସ କାର୍ଯ୍ୟକରୁଛି । ସମସ୍ତଙ୍କୁ ଭଲ ପାଅ, ସାହାଯ୍ୟ କର, କାହାର ଅନିଷ୍ଟ ଚିନ୍ତା କରନାହିଁ ଏହିସବୁ କଥା ବାବା ଭକ୍ତମାନଙ୍କୁ କହୁଥାନ୍ତି । ସତ୍ୟସାଇ ବାବା ଆଧ୍ୟାତ୍ମିକ ଗୁରୁ ଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ସତ୍ୟ, ପ୍ରେମ, ଶାନ୍ତି, ସଦ୍‌ଭାବନା, ଅହିଂସା ଆଦି ନୈତିକ ମୂଲ୍ୟବୋଧର ସର୍ବଦା ପାଳନ କରିବା ଉଚିତ୍ ବୋଲି ବାବା ଭକ୍ତମାନଙ୍କୁ ବୁଝାଉଥିଲେ। ବାବା ଭାରତରେ ତିନୋଟି ମନ୍ଦିର ମଧ୍ୟ ସ୍ଥାପନ କରିଛନ୍ତି। ମୁମ୍ବାଇରେ ଧର୍ମକ୍ଷେତ୍ର, ହାଇଦ୍ରାବାଦରେ ଶିବମ୍ ଏବଂ ଚେନ୍ନାଇରେ ସୁନ୍ଦରମ୍ ମନ୍ଦିର। ଏହା ବ୍ୟତୀତ ପୃଥିବୀର ୧୧୪ ଦେଶରେ ସତ୍ୟସାଇଙ୍କ କେନ୍ଦ୍ର ସ୍ଥାପିତ ହୋଇଛି। ଭାରତ ବ୍ୟତିତ ସମଗ୍ର ବିଶ୍ୱରେ ବାବାଙ୍କର ଲକ୍ଷାଧିକ ଭକ୍ତ ରହିଛନ୍ତି । ୧୯୫୭ରେ ବାବା ଉତ୍ତର ଭାରତର ମନ୍ଦିର ଦର୍ଶନ କରିଥିଲେ । ୮୫ ବର୍ଷର ଶାନ୍ତିପୂର୍ଣ୍ଣ ଜୀବନ ପରେ ୨୪ ଏପ୍ରିଲ୍ ୨୦୧୧ରେ ସତ୍ୟସାଇ ଦେହତ୍ୟାଗ କରିଥିଲେ।

## ଚରମରେ କଳିଯୁଗ !

ଜ୍ୟୋତିଷ ଶାସ୍ତ୍ର ଏବଂ ପୁରାଣ ଗ୍ରନ୍ଥଗୁଡ଼ିକରେ ଯୁଗର ଭିନ୍ନ ଭିନ୍ନ ମୂଲ୍ୟ ରହିଛି । ପୌରାଣିକ ଗ୍ରନ୍ଥ ଅନୁଯାୟୀ, ଚାରୋଟି ଯୁଗ ଅଛି । ସେଗୁଡିକ ହେଉଛି ସତ୍ୟ, ତ୍ରେତୟା, ଦ୍ୱାପର ଏବଂ କଳି। କୁହାଯାଇଥାଏ କଳିଯୁଗରେ ପାପ



ଶିଖରରେ ରହିବ। ବର୍ତ୍ତମାନ କଳିକାଳ ଅର୍ଥାତ କଳିଯୁଗ ଚାଲିଛି। ଏହି ଯୁଗରେ କ'ଣ ହେବ ଏବଂ କ'ଣ ଘଟିବ ତାହା ଗ୍ରନ୍ଥରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଏଥିସହ ଏହି ଯୁଗରେ ଯେଉଁଠାରେ ପ୍ରଳୟ ହେବ ତେବେ କେବଳ ହରି କୀର୍ତ୍ତନ ହିଁ ରକ୍ଷା କରିପାରିବ। ତେବେ ଆସନ୍ତୁ ଜାଣିବା କଳିଯୁଗରେ କାହିଁକି ସାବଧାନ ରହିବାକୁ ହେବ ?

୧. ସତ୍ୟଯୁଗ- ଧାର୍ମିକ ଭାବରେ ସତ୍ୟଯୁଗରେ ଚାରି ପାଦ ଥିଲା । ସତ୍ୟଯୁଗରେ ମନୁଷ୍ୟର ଲମ୍ବ ୩୨ ଫୁଟ, ଅର୍ଥାତ୍ ପ୍ରାୟ ୨୧ ହାତ ବୋଲି ଦର୍ଶାଯାଇଛି। ଏହି ଯୁଗରେ ପାପର ମାତ୍ରା କେବଳ ୦ ପ୍ରତିଶତ। ସେହିଭଳି ପୁଣ୍ୟର ମାତ୍ରା ୧୦୦ ପ୍ରତିଶତ। ଉଲ୍ଲେଖ ରହିଛି ସତ୍ୟ ପାଇଁ ଶେଷରେ ହରିଚନ୍ଦ୍ର ମଧ୍ଯ ନିଜ ପରିବାରକୁ ବଳିଦାନ ଦେଇଥିଲେ।

୨.ତ୍ରେତୟା ଯୁଗ- ତ୍ରେତୟା ଯୁଗରେ ଧର୍ମର ତିନି ପାଦ ଥିଲା। ଏହି ଯୁଗରେ ମନୁଷ୍ୟର ଲମ୍ବ ୨୧ ଫୁଟ, ଅର୍ଥାତ୍ ପ୍ରାୟ ୧୪ ହାତ ବୋଲି କୁହାଯାଇଛି। ଏହି ଯୁଗରେ, ପାପର ପରିମାଣ ହେଉଛି ୨୫ ପ୍ରତିଶତ ଏବଂ ପୁଣ୍ୟର ପରିମାଣ ହେଉଛି ୭୫ ପ୍ରତିଶତ। ଏହି ଯୁଗରେ ବିଷ୍ଣୁ ରାମ ଅବତାର ଧାରଣ କରିଥିଲେ। ରାକ୍ଷସ ରାଜ ରାବଣଙ୍କ ଠାରୁ ସୀତାଙ୍କୁ ଅପହରଣ କରିବା ସତ୍ତ୍ୱେ ତାଙ୍କୁ ସ୍ପର୍ଶ କରିନଥିଲେ।

୩.ଦ୍ୱାପର ଯୁଗ- ଦ୍ୱାପରରେ ଧର୍ମର କେବଳ ଦୁଇଟି ପାଦ ଥିଲା ଏହି ଯୁଗରେ ମନୁଷ୍ୟର ଲମ୍ବ ୧୧ ଫୁଟ, ଅର୍ଥାତ୍ ପ୍ରାୟ ୭ ହାତ ବୋଲି କୁହାଯାଏ। ଏହି ଯୁଗରେ, ପାପର ପରିମାଣ ୫୦ ପ୍ରତିଶତ ହୋଇଥିବା ବେଳେ ପୁଣ୍ୟର ମାତ୍ରା ମଧ୍ୟ୫୦ ପ୍ରତିଶତ ଥିଲଏ। ଏହାର ଅର୍ଥ ହେଉଛି ଏହି ଯୁଗରେ ଅଧା ମଣିଷ ପାପୀ ଏବଂ ଅଧା ପୁଣ୍ୟାତ୍ମା ଥିଲେ। ଏହାବ୍ୟତୀତ ଏହି ସମୟରେ ମହାଭାରତ ଯୁଦ୍ଧ ହୋଇଥିଲା। ଏହି ସମୟରେ ଭଗବାନ କୃଷ୍ଣ ଧର୍ମକୁ ରକ୍ଷା କରିଥିଲେ।

୪. କଳିଯୁଗ- କଳିଯୁଗରେ ଦୁଇଟି ପାଦ ରହିଛି ଏବଂ ବର୍ତ୍ତମାନ ଏହିଯୁଗରେ ଧର୍ମର କୌଣସି ଚିହ୍ନବର୍ଣ୍ଣ ନାହିଁ। ବର୍ତ୍ତମାନ ଧର୍ମର ପକ୍ଷାଘାତ ହୋଇଯାଇଛି। ଏହି ଯୁଗରେ ମନୁଷ୍ୟର ହାରାହାରି ଲମ୍ବ ୫ ଫୁଟ୍ ୫ ଇଞ୍ଚ ଅର୍ଥାତ ପାଖାପାଖି ସାଢେ ତିନି ହାତ। ଏଥିସହ ଏହି ଯୁଗରେ ଧର୍ମର କେବଳ ଏକ ଚତୁର୍ଥ ଅଂଶ ରହିଛି। ସେହିଭଳି ପାପର ମାତ୍ରା ୭୫ ପ୍ରତିଶତ ହୋଇଥିବା ବେଳେ ପୁଣ୍ୟର ମାତ୍ରା ୭୫ ପ୍ରତିଶତ। କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ କଳିକାଳ ଶିଖରରେ ରହିଛି। ପୂର୍ବରୁ ଉଲ୍ଲେଖ କରାଯାଇଥିବା ୨୫ ପ୍ରତିଶତ ପୁଣ୍ୟର ମାତ୍ରା ବର୍ତ୍ତମାନ ଏହା କେଉଁଠାରେ ଦେଖାଯାଉନାହିଁ। ପାଖାପାଖି ୫ ପ୍ରତିଶତ ପୁଣ୍ୟ ବଞ୍ଚି ରହିଥିବ।

# ଅଙ୍ଗନ୍ କା ଉତ୍ସବ ଅଭିଯାନ ଉଦ୍‌ଘାଟିତ

**ଭୁବନେଶ୍ୱର,୩୦।୯ (ମହାଭାରତ):** ରାଜ୍ୟରେ ଶିଶୁ, ମହିଳା ଓ କିଶୋରୀମାନଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ସଚେତନତାକୁ ବ୍ୟାପକ କରିବା ଲକ୍ଷ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗର ସମ୍ମିଳନୀ କକ୍ଷରୁ 'ଅଙ୍ଗନ୍ କା ଉତ୍ସବ' ଅଭିଯାନର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ସମାରୋହ ଅବସରରେ ମହିଳା ଓ ଶିଶୁ କଲ୍ୟାଣକୁ ଆହୁରି ସୁଦୃଢ଼ କରିବା ସହ ଆଗଧାଡ଼ିର କର୍ମୀଙ୍କ ଯୋଗଦାନକୁ ସ୍ୱୀକୃତି ଦେଇ, ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କ ଶାଢ଼ୀ ଭତ୍ତା ବାବଦକୁ ୧୩୯୦/- ଟଙ୍କାରୁ ୧୫୦୦/- ଟଙ୍କାକୁ ବୃଦ୍ଧି କରାଯାଇଛି, ଯେଉଁଥିରେ ଭାରତ ସରକାର ୬୦୦ ଟଙ୍କା ଏବଂ ଓଡ଼ିଶା ସରକାର ୯୦୦ ଟଙ୍କା ପ୍ରଦାନ କରିବେ। ସମୁଦାୟ ୨୨.୩୦ କୋଟି ଟଙ୍କାର ବ୍ୟୟବରାଦରେ ରାଜ୍ୟର ପ୍ରାୟ ୧.୪୮ ଲକ୍ଷ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ।

ଏଥିସହ ରାଜ୍ୟର ପୋଷଣ, ସ୍ୱାସ୍ଥ୍ୟ ଓ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ସେବାର ମୁଖ୍ୟ ପୁରୋଧା ସାଜିଥିବା ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରଶାସନିକ ବୋଝ କମାଇବା ପାଇଁ, ଉପମୁଖ୍ୟମନ୍ତ୍ରୀ 'ଦୀପ୍ତି' (ଡାଇରେକ୍ଟ ଇନଭଏସ୍, ପେମେଂଟ ଆଣ୍ଡ ଟ୍ରାକିଂ ଇଂଟରଫେସ୍) ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଡିସକମ୍ ର ମିଳିତ ସହଯୋଗରେ ବିକଶିତ ଏହି ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ବିଜୁଳି ବିଲ୍ ଯାଂଚ, ପରିଶୋଧ ଓ ଟ୍ରାକିଂ ସିଧାସଳଖ ସମ୍ପାଦିତ ହେବ ଏବଂ ଏହି ଦିଗରେ ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶାରେ ପ୍ରଥମ ବିଭାଗ ହୋଇଥିବାରୁ ଅନ୍ତର୍ଭୁକ୍ତ ଅଧିକାରୀ ମାନଙ୍କୁ ମନ୍ତ୍ରୀ ସାଧୁବାଦ୍ ଜଣାଇଛନ୍ତି। ଏହାଦ୍ୱାରା ଅଙ୍ଗନବାଡ଼ି କର୍ମୀମାନେ ବିଜୁଳି ବିଲ୍ ଦେବାର ଆର୍ଥିକ ଦାୟିତ୍ୱରୁ ମୁକ୍ତ ହେବା ସହ କେନ୍ଦ୍ରଗୁଡ଼ିକରେ ଅବିରତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ ହେବ। ଏହି ପଦକ୍ଷେପ ଅଙ୍ଗନବାଡ଼ି କର୍ମୀଙ୍କ ବହୁମୂଲ୍ୟ ସମୟ ବଞ୍ଚାଇବ, ଯାହାକୁ ସେମାନେ ଶିଶୁ ଓ ମା'ମାନଙ୍କର ସେବାରେ ନିୟୋଜିତ କରିପାରିବେ ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ବକ୍ତବ୍ୟ ରଖି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ତୃଣମୂଳ ସ୍ତରରେ ପୋଷଣ ଏବଂ ଶିଶୁ ବିକାଶ ସେବା ଯୋଗାଇବାରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିସହ ଶିଶୁ ଓ ମାତୃ କଲ୍ୟାଣକାରୀ ଯୋଜନାଗୁଡ଼ିକରେ ସମୁଦାୟର ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଏହି ଅଭିଯାନକୁ ଏକ ଅର୍ଥପୂର୍ଣ୍ଣ ମାଧ୍ୟମ କରିବାକୁ ସେ ଆହ୍ୱାନ କରିଛନ୍ତି।




ସମଗ୍ର ରାଜ୍ୟରେ ୯ ସେପ୍ଟେମ୍ବର ରୁ ୮ ଅକ୍ଟୋବର ପର୍ଯ୍ୟନ୍ତ 'ପୋଷଣ ମାସ' ଏବଂ ୧୭ ସେପ୍ଟେମ୍ବର ରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ 'ସେବା ସଂକଳ୍ପ ଅଭିଯାନ' ଚାଲୁରହିଥିବା ବେଳେ, ଏହି ଅଭିଯାନ ଅଧୀନରେ ରାଜ୍ୟର ସମସ୍ତ ୭୪,୨୨୪ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରରେ ୨୭ ରୁ ୨୯ ସେପ୍ଟେମ୍ବର ପର୍ଯ୍ୟନ୍ତ ୩-ଦିନିଆ ବିଶେଷ କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିରେ ପ୍ରାୟ ୩୭,୧୧,୨୦୦ ଜଣ ହିତାଧିକାରୀ ଓ ଅଙ୍ଗନୱାଡ଼ି ମ୍ୟାନେଜମେଂଟ କମିଟି (ଏଏମସି) ସଦସ୍ୟ ଏବଂ ୧୩,୦୩,୪୧୫ ଜଣ (୩ ରୁ ୬ ବର୍ଷର) ଶିଶୁ ଭାଗନେବେ। ଏହି ତିନି ଦିନିଆ କାର୍ଯ୍ୟସୂଚୀର ପ୍ରଥମ ଦିନ -୨୭ ସେପ୍ଟେମ୍ବର, 'ପୋଷଣ ଓ ଖାଦ୍ୟ ପ୍ରତିଯୋଗିତା' ଭାବେ ପାଳିତ ହେବ, ଯେଉଁଥିରେ ପରିବାର ସଦସ୍ୟଙ୍କ ଦ୍ୱାରା ପ୍ରସ୍ତୁତ 'ପୋଷଣ ପିଠା' ପ୍ରଦର୍ଶିତ ହେବ ଏବଂ ସ୍ଥାନୀୟ ଖାଦ୍ୟ ସାମଗ୍ରୀ ବ୍ୟବହାର କରି ପିତାମାନଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦ୍ୱିତୀୟ ଦିନ-୨୮ ସେପ୍ଟେମ୍ବର, ଶିଶୁ ଭିତ୍ତିକ ମନୋରଞ୍ଜନ, ଖେଳ, କାହାଣୀ କହିବା ସହ 'ଆମ କୁନିପିଲା' ଓ 'ମୋ ବିକାଶ ପତ୍ର' ଅନ୍ୟାନ ପଠନ ସାମଗ୍ରୀ ପ୍ରଦର୍ଶନ ସହ ଶିଶୁଙ୍କ ପାଇଁ ଲସି, ସ୍ଥାନୀୟ ଫଳ ଓ ମିଲେଟ୍ କୁକି ଦିଆଯିବ।

## ଥାଲାସେମିଆ ସମ୍ପର୍କରେ ସଚେତନତା

**ଭୁବନେଶ୍ୱର,୩୦।୯ (ମହାଭାରତ):** ଥାଲାସେମିଆ ରୋଗ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି ସହ ଅଜଣା ରହିଯାଉଥିବା ରୋଗୀଙ୍କୁ ଚିହ୍ନଟ କରିବା ପାଇଁ ନିରନ୍ତର ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାକୁ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଇଣ୍ଡିଆନ୍ ରେଡ୍ କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା କୁ ଆହ୍ୱାନ ଦେଇଛନ୍ତି। ଲୋକ ଭବନସ୍ଥିତ ନ୍ୟୁ ଅଭିଷେକ ହଲ୍‌ର ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ୨୦୨୫-୨୬ର କାର୍ଯ୍ୟକାରୀ କମିଟି ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟପାଳ ଥାଲାସେମିଆ ସମ୍ପର୍କରେ ଦୀର୍ଘମିଆଦୀ ସଚେତନତା ଅଭିଯାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ବଢୁଥିବା ପରିପ୍ରେକ୍ଷୀରେ ଏବଂ ଅନେକ ମାମଲା ଚିହ୍ନଟ ନ ହୋଇ ରହିଯାଇଥିବା ସମ୍ଭାବନା ଥିବାରୁ ନିରନ୍ତର ସଚେତନତା ଅଭିଯାନ ଚଳାଇବାକୁ ସେ ପରାମର୍ଶ ଦେଇଥିଲେ। ରେଡ୍‌କ୍ରସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କର୍ପୋରେଟ୍ ସଂସ୍ଥାଗୁଡ଼ିକ ସହ ଯୋଗାଯୋଗ କରି କର୍ପୋରେଟ୍ ସୋସିଆଲ୍ ରେସ୍ପନ୍ସିବିଲିଟି ମାଧ୍ୟମରେ ସହଯୋଗ ହାସଲ କରିବାକୁ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଥିଲେ। କାର୍ଯ୍ୟକଳାପର ନିୟମିତ ସମୀକ୍ଷା ଓ ଅନୁସରଣ ପାଇଁ କାର୍ଯ୍ୟକାରୀ କମିଟି ବର୍ଷକୁ ଅତି କମ୍ ରେ ତିନିଥର ବୈଠକ କରିବା ଉଚିତ ବୋଲି ସେ କହିଥିଲେ। ଓଡ଼ିଶାରେ ରେଡ୍ କ୍ରସ୍ ର କାର୍ଯ୍ୟକଳାପରେ ସନ୍ତୋଷ ପ୍ରକାଶ କରି ରାଜ୍ୟପାଳ ବୃଦ୍ଧଜନ ସେବାରେ ନିୟୋଜିତ ସ୍ୱେଚ୍ଛାସେବୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଆୟୋଜନର ପରାମର୍ଶ ଦେଇଥିଲେ। ଏଥିପାଇଁ ଆବଶ୍ୟକ ସରକାରୀ ଅନୁମୋଦନ ନେବା ସହ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ସହଯୋଗ ନେବାକୁ ସେ କହିଥିଲେ। ରାଜ୍ୟପାଳ କହିଥିଲେ ଯେ, ଇଣ୍ଡିଆନ୍ ରେଡ୍ କ୍ରସ୍ ସୋସାଇଟି ମାନବତା ପ୍ରତି ନିଃସ୍ୱାର୍ଥ ସେବାର ପ୍ରତୀକ।

## ପୁସ୍ତକ 'ଉଠିବ କି ଜାତିର କଙ୍କାଳ' ଲୋକାର୍ପିତ



**ଭୁବନେଶ୍ୱର,୩୦।୯ (ମହାଭାରତ):** ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଶନିବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଲିଖିତ ପୁସ୍ତକ "ଉଠିବ କି ଜାତିର କଙ୍କାଳ"କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଲୋକାର୍ପିତ କରିଛନ୍ତି। ବିଶ୍ୱମୁକ୍ତି ପକ୍ଷରୁ ଆୟୋଜିତ ଏହି ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା,କ୍ରୀଡ଼ା ଓ ଯୁବ ବ୍ୟାପାର,ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ , ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଶିଷ୍ଟ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ, ବିଶିଷ୍ଟ ଲେଖିକା ତଥା ବାଗ୍ମୀ ପ୍ରଫେସର ଅର୍ଚ୍ଚନା ନାୟକ ଏବଂ ବିଶ୍ୱମୁକ୍ତି ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ଶଶାଙ୍କ ଚୂଡ଼ାମଣି ଓ ବନ୍ଧୁ ପରିବାରବର୍ଗ ଉପସ୍ଥିତ ଥିଲେ। ପୁସ୍ତକ 'ଉଠିବ କି ଜାତିର କଙ୍କାଳ' ବାସ୍ତବରେ ସମାଜ ଭିତରେ ହେଉଥିବା ଅନ୍ୟାୟ, ଅତ୍ୟାଚାର, ଦୁର୍ଘଟଣା ଏବଂ ବିଭିନ୍ନ ବାଧକ ବିଷୟରେ ମୋ ଭିତରେ ସୃଷ୍ଟି ହେଉଥିବା ଉଦ୍‌ବେଳନରୁ ହିଁ ସୃଷ୍ଟ ବୋଲି ଆଇନ ମନ୍ତ୍ରୀ ଏହି ଅବସରରେ କହିଛନ୍ତି। ଉକ୍ତ ପୁସ୍ତକରେ ଥିବା କବିତା ସଂକଳନ ଆଗାମୀ ଦିନରେ ଓଡ଼ିଆ କାବ୍ୟ ଜଗତରେ ତଥା ଯୁବ ପାଠକ ପାଠିକା ମାନଙ୍କ ମଧ୍ୟରେ ନୂଆ ସ୍ପନ୍ଦନ ଆଣିଦେବ ବୋଲି ଆମର ଦୃଢ ଆଶା ଓ ବିଶ୍ୱାସ।

## ଅଚ୍ୟୁତ ସାମନ୍ତଙ୍କୁ ଏକାଧିକ ଅନ୍ତର୍ଜାତୀୟ ସମ୍ମାନ

**ଭୁବନେଶ୍ୱର,୩୦।୯ (ମହାଭାରତ):** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏକାଧିକ ଅନ୍ତର୍ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀ ସାମନ୍ତଙ୍କ ରୋମାନିଆ ଗସ୍ତ ଅବସରରେ ତାଙ୍କୁ ମିଲିଶାଉଟି ସହରର ସମ୍ମାନସୂଚକ ନାଗରିକତା, ବାର୍ଲାଡ୍ ସହରର 'କି ଟୁ ଦି ସିଟି' ଏବଂ ସିମାନ ଚାମ୍ପିୟନସ ଆୱାର୍ଡସ ୨୦୨୬ରେ 'ଲିଡର ଅଫ୍ ଦି ଇୟର' ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଜୀବନ ବ୍ୟାପୀ କାର୍ଯ୍ୟ ପାଇଁ ଶ୍ରୀ ସମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରୋମାନିଆ ଭଳି ଦେଶର ଦୁଇଟି ସହରରୁ ଏଭଳି ବିରଳ ସମ୍ମାନ ପାଇବାରେ ଅଚ୍ୟୁତ ସାମନ୍ତ ହେଉଛନ୍ତି ପ୍ରଥମ ଓଡ଼ିଆ। ଉଭୟ ସହରର ମେୟରମାନଙ୍କଠାରୁ ଶ୍ରୀ ସାମନ୍ତ ଏହି ସମ୍ମାନ ଗ୍ରହଣ କରିଥିବା ବେଳେ ସମ୍ମାନ ପ୍ରଦାନ ସମାରୋହରେ ସହରର କାଉନସିଲ୍ ସଦସ୍ୟ ତଥା ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ରୋମାନିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଡ. ମନୋଜ କୁମାର ମହାପାତ୍ର ଉପସ୍ଥିତ



ଥିଲେ। ସୂଚନାଯୋଗ୍ୟ, ସମ୍ମାନସୂଚକ ନାଗରିକତା ହେଉଛି ରୋମାନିଆର ଏକ ସହର ଦ୍ୱାରା ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ। ସହର ପରିଷଦର ସଦସ୍ୟମାନେ ମତଦାନ କରି ବିଶ୍ୱର ଯେକୌଣସି ସ୍ଥାନର ଏପରି ଜଣେ ବ୍ୟକ୍ତିଙ୍କ ଜୀବନ ଓ କାର୍ଯ୍ୟକୁ ପ୍ରଶଂସା ଏହି ସମ୍ମାନ ପ୍ରଦାନ କରିଥାନ୍ତି। ଏହି ସମ୍ମାନ ବ୍ୟକ୍ତିଙ୍କୁ ପାସପୋର୍ଟ କିମ୍ବା ଭୋଟ୍ ଦାନ ଅଧିକାର ଦେଉ ନଥିଲେ ମଧ୍ୟ ତା'ଠାରୁ ଅଧିକ ସମ୍ମାନ ପ୍ରଦାନ କରେ।

ସେହିପରି 'କି ଟୁ ଦି ସିଟି' ହେଉଛି ୟୁରୋପର ଏକ ପ୍ରାଚୀନ ପରମ୍ପରା। କୁହଯାଏ, ଯେତେବେଳେ ସହରଗୁଡ଼ିକରେ ପ୍ରବେଶ ପାଇଁ ଫାଟକ ରହୁଥିଲା, ସେତେବେଳେ ସେମାନେ ନିଜ ସହରର ଚାବି କେବଳ ଜଣେ ବିଶ୍ୱାସଯୋଗ୍ୟ ବ୍ୟକ୍ତିଙ୍କୁ ହିଁ ଦେଉଥିଲେ। ଶ୍ରୀ ସାମନ୍ତଙ୍କ ପ୍ରତି ସେମାନଙ୍କ ଭଲପାଇବା ଓ ବିଶ୍ୱାସ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉଭୟ ବାର୍ଲାଡ ଓ ମିଲିସାଉଟି ସହର ଶ୍ରୀ ସାମନ୍ତଙ୍କ ମଧ୍ୟରେ ସେହି ମୂଲ୍ୟବୋଧକୁ ହିଁ ଦେଖି ଏହି ସମ୍ମାନ ପ୍ରଦାନ କରିଛନ୍ତି। ଶ୍ରୀ ସାମନ୍ତଙ୍କୁ ସିମାନ 'ଲିଡର ଅଫ୍ ଦି ଇୟର' ୨୦୨୬ ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି। ଶିକ୍ଷା, ସାମାଜିକ ବିକାଶ, ମାନବୀୟ ସେବା ଓ ପ୍ରତିଷ୍ଠାନ ଗଠନ କ୍ଷେତ୍ରରେ ତାଙ୍କ ଅବଦାନକୁ ଏହି ସମ୍ମାନ ସ୍ୱୀକୃତି ଦେଇଛି। ବୁଖାରେଷ୍ଟରେ ଅନୁଷ୍ଠିତ ୩୪ତମ ସିମାନ ବାର୍ଷିକ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ ସାମନ୍ତଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ପୁରସ୍କାର ଗ୍ରହଣ କରିଥିଲେ।

ରୋମାନିଆବାସୀଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇ ଶ୍ରୀ ସାମନ୍ତ କହିଲେ, "ରୋମାନିଆର ମିଲିଶାଉଟିରେ ଯେଉଁ ଆତ୍ମୀୟତା ଓ ଉଷ୍ମତାର ସହ ସ୍ୱାଗତ କରାଯାଇଥିଲା, ତାହା ମୋତେ ଗଭୀର ଭାବେ ଭାବବିହ୍ୱଳ କରିଛି। ଉଭୟ ସହରର ଲୋକଙ୍କଠାରୁ ମିଳିଥିବା ଭଲପାଇବା ଓ ଆତ୍ମୀୟତା ସବୁବେଳେ ମୋ ହୃଦୟର ଅତି ନିକଟରେ ରହିବ।"

ସେହିପରି ଶିକ୍ଷା, ସାମାଜିକ ବିକାଶ, ମାନବସେବା ଓ ଅନୁଷ୍ଠାନ ଗଠନ କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ ଶ୍ରୀ ସାମନ୍ତଙ୍କୁ ସିମାନ 'ଲିଡର ଅଫ୍ ଦି ଇୟର' ସମ୍ମାନ ପ୍ରଦାନ କରାଯାଇଛି। ପ୍ରତିବର୍ଷ ସିମାନ ଚାମ୍ପିଅନସିପ ସମ୍ମାନ ପକ୍ଷରୁ ସିମାନ 'ଲିଡର ଅଫ୍ ଦି ଇୟର' ସମ୍ମାନ ପ୍ରଦାନ କରାଯାଇଥାଏ।

## କଟକ ରେଳ ଷ୍ଟେସନରେ ସ୍ୱଚ୍ଛତା ଅଭିଯାନ

**ଭୁବନେଶ୍ୱର,୩୦।୯ (ମହାଭାରତ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶନିବାର କଟକ ରେଳ ଷ୍ଟେସନରେ 'ସ୍ୱଚ୍ଛତା ହିଁ ସେବା-୨୦୨୬' ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଷ୍ଟେସନର ପୂର୍ବ ପାର୍ଶ୍ୱ ମୁଖ୍ୟ ପ୍ରବେଶ ପଥ ନିକଟରେ ସଫେଇ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେ ରେଳ ଅଧିକାରୀ, କର୍ମଚାରୀ ଓ ଯାତ୍ରୀମାନଙ୍କୁ ରେଳ ପରିସରକୁ ସ୍ୱଚ୍ଛ ରଖିବାରେ ସହଯୋଗ କରିବାକୁ ଉତ୍ସାହିତ କରିଥିଲେ। ସ୍ୱଚ୍ଛତା ଅଭିଯାନ ଅବସରରେ ଶ୍ରୀ ଫୁଙ୍କୱାଲ ଯାତ୍ରୀମାନଙ୍କ ସହ ଆଲୋଚନା କରି ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଦିଗରେ ସଚେତନ ହେବାକୁ ଆହ୍ୱାନ କରିଥିଲେ। ସେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟାଗ୍ ର ବ୍ୟବହାର ଏଡ଼ାଇବା ସହ ଏହାର ବିକଳ୍ପ ଭାବେ ପରିବେଶ ଅନୁକୂଳ ପୁନଃବ୍ୟବହାର ଯୋଗ୍ୟ ଝୋଟ ବ୍ୟାଗ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଯାତ୍ରୀମାନଙ୍କୁ ଝୋଟ ବ୍ୟାଗ୍ ବଂଟନ କରି ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର କମାଇବା ଏବଂ ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ମହାପ୍ରବନ୍ଧକ ଯାତ୍ରୀମାନଙ୍କୁ ରେଳ ପରିସରରେ ଆବର୍ଜନା ଏଣେତେଣେ ନ ପକାଇ ନିର୍ଦ୍ଧାରିତ ଡଷ୍ଟବିନ୍ ?ରେ ପକାଇବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ, ରେଳ ଷ୍ଟେସନରେ ସ୍ୱଚ୍ଛତା ବଜାୟ ରଖିବା କେବଳ ରେଳ ପ୍ରଶାସନର ଦାୟିତ୍ୱ ନୁହେଁ, ଏହା ଯାତ୍ରୀ ଓ ସାଧାରଣ ଜନତାଙ୍କ ସାମୂହିକ ଦାୟିତ୍ୱ। ଏଥିପାଇଁ ସେ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଜନଭାଗିଦାରୀକୁ ସୁଦୃଢ଼ କରିବା ସହ ରେଳ ପରିସରକୁ ସ୍ୱଚ୍ଛ ରଖିବାରେ ସକ୍ରିୟ ସହଯୋଗ କରିବାକୁ ଯାତ୍ରୀ ଓ ସାଧାରଣ ଜନତାଙ୍କୁ ଆହ୍ୱାନ କରିଥିଲେ।



ପୂର୍ବତଟ ରେଳପଥ ପକ୍ଷରୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ "ସ୍ୱଚ୍ଛତା ମେଁ ସହଭାଗ: ସ୍ୱଚ୍ଛ ଭାରତ, ବିକଶିତ ଭାରତ" ବିଷୟବସ୍ତୁକୁ ନେଇ ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନ ପାଳନ କରାଯାଉଛି। ଏହି ଅଭିଯାନ ମାଧ୍ୟମରେ ରେଳ କର୍ମଚାରୀ, ଯାତ୍ରୀ ଓ ସାଧାରଣ ଜନତାଙ୍କୁ ସାମିଲ କରି ଜନଭାଗିଦାରୀ ମାଧ୍ୟମରେ ସ୍ୱଚ୍ଛତା ବଜାୟ ରଖିବା, ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ଆବର୍ଜନା ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଉଛି। ଶ୍ରୀ ଫୁଙ୍କୱାଲ କଟକ ରେଳ ଷ୍ଟେସନର ପ୍ଲାଟଫର୍ମ, ପ୍ରତୀକ୍ଷାଳୟ, ଶୌଚାଳୟ, ଫୁଟ୍ ଓଭରବ୍ରିଜ୍, ସର୍କୁଲେଟିଂ ଏରିଆ, ପାନୀୟ ଜଳ ସ୍ଥାନ ଏବଂ ଖାଦ୍ୟ ଷ୍ଟଲ୍ ଗୁଡ଼ିକର ସ୍ୱଚ୍ଛତା ଏବଂ ପରିମଳ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏଥିସହ ସେ ଆବର୍ଜନା ପରିଚାଳନା, ଡ୍ରେନେଜ୍ ଓ ହାଉସକିପିଂ ବ୍ୟବସ୍ଥା ଯାଂଚ କରିବା ସହ ଷ୍ଟେସନ ପରିସରରେ ନିୟମିତ ସଫେଇ, ଆବର୍ଜନାର ସଠିକ୍ ପରିଚାଳନା ଓ ନିଷ୍କାସନ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ। ମହାପ୍ରବନ୍ଧକ ଷ୍ଟେସନର ଚାଲୁଥିବା ପୁନଃବିକାଶ କାର୍ଯ୍ୟର ମଧ୍ୟ ନିରୀକ୍ଷଣ କରିଥିଲେ ଏବଂ ଯାତ୍ରୀମାନଙ୍କୁ ଆଧୁନିକ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଚାଲୁଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ।

## ନିର୍ବାଚନ କମିଶନରଙ୍କୁ ବରଖାସ୍ତ ଦାବିରେ ବାମପନ୍ଥୀ ଦଳର ବିକ୍ଷୋଭ

**ଭୁବନେଶ୍ୱର,୩୦।୯ (ମହାଭାରତ):** ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ନାମରେ ଯୋଗ୍ୟ ନାଗରିକଙ୍କ ମତାଧିକାର ବଂଚିତ ହେବା ଏବଂ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ନିର୍ବାଚନ ଆୟୋଗର ସ୍ୱାଧୀନତା ନେଇ ଗମ୍ଭୀର ପ୍ରଶ୍ନ ଉଠିଥିବା ପ୍ରତିବାଦରେ ଶନିବାର ଭୁବନେଶ୍ୱର ମହାତ୍ମାଗାନ୍ଧୀ ମାର୍ଗରେ ସି.ପି.ଆଇ., ସି.ପି.ଆଇ.(ଏମ୍), ସି.ପି.ଆଇ.(ଏମ୍.ଏଲ୍.)- ଲିବରେସନ ଏବଂ ଫରୱାର୍ଡ଼ ବ୍ଲକ ପକ୍ଷରୁ ଏକ ବର୍ଣ୍ଣାଢ୍ୟ ପଟୁଆର, ବିକ୍ଷୋଭ ପ୍ରଦର୍ଶନ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ବିକ୍ଷୋଭ ସଭାରେ ଚାରି ବାମପନ୍ଥୀ ଦଳ ନିମ୍ନଲିଖିତ ଦାବି ଉପସ୍ଥାପନ କରିଥିଲେ- ମୁଖ୍ୟ ଅଭିଯୁକ୍ତ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ବରଖାସ୍ତ କରାଯାଉ, ତାଙ୍କ ବିରୋଧରେ ଉଠିଥିବା ସମସ୍ତ ପ୍ରଶ୍ନର ସ୍ୱାଧୀନ ଏବଂ ନିରପେକ୍ଷ ତଦନ୍ତ, ଏସ୍.ଆଇ.ଆର୍. ତୁରନ୍ତ ବନ୍ଦ, ଅନ୍ୟାୟ ଭାବେ ବାଦ୍ ପଡ଼ିଥିବା ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ତୁରନ୍ତ ପୁନଃସ୍ଥାପନ, ନିର୍ବାଚନ ଆୟୋଗର ସ୍ୱାଧୀନ ଓ ସ୍ୱଚ୍ଛ କାର୍ଯ୍ୟପ୍ରଣାଳୀ ପୁନଃସ୍ଥାପନ ଏବଂ ନିର୍ବାଚନ ଆୟୁକ୍ତ ନିଯୁକ୍ତି ବ୍ୟବସ୍ଥାରେ ସର୍ବୋଚ୍ଚ ଅଦାଲତର ମାର୍ଗଦର୍ଶିକାକୁ କାର୍ଯ୍ୟକାରୀ କରାଯାଉ। ଜ୍ଞାନେଶ କୁମାରଙ୍କୁ ହଟାଇବା, ଗଣତନ୍ତ୍ରକୁ ସୁରକ୍ଷା କରିବା, ମତାଧିକାରକୁ ସୁରକ୍ଷା କରିବା, ନିର୍ବାଚନ ପ୍ରକ୍ରିୟାର ବିଶ୍ୱସନୀୟତାକୁ ସୁରକ୍ଷା କରିବା ଆହ୍ୱାନରେ ୨୬ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତିବାଦ କାର୍ଯ୍ୟକ୍ରମକୁ ଦେଶବ୍ୟାପୀ କରିବାକୁ ଚାରି ବାମପନ୍ଥୀ ଦଳ ଘୋଷଣା କରିଛନ୍ତି। ଭଗତ ସିଂହ ଓ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିବସକୁ ଗଣତନ୍ତ୍ର, ମତାଧିକାର ଓ ନାଗରିକ ଅଧିକାରର ସୁରକ୍ଷା ପାଇଁ ଜନଆନ୍ଦୋଳନକୁ ଶକ୍ତିଶାଳୀ କରିବାର ଅବସର ଭାବେ ଗ୍ରହଣ କରାଯିବ। ବିକ୍ଷୋଭରେ ସି.ପି.ଆଇ. ରାଜ୍ୟ ସଂପାଦକ ଡ଼ଃ ପ୍ରଶାନ୍ତ କୁମାର ମିଶ୍ର, ସି.ପି.ଆଇ.(ଏମ୍) ରାଜ୍ୟ ସଂପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସି.ପି.ଆଇ.(ଏମ୍.ଏଲ୍.)-ଲିବରେସନ ରାଜ୍ୟ ସଂପାଦକ ଯୁଧିଷ୍ଠିର ମହାପାତ୍ର ଓ ଫରୱାର୍ଡ଼ ବ୍ଲକ ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ ଏବଂ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶିଷ କାନୁନଗୋ, ଜୟନ୍ତ ଦାସ ଉଦ୍‌ବୋଧନ ଦେଇଥିଲେ।

## ସିପାହୀ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ

**ଭୁବନେଶ୍ୱର,୩୦।୯ (ମହାଭାରତ):** ପ୍ରାଥମିକ ପ୍ରଶିକ୍ଷଣ ଅନୁଷ୍ଠାନ ବି.ଟି.ଆଇ., ବୁର୍ଲା, ସମ୍ବଲପୁରଠାରେ ପଂଚମ ବ୍ୟାଚ ସିପାହୀ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ତାଙ୍କ ଉଦବୋଧନରେ ଡିଜିପି ଶ୍ରୀ ମିଶ୍ର ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, ଏକାଡେମୀ ପକ୍ଷରୁ ଉତ୍କୃଷ୍ଟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ଏବଂ ଆଗାମୀ ଦିନରେ ବିଭିନ୍ନ ଚ୍ୟାଲେଞ୍ଜର ସାହସର ସହ ମୁକାବିଲା କରିବାକୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ପୋଲିସ ଜନସାଧାରଣଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ରଖିବା ଉଚିତ ବୋଲି ସେ ଉଲ୍ଲେଖ କରିଥିଲେ। "ସେବା ଓ ସୁରକ୍ଷା" ହେଉଛି ଓଡ଼ିଶା ପୋଲିସର ମୂଳମନ୍ତ୍ର ଏବଂ ସମାଜର ଦୁର୍ବଳ ଶ୍ରେଣୀ, ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପ୍ରଥମ କର୍ତ୍ତବ୍ୟ। ପେଶାଦାରିତା, ସମ୍ବେଦନଶୀଳତା ଓ ଉତ୍ତମ ବ୍ୟବହାର ଦ୍ୱାରା ପୋଲିସର ପ୍ରତିଛବିକୁ ଉଜ୍ଜ୍ୱଳ କରିବାକୁ ଡିଜିପି ଆହ୍ୱାନ ଦେଇଥିଲେ। ପଂଚମ ବ୍ୟାଚ ପ୍ରଶିକ୍ଷଣ ମୋଟ ୧୦୨୭ ଜଣ ପ୍ରଶିକ୍ଷାର୍ଥୀ ସଫଳତାର ସହ ପ୍ରଶିକ୍ଷଣ ସମାପ୍ତ କରି ଦୀକ୍ଷାନ୍ତ ସମାରୋହରେ ଭାଗ ନେଇଥିଲେ। ପ୍ରଶିକ୍ଷଣ ସମୟରେ ଏହି ପ୍ରଶିକ୍ଷାର୍ଥୀମାନେ ପୁରୀ ରଥଯାତ୍ରା, ସୁନ୍ଦରଗଡ଼, ସମ୍ବଲପୁର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ରାମନବମୀ, ସୁନ୍ଦରଗଡ଼, ସୋନପୁର ଓ ଝାରସୁଗୁଡ଼ାରେ ହନୁମାନ ଜୟନ୍ତୀ, ମୟୂରଭଞ୍ଜ ଜିଲ୍ଲାରେ ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ତଥା ସମ୍ବଲପୁର ଜିଲ୍ଲାରେ ଶୀତଳଷଷ୍ଠୀ ପର୍ବ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଉପଲକ୍ଷେ ଆଇନଶୃଙ୍ଖଳା ଡ୍ୟୁଟି ସଫଳତାର ସହ ସମ୍ପାଦନ କରିଥିଲେ। ପ୍ରଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ଇନ୍‌ଡୋର ବିଷୟରେ ୧ମ ସ୍ଥାନ ଅଧିକାର କରିଥିବା ଟିଙ୍କୁ ମହାନନ୍ଦ ଏବଂ ୨ୟ ସ୍ଥାନ ନରେନ୍ଦ୍ର ସାହୁ ସମ୍ମାନିତ ହୋଇଥିଲେ। ସେହିପରି ଆଉଟଡୋର ବିଷୟରେ ଆହୁତି ଅଗ୍ନିକର ପଲେଇ ଏବଂ ଦ୍ୱିତୀୟ ସ୍ଥାନରେ ସନ୍ତୋଷ କେସିଙ୍କୁ ଡିଜିପି ସମ୍ମାନିତ ରହିଥିଲେ। ସେହିପରି ଡିଜିପି ସର୍ବଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ ସୁମିତ ଥାପା ଏବଂ ସାମଗ୍ରିକ ଭାବେ ସର୍ବଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ ଭାବେ ଆହୁତି ଅଗ୍ନିକର ପଲେଇ, ଶୁଭ୍ରଜିତ ପଣ୍ଡା ଏବଂ ହିମାଂଶୁ ବାଗଙ୍କୁ ସମ୍ମାନିତ କରିଥିଲେ।

## ଗୋଟିଏ ଦିନରେ ୪୭ ଲକ୍ଷ ଅଧିକ ଚାରାରୋପଣ

**ଭୁବନେଶ୍ୱର :** ସବୁଜ ଓଡ଼ିଶା ଗଠନ ପାଇଁ ରାଜ୍ୟବ୍ୟାପୀ ଏକ ବଡ଼ ସାମୂହିକ ପ୍ରୟାସର ସାକ୍ଷୀ ହୋଇଛି ଓଡ଼ିଶା। ଏକ ପେଡ୍ ମା କେ ନାମ୍ ୩.୦' ଅଭିଯାନରେ ସେପ୍ଟେମ୍ବର ୨୫ ତାରିଖରେ ମାତ୍ର ଗୋଟିଏ ଦିନରେ ରାଜ୍ୟରେ ୪୭ ଲକ୍ଷରୁ ଅଧିକ ଚାରାରୋପଣ କରାଯାଇଛି। ସେବା ସଂକଳ୍ପ ଅଭିଯାନ-୨୦୨୬ର ଏହି ଚାରାରୋପଣ ଅଭିଯାନରେ ରାଜ୍ୟର ସମସ୍ତ ଜିଲ୍ଲା ଓ ସମସ୍ତ ଗ୍ରାମ ପଂଚାୟତ ସାମିଲ ହୋଇଥିବା ବେଳେ, ପରିବେଶ ସୁରକ୍ଷା ପାଇଁ ଗାଁ-ଗାଁରେ ସାମୂହିକ ସଂକଳ୍ପର ଏକ ଦୃଢ଼ ଚିତ୍ର ସାମ୍ନାକୁ ଆସିଛି।

ଏଥର ଗୋଟିଏ ଦିନର ଚାରାରୋପଣ ସଂଖ୍ୟା ଗତବର୍ଷର ୩୭ ଲକ୍ଷ ଚାରାରୋପଣ ରେକର୍ଡ ତୁଳନାରେ ଅଧିକ ହୋଇଛି। ରାଜ୍ୟର ୧୪ ହଜାରରୁ ଅଧିକ ସ୍ଥାନରେ ଚାରାରୋପଣ କରାଯାଇଥିବା ଏହି ବିଶାଳ ଅଭିଯାନ ତୃଣମୂଳସ୍ତରରେ ଏହାର ବ୍ୟାପକ ପହଂଚ ଓ ଲୋକଙ୍କ ଅଂଶଗ୍ରହଣକୁ ପ୍ରତିଫଳିତ କରିଛି।



ରାଜ୍ୟବ୍ୟାପୀ ଏହି ଅଂଶଗ୍ରହଣକୁ ସ୍ୱାଗତ କରି ଗ୍ରାମ୍ୟ ଉନ୍ନୟନ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ, ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଓ ଗ୍ରାମ ପଂଚାୟତର ଅଂଶଗ୍ରହଣ ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ଗଠନ ପାଇଁ ଓଡ଼ିଶାବାସୀଙ୍କ ସାମୂହିକ ସଂକଳ୍ପକୁ ପ୍ରତିଫଳିତ କରୁଛି। ଚାରା ଲଗାଇବା କେବଳ ଆରମ୍ଭ ମାତ୍ର; ଏହାର ଯତ୍ନ ନେବା ଏବଂ ଚାରାଗୁଡ଼ିକୁ ବଂଚାଇ ରଖିବା ମଧ୍ୟ ସମାନ ଭାବେ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି। ଗାଁଗୁଡ଼ିକୁ ଅଧିକ ସବୁଜ, ସୁସ୍ଥ ଓ ସ୍ଥାୟୀ କରିବା ପାଇଁ ଏହି ଅଭିଯାନରୁ ସୃଷ୍ଟ ଉତ୍ସାହକୁ ଆଗକୁ ଜାରି ରଖିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-ତଥା-ସଚିବ ଶ୍ରୀ ଗିରିଶ ଏସ୍.ଏନ୍. ଏହି ସଫଳତା ପାଇଁ ଅଭିଯାନରେ ସାମିଲ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମନ୍ୱିତ ଦଳଗତ ପ୍ରୟାସ ମାଧ୍ୟମରେ ରାଜ୍ୟର ଅନ୍ତର୍ନିହିତ ସାମର୍ଥ୍ୟକୁ କିପରି ବଡ଼ ସଫଳତାରେ ପରିଣତ କରାଯାଇପାରେ, ଏହା ତାହାର ଏକ ଉଦାହରଣ ବୋଲି ସେ କହିଛନ୍ତି। ପ୍ରତିକୂଳ ପାଣିପାଗ ସତ୍ତ୍ୱେ ଏହି ସଫଳତା ହାସଲ କରିଥିବା ରାଜ୍ୟର ସମସ୍ତ ଟିମ୍ ?ର ପ୍ରୟାସକୁ ସେ ବିଶେଷ ପ୍ରଶଂସା କରିବା ସହ ଏହି ଉତ୍ସାହ ଓ ଗତିକୁ ଆଗାମୀ ଦିନରେ ମଧ୍ୟ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଛନ୍ତି।

ଗୋଟିଏ ଦିନରେ ୪୭ ଲକ୍ଷରୁ ଅଧିକ ଚାରାରୋପଣ ତୃଣମୂଳସ୍ତରରେ ଓଡ଼ିଶାର ସାମୂହିକ ଶକ୍ତି ଓ ପରିବେଶ ପ୍ରତି ପ୍ରତିବଦ୍ଧତାକୁ ପ୍ରକାଶ କରିଛି। 'ଏକ ପେଡ୍ ମା କେ ନାମ୍ ୩.୦' ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ଗାଁ-ଗାଁରେ ପହଂଚିବା ସହ ଲଗାଯାଇଥିବା ପ୍ରତ୍ୟେକ ଚାରାର ଯତ୍ନ ନେଇ ଏକ ସବୁଜ ଭବିଷ୍ୟତ ଗଢ଼ିବାର ସାମୂହିକ ଦାୟିତ୍ୱ ଆହୁରି ଦୃଢ଼ ହୋଇଛି।

# ଲୋକଙ୍କ ଆକାଉଣ୍ଟକୁ ଟଙ୍କା

ାଷ୍ଟ୍ରର ବିକାଶ ହେଉଛି ସର୍ବାଗ୍ରେ। ଭାରତ ଓ ଚୀନ ମଧ୍ୟରେ ଏକ ବଡ଼ ପାର୍ଥକ୍ୟ ହେଲା ଚୀନରେ କର୍ମ ସଂସ୍କୃତିର ପ୍ରଭାବ ଅଧିକ। ଭାରତରେ ଏହା ନାହିଁ। ସେଥିପାଇଁ ଭାରତ ତୁଳନାରେ ଚୀନ ଅଧିକ ଅଗ୍ରଣୀ। ଭାରତରେ ମାଗଣା ବାଣ୍ଟିବା, ସଂରକ୍ଷଣ ଏବଂ ଦୁର୍ନୀତି ଦେଶକୁ ପଙ୍ଗୁ କରିସାରିଲାଣି। ଯେ ପର୍ଯ୍ୟନ୍ତ ଭାରତରେ କର୍ମ ସଂସ୍କୃତି ବିକଶିତ ନହୋଇଛି, ଯୋଗ୍ୟତାକୁ ସ୍ୱୀକୃତି ନମିଳିଛି ସେ ପର୍ଯ୍ୟନ୍ତ ଏହା ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ ନାହିଁ। ଭାରତରେ ଗତ କିଛି ବର୍ଷ ହେବ ମାଗଣା ବଣ୍ଟନ ଯୋର ଧରିଛି। ଭାରତ ଏକ ଜନକଲ୍ୟାଣକାରୀ ଦେଶ। ଏଠାରେ ସରକାର ଲାଭ କ୍ଷତିର ହିସାବ ନରଖି କେବଳ ଲୋକକଲ୍ୟାଣକୁ ଗରିୁତ୍ୱ ଦିଅନ୍ତି। ସେଥିପାଇଁ ଲୋକେ ଟିକସ ଦିଅନ୍ତି। ଏହା ସ୍ୱାଗତ ଯୋଗ୍ୟ। କିନ୍ତୁ ଜନକଲ୍ୟାଣ ଅର୍ଥ ନୁହେଁ ଯେ, ଲୋକଙ୍କୁ ମାଗଣା ସେବା ଏବଂ ସାମଗ୍ରୀ ଯୋଗାଇ ଦିଆଯିବ। କିନ୍ତୁ ରାଜନୈତିକ ଦଳମାନେ ଭୋଟ ବ୍ୟାଙ୍କ ପାଇଁ ଏଭଳି କରୁଛନ୍ତି। ଆମ ଲୋକଙ୍କ ମାନସିକତା ବି ତଦ୍ରୂପ। ସେମାନେ ଚାହାଁନ୍ତି ତତ୍କାଳ ଲାଭ। ଯିଏ ସେମାନଙ୍କୁ ନିର୍ବାଚନ ବେଳେ ଟଙ୍କା, ଚାଉଳ, ଭୋଜିଭାତରେ ଆପ୍ୟାୟିତ କଲା, ତାଙ୍କୁ ଲୋକେ ଭୋଟ ଦେଲେ। ଲୋକଙ୍କ ଏଭଳି ମାନସିକତାକୁ ଦେଖି ରାଜନୈତିକ ଦଳମାନେ ବିଭିନ୍ନ ସମୟରେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ଭୋଟ କିଣିବାରେ ଅଭ୍ୟସ୍ତ ହୋଇଗଲେଣି। ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ଲୋକଙ୍କୁ ମାଗଣା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦେବାର ଦାୟିତ୍ୱ ସରକାରଙ୍କର। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ମାଗଣା ଜୋତା, ମାଗଣା ସାଇକେଲ ଲାପଟପ, ସୁନା ଚେନ, ଲୋକଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଯିବ ଜନକଲ୍ୟାଣ ନୁହେଁ, ଏହା ଏକ ପ୍ରକାର ଲାଞ୍ଚ କାରବାର ବୋଲି କୁହାଯାଇପାରିବ। ଏଥିରେ ସବୁ ଦଳ ସମ୍ପୃକ୍ତ। ଯିଏ ଯେତେବେଳେ ଯେଉଁଠି ଶାସନ କ୍ଷମତା ଦଖଲ କଲା, ସେଠାରେ ସେ ଏଭଳି ମାଗଣା ଯୋଜନା କାର୍ଯ୍ୟକାରୀ କଲା। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଲୋଭନୀୟ ପ୍ରତିଶ୍ରୁତି ଦେଉଛନ୍ତି। ଭୋଟରମାନେ ନିର୍ବାଚନ ଇସ୍ତାହାରକୁ ଦେଖି ଖୋଜୁଛନ୍ତି କେଉଁ ଦଳ କ'ଣ ଦେବେ। ଏହାକୁ ଆଧାର କରି ସାଧାରଣ ଲୋକେ ଭୋଟ ଦେଉଛନ୍ତି। ଲୋକେ ଭୋଟ ଦେବା ବେଳେ ବ୍ୟକ୍ତିଗତ ଲାଭକୁ ଦେଖୁଛନ୍ତି। ଦେଶର ବିକାଶ ଏବଂ ସୁଶାସନକୁ ସେମାନେ ଗୁରୁତ୍ୱ ଦେଉ ନାହାଁନ୍ତି। ଏଥିପାଇଁ ଲୋକଙ୍କୁ ଦୋଷ ଦେଇ ଲାଭ ନାହିଁ। ଆମ ଦେଶର ନେତା, ରାଜନୈତିକ ଦଳମାନେ ଲୋକଙ୍କୁ ଏଭଳି ମାନସିକତା ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି। ସେମାନେ ନିଜ ଫାଇଦା ପାଇଁ ଲୋକଙ୍କୁ ଏପରି ନୀତି ଗ୍ରହଣ କରିବାକୁ ପରିସ୍ଥିତି ସୃଷ୍ଟି କରିଛନ୍ତି। ଦିଲ୍ଲୀରେ ୨୦୦ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଇ ଅରବିନ୍ଦ କେଜରିୱାଲ ନିର୍ବାଚନ ଜିତିଥିଲେ। ଏହାକୁ ଦେଖି ଅନ୍ୟ ଦଳମାନେ ମଧ୍ୟ ଭିନ୍ନ ମିନ୍ନ ରାଜ୍ୟରେ ଏଭଳି ପ୍ରତିଶ୍ରୁତି ଦେବାକୁ ଚାହିଁଲେ। ଲୋକେ ମଧ୍ୟ କହୁଛନ୍ତି, ଯଦି ଦିଲ୍ଲୀରେ ମାଗଣା ବିଜୁଳି ଦିଆଯାଉଛି, ଓଡ଼ିଶାରେ କାହିଁକି ଏହା ସମ୍ଭବ ନୁହେ ? କିନ୍ତୁ ବିଜୁଳି ଉତ୍ପାଦନ ଲାଗି ବିପୁଳ ଅର୍ଥ ବ୍ୟୟ ହେଉଛି। ଏହାକୁ କିଏ ଭରଣା କରିବ ? ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଭଳି ଏହା ଲୋକଙ୍କ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ। ଏହା ଏକ ସେବା ଯାହାର ଗୁଣାତ୍ମକ ମାନ ବଜାୟ ରହିବା ଉଚିତ। ଏଥିପାଇଁ ସର୍ବନିମ୍ନ ଅର୍ଥ ପ୍ରଦାନ ଜରୁରୀ। ସମ୍ପୂର୍ଣ୍ଣ ମାଗଣା ବିଜୁଳି ସବୁଦିନ ସମ୍ଭବ ନୁହେଁ। ସେହିପରି ମହିଳାଙ୍କ ଖାତାକୁ ସମର ବୋନାଞ୍ଜା ନାମରେ ୨ ହଜାର ଟଙ୍କା ଲେଖାଏଁ ପଠାଇବା ଜନକଲ୍ୟାଣ ନୁହେଁ। କୋଭିଡ ସମୟରୁ କେନ୍ଦ୍ର ସରକାର ଦେଶର ୮୦ କୋଟି ଗରିବଙ୍କୁ ପ୍ରତି ମାସରେ ମୁଣ୍ଡପିଛା ୫ କେଜି ରାସନ ଦେଉଛନ୍ତି। କୋଭିଡ ମହାମାରୀ ଚାଲିଯିବା ପରେ ମଧ୍ୟ ଏହା ଜାରି ରହିଛି। ଏହା ହେଉଛି ସମସ୍ୟା। ଥରେ ଲୋକଙ୍କୁ ମାଗଣା ମିଳିଲେ ସେମାନେ ସବୁ ବେଳେ ଏହା ପାଇବାକୁ ଚାହିଁବ। ଏହାକୁ ଯିଏ ପ୍ରତ୍ୟାହାର କରିବ ସେ କ୍ଷମତାଚ୍ୟୁତ ହେବ।

# ଜୀବନ ସାଧନା : ଧ୍ୟାନ

॥ ଯଶସ୍ୱିନୀ ପଟ୍ଟନାୟକ ॥

*ଯଦିଓ ଏହା ପ୍ରତ୍ୟେକ ବ୍ୟକ୍ତିକୁ ତାହାର ନିଜର ସୁବିଧା ସମୟ ଉପରେ ଧ୍ୟାନ କରିବା ପାଇଁ ଛାଡ଼ି ଦିଆଯାଇଥାଏ, ଯେତେବେଳେ ସେ ବାହ୍ୟ ପରିସ୍ଥିତି ଦ୍ୱାରା ବହୁତ କମ୍ ବିଚଳିତ ହେଉଥାଏ, ତଥାପି ମଧ ଦିବସର କିଛି ସମୟ ଥଏ ଯାହା ଧ୍ୟାନ କରିବା ନିମନ୍ତେ ଅନ୍ୟ ମୁହୂର୍ତ୍ତ ଅପେକ୍ଷା ଅଧିକ ଉପଯୋଗୀ ହୋଇଥାଏ। ଏହା ସର୍ବଜନବିଦିତ ଯେ ପ୍ରାତଃ ସମୟର ମୁହୂର୍ତ୍ତ ସୂର୍ଯ୍ୟୋଦୟ ପୂର୍ବରୁ ଧ୍ୟାନ ପାଇଁ ବିଶେଷ ଫଳପ୍ରଦ ହୋଇଥାଏ। ତାହାର କାରଣ, ପ୍ରକୃତିର ସକ୍ରିୟ ଶକ୍ତି ରାଜି ଜାଗୃତ ହୋଇନଥାନ୍ତି ଏବଂ ପରିବେଶରେ ଗୋଟିଏ ବିଶେଷ ଶାନ୍ତି ଅବସ୍ଥା ବିଦ୍ୟମାନ ଥାଏ।*

ସାଧାରଣତଃ ଧ୍ୟାନ ଶବ୍ଦଟି ମନ ଭିତରେ ଉଙ୍କି ମାରିଲା ବେଳକୁ ଆମ୍ଭ ମାନଙ୍କ ଭିତରେ ଶାନ୍ତ ମୁଦ୍ରାରେ ନିରବ ପରିବେଶରେ ଜଣେ ସ୍ଥିତପ୍ରଜ୍ଞ ଭାବନା ସହ ବସିବାର ମୂର୍ତ୍ତିଟି ଭାସି ଆସେ। ଧ୍ୟାନ ଏପରି ଏକ ଅବସ୍ଥା ଯାହାକି ବ୍ୟସ୍ତପୂର୍ଣ୍ଣ ଜୀବନ ବା କର୍ମମୟ ଜଞ୍ଜାଳ ଭିତରେ ଏତେଟା ସହଜ ହୋଇନଥାଏ। ଧ୍ୟାନ ଆମ ସମସ୍ତଙ୍କ ପାଇଁ ଏକ ଅପରିହାର୍ଯ୍ୟ ଚେତନା। ଯୋଗ, ପ୍ରାଣାୟମ, ଆସନ ବା ବିଭିନ୍ନ ଆଧ୍ୟାତ୍ମିକ ଚେତନାର ଅନ୍ୟତମ ଶ୍ରେଷ୍ଠ ଅବସ୍ଥା ହେଉଛି ଧ୍ୟାନ। ଏ କଥା ସହଜରେ ବୁଝାଯାଏ ଯେ, ସମସ୍ତଙ୍କୁ ଧ୍ୟାନ କରିବାର ଆବଶ୍ୟକତା ନଥାଏ। ପ୍ରତ୍ୟେକଙ୍କର ନିଜସ୍ୱ ଧାରା ରହିଥାଏ - କେହି କେହି ଭକ୍ତି ଦ୍ୱାରା, କେହି କେହି ସଙ୍ଗୀତ ମାଧ୍ୟମରେ, ଅନ୍ୟ କେହି ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଅନ୍ୟ କେହି ନିଷ୍କାମ କର୍ମ ଦ୍ୱାରା ପଥଗୁଡ଼ିକ ଅନେକ। ଯେଉଁମାନଙ୍କର ପାଇଁ ଭଗବତ ଅନ୍ୱେଷଣ ପାଇଁ ଧ୍ୟାନ ସହାୟକ ହୋଇଥାଏ ସେମାନେ ଏହି କଥାଟି ନିଶ୍ଚିନ୍ତ ରୂପେ ଜାଣି ରଖିବା ଉଚିତ ଯେ, ଧ୍ୟାନ ନିଜ ଲକ୍ଷ୍ୟ ନୁହେଁ, ତେଣୁ ଘଣ୍ଟା ଘଣ୍ଟା କାଳ ମଧ୍ୟରେ ବାସିବା ଏହି ଉଦ୍ଦେଶ୍ୟ ପାଇଁ ଯଥାର୍ଥ ନୁହେଁ ଧ୍ୟାନର ଗୁଣବତ୍ତା ବାସ୍ତିବକ ଗୁରୁତ୍ୱପୂର୍ଣ୍ଣ କଥା ଅଟେ। ଯେଉଁମାନଙ୍କର ପଥ ଧ୍ୟାନ ମାଧ୍ୟମ ଦେଇଯିବାକୁ ହୋଇଥାଏ ଅଥବା ଅତିକମ୍‌ରେ ଏହା ତାଙ୍କ ସାଧନାର ଏକ ମୁଖ୍ୟ ଅଙ୍ଗ ହୋଇଥାଏ, ଏହାର ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ସେମାନେ ନିୟମିତ ଭାବେ ଧ୍ୟାନରେ ବସିବା ଉଚିତ। ଏକଥା କହିଲେ ଚଳିବ ନାହିଁ କି ଯେତେବେଳେ ପରିସ୍ଥିତି ଅନୁକୂଳ ଥିବ ଆମେ ସେତେବେଳେ ଧ୍ୟାନ କରିବା। ଗୋଟିଏ ଅନ୍ତରମୁଖି ଭାବର ଗତିବୃତ୍ତି କିମ୍ବା ଶାନ୍ତିର ଅବତରଣ କିମ୍ବା ଏକ ଉର୍ଦ୍ଧ୍ୱମୁଖୀ ଆକର୍ଷଣ। ସ୍ୱଭାବିକ ଭାବେ ଯେତେବେଳେ ସେହି ମୁହୂର୍ତ୍ତ ଗୁଡ଼ିକ ଆସିଥାଏ, ଜଣେ ତା'ପ୍ରତି ଧ୍ୟାନ ଦେଇଥାଏ, ଯଦି ସମ୍ଭବପର ହୁଏ ତେବେ ଅନ୍ୟ ସବୁ କର୍ମକୁ ପଛରେ ପକାଇ ତାକୁ ଆଗ କରିଥାଏ। ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ଜଣଙ୍କର ନିୟମିତ ଭାବେ ଧ୍ୟାନ କରିବାର ସମୟ ରଖାଯାଇଥିବା ଆବଶ୍ୟକ। ଜଣଙ୍କର ମନର ଅବସ୍ଥା ଭଲ ଅଛି କି ନାହିଁ, ସେ କଥା ଉପରେ ଆଦୌ ଗୁରୁତ୍ୱ ନଦେଇ, ଜଣେ ପ୍ରତ୍ୟେହ ନିର୍ଦ୍ଧାରିତ ସମୟରେ ଧ୍ୟାନରେ ବସିବା ଉଚିତ। ଏହି ନିୟମିତତା ଜଣକ ପ୍ରକୃତି ମଧ୍ୟରେ ଗ୍ରହଣଶୀଳତାର ଗୋଟିଏ ଅଭ୍ୟାସ ସେହି ନିର୍ଦ୍ଦିଷ୍ଟ ସମୟରେ ହିଁ ସୃଷ୍ଟି କରିଥାଏ ଏବଂ ଚେତନା ମଧ୍ୟରେ ଗୋଟିଏ ସ୍ୱତଃ ସ୍ଫୁର୍ତ୍ତ ଭାବେ ଏକାଗ୍ରତା ଭାବ ସୃଷ୍ଟି କରିଥାଏ। ଏହା କେବଳ ଜଣକ ପ୍ରକୃତି ମଧ୍ୟରେ ଆସିଥାଏ ତାହା ନୁହେଁ ପାରିପାର୍ଶ୍ୱିକ ବାତାବରଣରେ ମଧ ତାହା ସୃଷ୍ଟି ହୋଇଥାଏ। ସେଠାରେ ଗୋଟିଏ ଅଭ୍ୟାସ ସୃଷ୍ଟି ହୋଇଥାଏ, ଏହି ଆସ୍ପୃହାର ପ୍ରତି ଉତ୍ତର ଦେବା ନିମନ୍ତେ। ଏ କଥା ଦେଖାଯିବ ଯେ ସେହି ନିର୍ଦ୍ଦିଷ୍ଟ ସମୟରେ ଉର୍ଦ୍ଧ୍ୱସ୍ଥ କିଛି ଅବତରଣ ପାଇଁ ଅପେକ୍ଷା କରିଥାଏ, ସାଧକର ଗ୍ରହଣ ନିମନ୍ତେ।

ଯଦିଓ ଏହା ପ୍ରତ୍ୟେକ ବ୍ୟକ୍ତିକୁ ତାହାର ନିଜର ସୁବିଧା ସମୟ ଉପରେ ଧ୍ୟାନ କରିବା ପାଇଁ ଛାଡ଼ି ଦିଆଯାଇଥାଏ, ଯେତେବେଳେ ସେ ବାହ୍ୟ ପରିସ୍ଥିତି ଦ୍ୱାରା ବହୁତ କମ୍ ବିଚଳିତ ହେଉଥାଏ, ତଥାପି ମଧ ଦିବସର କିଛି ସମୟ ଥଏ ଯାହା ଧ୍ୟାନ କରିବା ନିମନ୍ତେ ଅନ୍ୟ ମୁହୂର୍ତ୍ତ ଅପେକ୍ଷା ଅଧିକ ଉପଯୋଗୀ ହୋଇଥାଏ। ଏହା ସର୍ବଜନବିଦିତ ଯେ ପ୍ରାତଃ ସମୟର ମୁହୂର୍ତ୍ତ ସୂର୍ଯ୍ୟୋଦୟ ପୂର୍ବରୁ ଧ୍ୟାନ ପାଇଁ ବିଶେଷ ଫଳପ୍ରଦ ହୋଇଥାଏ। ତାହାର କାରଣ, ପ୍ରକୃତିର ସକ୍ରିୟ ଶକ୍ତି ରାଜି ଜାଗୃତ ହୋଇନଥାନ୍ତି ଏବଂ ପରିବେଶରେ ଗୋଟିଏ ବିଶେଷ ଶାନ୍ତି ଅବସ୍ଥା ବିଦ୍ୟମାନ ଥାଏ। ସେହିପରି ଭାବେ ପ୍ରଦୋଷ ସମୟ, ଯେତେବେଳେ ସୂର୍ଯ୍ୟ ଅସ୍ତ ହେଉଥାନ୍ତି, ଯେଉଁ ସମୟରେ କି ପ୍ରକୃତିର କ୍ରିୟାଶୀଳ ଶକ୍ତିରାଜି ନିଶ୍ଚଳତା ମଧ୍ୟକୁ ଅପସରି ଯାଉଥାନ୍ତି। ଏ କଥା ମଧ ସତ୍ୟ ଯେ, ଦିବସ ଓ ରାତ୍ରିର ମିଳନ ସମୟ, ମଧ୍ୟରାତ୍ରିର ମୁହୂର୍ତ୍ତ, ଧ୍ୟାନ ନିମନ୍ତେ ଅତ୍ୟନ୍ତ ଶକ୍ତିଶାଳୀ ମୁହୂର୍ତ୍ତ ଅଟେ। ଇହୁଦୀମାନଙ୍କର ଗୋଟିଏ ପରମ୍ପରା ଗତ ଉପଦେଶ ଅଟେ ଯେ, ଏହି ମୁହୂର୍ତ୍ତଟି ଗଭୀର ପ୍ରାର୍ଥନା ନିମନ୍ତେ ଅତ୍ୟନ୍ତ ଉପଯୋଗୀ ସମୟ ଅଟେ। ସେହିପରି ଭାବେ ମଧ୍ୟାହ୍ନ ସମୟ ମଧ ଧ୍ୟାନ ନିମନ୍ତେ ଅତ୍ୟନ୍ତ ସହାୟକ ଅଟେ। ଏପରି ନୁହେଁ ଯେ ଏହି ମୁହୂର୍ତ୍ତଗୁଡ଼ିକରେ ଜଣେ କେବଳ ଧ୍ୟାନ କରିବ କୌଣସି ଗୋଟିଏ ବିଶେଷ ମୁହୂର୍ତ୍ତରେ ଅଥବା ସବୁଗୁଡ଼ିକରେ। ଧ୍ୟାନ ପାଇଁ ସର୍ବପ୍ରଥମେ ଅପରିହାର୍ଯ୍ୟ ଆବଶ୍ୟକତା ହେଉଛି ମନକୁ ବିକ୍ଷିପ୍ତ ନକରି ସଂପୂର୍ଣ୍ଣ ରୂପେ ଏକ ନିର୍ଦ୍ଦିଷ୍ଟ କେନ୍ଦ୍ର ଉପରେ ଧାରଣ ରଖିବା। ଧ୍ୟାନ ପାଇଁ ସର୍ବ ଶ୍ରେଷ୍ଠ ସମୟ ହେଉଛି ବ୍ରାହ୍ମ ମୁହୂର୍ତ୍ତ ବା ପ୍ରତ୍ୟୁଷ। ଅନେକ ସମୟରେ ଜଣେ ଜଣେ ଧ୍ୟାନକୁ ନେଇ ଅନେକ ଜ୍ଞାନଗର୍ଭକ ଉପଦେଶ ଦେଇଥାନ୍ତି। ତେବେ ମୂଳ ଆଉ ବାସ୍ତବ କଥା ହେଉଛି ଧ୍ୟାନଟା ଏତେ ସହଜ ନୁହେଁ ଯାହାକୁ ଅନେକ ସହଜ ବୋଲି ଭାବିଥାନ୍ତି। କାରଣ ଧ୍ୟାନରେ ବସିବା ପରେ ବା ଜଣେ ନିୟମିତ ଧ୍ୟାନ କରୁଥିବା ବ୍ୟକ୍ତି ସାଧାରଣ ଜୀବନ ଯାପନର ମଣିଷ ହୋଇପାରିନଥାନ୍ତି। ସେମାନଙ୍କ ବ୍ୟକ୍ତିତ୍ୱ ଆଧ୍ୟାତ୍ମିକ ସାଧନା ଅସାଧାରଣ ହୋଇଥାଏ। ଧ୍ୟାନ କରିବା ପାଇଁ ନିଶ୍ଚିନ୍ତ ଭାବେ ଜଣେ ମାର୍ଗଦର୍ଶକ ଆବଶ୍ୟକ ପଡ଼ିଥାନ୍ତି ଯାହାଙ୍କ ତତ୍ତ୍ୱାବଧାନ ଏବଂ ଆଧ୍ୟାତ୍ମିକ ଦିଗଦର୍ଶନ ହିଁ ଧ୍ୟାନର ମୂଳ ଓ ମୁଖ୍ୟ ମାର୍ଗରେ ପହଞ୍ଚାଇ ପାରିବ। ଧ୍ୟାନର ପ୍ରଥମ ଓ ମୁଖ୍ୟ ଅବଲମ୍ବନ ହେଉଛି ମନକୁ ବିକ୍ଷିପ୍ତରୁ ବା ବିଚଳିତରୁ ମୁକ୍ତ ରଖି ଏକ ଦୃଢ଼ ଚିତ୍ତର ସହ ଏକ କେନ୍ଦ୍ର ଉପରେ ନିମଗ୍ନ ରଖିବା। ବିଚଳିତ ମନ, ଶାରୀରିକ ଅକ୍ଷମତା, ଆଳସ୍ୟ, ନିଶାଗ୍ରସ୍ତତା ବା କୋଳାହଳପୂର୍ଣ୍ଣ ପରିବେଶ ଏସବୁ ହେଉଛି ଧ୍ୟାନ ପାଇଁ ସଂପୂର୍ଣ୍ଣ ପ୍ରତିକୂଳତା। ଜଣେ କ୍ଷୁଧାତୁର ଅବସ୍ଥାରେ ଧ୍ୟାନ କରିପାରିବ ନାହିଁ କିମ୍ବା ଜଣେ ଅତ୍ୟାଧିକ ଭୋଜନ କରି ଧ୍ୟାନ ମଧ କରିପାରିବ ନାହିଁ। ଅନେକ କୁହନ୍ତି ଯେ ଧ୍ୟାନ ପାଇଁ ପାହାଡ଼, ପର୍ବତ, ନଦୀକୂଳ, ଘୋର ଅରଣ୍ୟ ଏସବୁ ସ୍ଥାନ ଆବଶ୍ୟକ। ଉତ୍ତର ହେଉଛି ଏହା ଆବଶ୍ୟକତା ହୋଇପାରେ କିନ୍ତୁ ଧ୍ୟାନ ପାଇଁ ଶ୍ରେଷ୍ଠ ସମୟ ହେଉଛି ବ୍ରାହ୍ମ ମୁହୂର୍ତ୍ତ। ଯେତେବେଳେ ସମ୍ପୂର୍ଣ୍ଣ ପରିବେଶ ଅତ୍ୟନ୍ତ ନିର୍ମଳ ଓ କୋଳାହଳ ଠାରୁ ଦୂରେଇବା ସହ ପ୍ରକୃତିର ଏକ ନୈସର୍ଗିକ ମୁହୂର୍ତ୍ତ ସୃଷ୍ଟି ହୋଇଥାଏ। ଜଣେ ରୁଗଣ ହୋଇଥିଲେ ବା ବିଚଳିତ ଅବସ୍ଥାରେ ଥିଲେ ସେ ଧ୍ୟାନର ଅ ଅକ୍ଷରକୁ ମଧ ବୁଝିବା ପାଇଁ ଅସମର୍ଥ ହୋଇଥାଏ। ଧ୍ୟାନ ପାଇଁ କୌଣସି ଅର୍ଥ ଆବଶ୍ୟକ ପଡ଼ିନଥାଏ। ଏହା ଏପରି ଏକ ସାଧନ ଜଣେ ବିନା ମୂଲ୍ୟରେ କେବଳ ନିଜ ଜୀବନକୁ ନୁହେଁ ନିଜ ପରିବାର ଓ ଆଖପାଖର ପରିଚିତ ଲୋକ ମାନଙ୍କୁ ଈଶ୍ୱରାଭିମୁଖୀ ଆନନ୍ଦ ପ୍ରାପ୍ତ ହେବା ପାଇଁ ପରିବେଶ ସୃଷ୍ଟି କରିଥାଏ। ଧ୍ୟାନ ପାଇଁ କୌଣସି ବଡ଼ ବଡ଼ ଶିକ୍ଷାକେନ୍ଦ୍ର ବା କୌଣସି ଆଡ଼ମ୍ବର ପଦାର୍ଥର ଆବଶ୍ୟକ ପଡ଼ିନଥାଏ। କେବଳ ଦୃଢ଼ ମାନସିକ ଇଚ୍ଛାଶକ୍ତି ଦ୍ୱାରା ଜଣେ ଏହାକୁ ସାଧନ କରିପାରେ। ଯାହାକି ଜଣଙ୍କ ବ୍ୟକ୍ତିତ୍ୱକୁ ଏପରି ସ୍ତରରେ ପହଞ୍ଚାଇଥାଏ ତାହା ଦିବ୍ୟାନନ୍ଦ ସଦୃଶ। ସବୁରି ମୂଳରେ ରହିଛି ଦୃଢ଼ ଇଚ୍ଛାଶକ୍ତି। ଜଣେ ଯେ କୌଣସି ମୁହୂର୍ତ୍ତଟିଏ ବାଛିଲେ ମଧ ସେ ସମୟରେ ଧ୍ୟାନ କରିପାରୁଥିବା ଉଚିତ। କିନ୍ତୁ ସେହିପରି କରିବା ନିମନ୍ତେ ସକ୍ଷମ ହେବାକୁ ହେଲେ ଜଣେ ଧ୍ୟାନର ଶୃଙ୍ଖଳାଟିକୁ ନିର୍ଦ୍ଦିଷ୍ଟ ସମୟରେ ପ୍ରତ୍ୟହ ଅନୁସରଣ କରୁଥିବା ଦରକାର। ଏହି ଅଭ୍ୟାସଟି କୌଣସି, କୌଣସି କ୍ଷେତ୍ରରେ ଜଣକ ମଧ୍ୟରେ ନିରନ୍ତର ଏକ ଧ୍ୟାନର ଅବସ୍ଥାକୁ ବହନ କରି ଚାଲିଥାଏ। ସେହି ସମୟରେ ନିୟମିତ ଧ୍ୟାନ ଆସନର ଆବଶ୍ୟକତା ପଡ଼ିନଥାଏ, ଯଦିଓ ଜଣେ ଏକାଗ୍ରତାର ମୁହୂର୍ତ୍ତ ପାଇଁ ସମୟ କାଢ଼ିବା ଆବଶ୍ୟକ, ନିଜର ସାଧନା ନିମନ୍ତେ ଅଥବା ଅନ୍ୟମାନଙ୍କର ପ୍ରଗତି ନିମନ୍ତେ।

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,

# ଜଣା ପଡ଼େ ନାହିଁ ଟାଣେ ପଇସା

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା । ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଅପ୍ରେଲ ୭, ୧୯୯୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଥିଲା । ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧ୍ୟମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା । ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ୱାଲର୍ଡ଼ ହେଲଥ୍ ଆସେମ୍ବ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା ଯାହାପାଇଁ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି । ଏହି ନିଶାସେବନର ଅନ୍ୟତମ ବାହାକ ସାଜିଥିବା ତମାଖୁ ବିରୋଧରେ ପ୍ରତିବର୍ଷ ମେ ୩୧ ତାରିଖ ଦିନ ବିଶ୍ୱ ତମାଖୁ ନିରୋଧ ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି - 'ପିଲାମାନଙ୍କୁ ତମାଖୁ ଶିଳ୍ପ ହସ୍ତକ୍ଷେପରୁ ରକ୍ଷା କରିବା।

ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ । ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁଁ ଅକାଳ ମୃତ୍ୟୁବରଣ କରିଥାନ୍ତି । ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ । ସମ୍ପ୍ରତି ଯୁବପିଢ଼ୀମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି । ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ । ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ । ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ । ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ । ଧୂମପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ହୁଏ ଓ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର୍ କାରଣ ପାଲଟିଥାଏ । କେତେକ କ୍ଷେତ୍ରରେ ଉଭୟ ଲିଭର ଓ କିଡ଼ନୀ ନଷ୍ଟ ହୋଇଯାଇଥାଏ। ଆଉ କେତେକ ରୋଗୀ ଯୁବାବସ୍ଥାରୁ ଏହାର ଶିକାର ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଏକ ପ୍ରକାରର ବିକଳାଙ୍ଗ ଜୀବନ ନିର୍ବାହ କରିଥାନ୍ତି। ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ଆମ ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କୁ ମଧ୍ୟରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଞ୍ଚଳର।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ । ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଂଶକା ରହିଥାଏ । ବର୍ତ୍ତମାନର ଯୁବପିଢ଼ୀ ଧୂମପାନ ବ୍ୟତୀତ ତମାଖୁ ଓ ଗୁଟକାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ୍ୟ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ (ସେକେଣ୍ଡହ୍ୟାଣ୍ଡ ଧୂମପାନ) । ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି( ୨-୨୦%)। ପ୍ରତିବର୍ଷ ଦୁଇଲକ୍ଷ ବ୍ୟକ୍ତି କଳାକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ। ତେବେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ସବୁଜ ପନିପରିବା ଖାଆନ୍ତୁ ଏବଂ ଆଣ୍ଟିଅକ୍ସିଡେଣ୍ଟ ଏବଂ ଅଧିକ ପୃଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ । ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ । ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି । ସେହିପରି ତମାଖୁକୁ ଆକର୍ଷିତ କରିବା ପାଇଁ ବିଜ୍ଞାପନ, ସାମାଜିକ ଓ ଆଇନଗତ କଟକଣା ନଥିବା ଯୋଗୁଁ ଏହାର ବ୍ୟବହାର ବଢ଼ି ବଢ଼ି ଚାଲିଛି । ରାଜ୍ୟରେ ଅସହାୟ, ଗରିବ, ଅପରିଚିତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ରୋଗୀମାନଙ୍କର ସର୍ବବିଧ କଲ୍ୟାଣ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା, ଆଲୋଚନାଚକ୍ର ଓ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତିତ୍ୱଙ୍କର ମାନସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସେବାଭିମୁଖୀ ଯୋଜନା ହାତକୁ ନିଆଯାଇଛି। ଦିବ୍ୟମୟ ସ୍ୱାସ୍ଥ୍ୟପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି । ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ । ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନକରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ-ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ । ଏ କ୍ଷେତ୍ରରେ ସରକାରଙ୍କ ଠାରୁ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଓ ସର୍ବୋପରି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସନ୍ତୁ ଆଜିର ଦିନରେ ସମାଜରୁ ତମାଖୁ ମୁକ୍ତ ପରିବେଶକୁ ଦୂରେଇ ଏକ ଦିବ୍ୟମୟ ପରିବେଶ ଓ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚାଇ ପାରିବା ।

ଦୂରଭାଷ : ୯୪୩୭୦୫୧୯୫୭

# ଯେଉଁଠି ଥିଲି ସେଇଠି

॥ ଅନୀତା ପଟ୍ଟନାୟକ ॥

ମୃଣାଳିନୀ ଓ ମୁଁ ଆମେ ଦୁହେଁ ପିଲାଦିନର ବନ୍ଧୁ। ମୃଣାଳିନୀ, ମନ୍ଦିର ସାଧୁସନ୍ଥ, ଅବତାରତ୍ୱ ଓ ଆତ୍ମଘୋଷିତ ବାବା ମାନଙ୍କ ଉପରେ ଗବେଷଣା କରିବାକୁ ଭାରି ଭଲ ପାଉଥିଲା। ଦୁଇଦିନ ତଳେ ମତେ ଉତ୍ତରପ୍ରଦେଶରୁ ଫୋନ ଯୋଗେ କହିଲା 'ମୀରା ତୁମେ ଟିଭି ଦେଖିଛ, ଜଣେ ଆତ୍ମଘୋଷିତ ବାବାଙ୍କର ପଦରଜ ନେବାକୁ ଯାଇ ଲକ୍ଷ ଲକ୍ଷ ଲୋକଙ୍କ ଭିଡ଼ ମଧ୍ୟରେ ଠେଲାପେଲାରେ ୧୨୨ ଜଣଙ୍କର ମୃତ୍ୟୁ ଘଟିଛି'। ମୁଁ କହିଲି ହଁ ଦେଖିଛି। ଏହା ଏକ ଅତ୍ୟନ୍ତ ଦୁଃଖଦ ଖବର। ସେ ମତେ କହିଲା ଆମେ ଅନେକଥର ମିଶି ପୁରୀ ରଥଯାତ୍ରା ବୁଲି ଯାଇଛେ। ଯଦି ସୁଯୋଗ ମିଳେ ମୁଁ ତତେ ନେଇ ପୁରୀ ରଥଯାତ୍ରା ଦେଖିବାକୁ ଯିବି। ମୁଁ କହିଲି ଭାରତର ରାଷ୍ଟ୍ରପତି ଏଥର ରଥଯାତ୍ରାକୁ ଆସୁଥିବାରୁ ଶାନ୍ତି ଶୃଙ୍ଖଳାର କଡ଼ା ବ୍ୟବସ୍ଥା କରାଯାଇଛି। ମୃଣାଳିନୀ କହିଲା, ମୁଁ ଖବର ରଖିଛି, ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲିଦେବା ପରେ ଭିତରେ ଦଳଚକଟା ହୋଇଥିଲା କେତେ ଲୋକ ଆଘାତପ୍ରାପ୍ତ ହୋଇଥିଲେ ବା ମୃତ୍ୟୁ ବରଣ କରିଥିଲେ ମତେ ଜଣାଇବୁ।

ମୃଣାଳିନୀର କଥା ଶୁଣି ମୋର ଠାକୁରଘରେ ଥିବା ଜଗନ୍ନାଥଙ୍କ ଫଟୋକୁ ଚାହିଁଲି କ୍ଷଣିକ ପାଇଁ ଭାବିଲି ଏପରି କାହିଁକି ଘଟୁଛି ? ଅନ୍ତରରୁ କେହି ଜଣେ ଉତ୍ତର ଦେବା ପରି କହିଲେ 'ମୀରା ତୁମେ ଭାବିଦେଖ ତୁମେ କଣ ଥିଲ, କଣ ବର୍ତ୍ତମାନ ହୋଇଛ ଓ ଭବିଷ୍ୟତରେ କଣ ହେବ।' ହଠାତ୍ ମୋର ମନେପଡ଼ିଲା ମୋର ବାପା କିପରି ମତେ ଜଣେ ଗଣିତଜ୍ଞ କରିବାକୁ ଚାହୁଁଥିଲେ। ଏପରିକି ସେ ଜଣେ ଗଣିତ ଶିକ୍ଷକଙ୍କୁ ମୋର ଗଣିତ ଶିକ୍ଷା ପାଇଁ ପାଞ୍ଚ ହଜାର ଟଙ୍କା ଅଗ୍ରୀମ ଦେଇଥିଲେ। ମୁଁ କହିଲି ବାପା ମତେ ସାମାନ୍ୟ ହିସାବ ଆସୁନାହିଁ। ବଜାରକୁ ପଠାଇଲେ ଠିକ ଭାବରେ ହିସାବ କରି ତୁମକୁ ମୁଁ ସଠିକ ପଇସା ଫେରାଇ ପାରୁନାହିଁ। ମୋର ଦେଢ଼ଟଙ୍କା, ଅଢ଼େଇଟଙ୍କା ମଧ୍ୟରେ ଭ୍ରମ ସୃଷ୍ଟି ହେଉଛି। ଶୂନ ବସାଇବା ସମୟରେ ଆଗରେ ବସାଇବି ବା ପଛରେ ବସାଇବି ମୁଁ ଜାଣିପାରୁନାହିଁ। ଏପରି ଅବସ୍ଥାରେ ମୁଁ ଗଣିତଜ୍ଞ ହେବ କିପରି ? ବାପା କଣ ଭାବିଲେ କେଜାଣି କହିଲେ ହେଉ ତୋର ଯାହା ଇଚ୍ଛା ତାହା କର। ଓ ଗଣିତ ଶିକ୍ଷକଙ୍କ ଠାରୁ ଅଗ୍ରୀମ ପାଞ୍ଚହଜାର ଟଙ୍କା ଫେରାଇ ଆଣିଥିଲେ। ମୁଁ ଏବେ ବି ଦେଖିଛି ମୁଁ ଗଣିତରେ ଆଗରୁ ଯାହାଥିଲି ଏବେ ବି ତାହା ଅଛି।

ଭଗବାନ ସର୍ବତ୍ର ବିଦ୍ୟମାନ, ସେ ସମସ୍ତଙ୍କ ହୃଦୟରେ ବାସ କରନ୍ତି। ସମସ୍ତଙ୍କୁ ଭଲପାଅ, ସମସ୍ତଙ୍କର ସେବା କର, କାହାର ଅନିଷ୍ଟ କରନାହିଁ, ମଧୁର ସ୍ୱରରେ ବାକ୍ୟାଳାପ କର। ଏ ସବୁ ଜଗନ୍ନାଥ ସଂସ୍କୃତିରୁ ଆମେ ଶିଖିଥିଲେ ମଧ ମୁଁ ଦେଖୁଛି ମୋର ଯେପରି ଗଣିତଜ୍ଞ ହେବା ନୋହିଲା ଓ ମୁଁ ଯେଉଁଠାରେ ଥିଲି ସେହିପରି ଅଛି। ଠିକ ସେହିପରି ପ୍ରଭୁ ଜଗନ୍ନାଥଙ୍କର ସଂସ୍କୃତି ବିଷୟରେ ଜାଣିବା ପରେ ମଧ ଆମେ ପରସ୍ପରକୁ ଭଲପାଇ ପାରୁନୁ। ସମସ୍ତଙ୍କ ମଧ୍ୟରେ ଭଗବାନଙ୍କୁ ଦେଖି ପାରୁନୁ କର୍କଶ ସ୍ୱରରେ ବାକ୍ୟାଳାପ କରୁଛୁ। ପରର ସେବାତ ଦୂରର କଥା ମୁଁ ଓ ମୋର କୁ ନେଇ ଜୀବନ ଅତିବାହିତ କରୁଛୁ। ତେଣୁ ମୁଁ ଯେଉଁଠି ଥିଲି ବର୍ତ୍ତମାନ ଯାହାଅଛି ଓ ଭବିଷ୍ୟତରେ ଯେ ମୋର ପରିବର୍ତ୍ତନ ହେବ ତାହା ବିଶ୍ୱାସ କରିପାରୁନାହିଁ। ମୋର ଜଗନ୍ନାଥଙ୍କ ଫଟୋରୁ ସତେ ଯେପରି ମତେ କେହି କହିବାକୁ ଲାଗିଲା, ମୀରା ତୁମେ ଭଗବାନଙ୍କର ଦୁଃଖ କ'ଣ ଜାଣିଚ ? ମୁଁ କହିଲି ନା ଦେବ ସର୍ବଦା ଆନନ୍ଦମୟ। ସେ ଦୁଃଖି ହୋଇନପାରନ୍ତି। ଏ ବିଷୟରେ ମନେ ପଡ଼େ ସିନା ଜଗନ୍ନାଥ ପ୍ରକୃତରେ କିପରି ଆମର ଆଚରଣ ଦ୍ୱାରା ଆନନ୍ଦିତ ହେବେ ତାହା ମୋର ମନେ ରହେ ନାହିଁ। ସମସ୍ତଙ୍କ ଭିତରେ ଭଗବାନ ଅଛନ୍ତି ଏହା ଆମେ ଭୁଲିଯାଇଥାଉ। ନିଜ ନିଜ ଭିତରେ ପ୍ରତିଯୋଗୀତା କରି ଶୃଙ୍ଖଳା ଭାଙ୍ଗି, ଦଳା ଚକଟା ହେଉ ଓ ମୃତ୍ୟୁ ବରଣ କରୁ ଓ ଶେଷରେ ମୋ ପ୍ରଭୁ ଜଗନ୍ନାଥଙ୍କୁ ଦୋଷାରୋପ କରୁ। ମୁଁ ଭଗବାନଙ୍କୁ ପ୍ରଶ୍ନ କଲି ଯଦି ମୁଁ ଯେଉଁଠି ଥିଲି, ତାହା ଅଛି ଓ ଭବିଷ୍ୟତରେ ତାହା ରହିବି, ଏତେ ମନ୍ଦିର, ମଠ, ସାଧୁସନ୍ଥଙ୍କ ଆଗମନ ଓ ଦଶବତାରଙ୍କ ଆଗମନ ଓ ମୋର ବନ୍ଧୁର ଏତେ ଗବେଷଣା ଏ ସବୁ କାହିଁକି ? ଜଗନ୍ନାଥ ଉତ୍ତର ରଖି କହିଲେ, ମୋର ଦୁଃଖ କଣ ଜାଣ ଜନ୍ମ ଜନ୍ମାନ୍ତରରେ ମନୁଷ୍ୟ ଜିତିଯାଏ ଓ ଖେଳରେ ମୁଁ ହିଁ ପରାଜୟ ବରଣ କରିଥାଏ। ତୋ ଜଗନ୍ନାଥ ଖେଳରେ କେବେ ବି ଜିତି ନାହାଁନ୍ତି ସବୁବେଳେ ହାରିଯାଇଛନ୍ତି। ତୁ କ'ଣ ଦେଖୁ ନାହୁଁ ମତେ ସୁଧାରିବାକୁ ଦଶ ଅବତାର ନେବାକୁ ପଡ଼ିଲା। ମନ୍ଦିର ସଦଗୁରୁ, ସାଧୁସନ୍ଥଙ୍କୁ ମଝିରେ ମଝିରେ ପ୍ରେରଣ କରିବାକୁ ପଡ଼ିଲା। ଲୋକେ ତୋର ବନ୍ଧ ମୃଣାଳିନୀ ପରି ଗବେଷଣା ଜାରି ରଖିଛନ୍ତି ଓ ରଖିବେ ମଧ। ମୁଁ ଗୀତାରେ କହିଛି ଯୁଗେ ଯୁଗେ ଧର୍ମର ରକ୍ଷା ପାଇଁ ଅବତାର ଗ୍ରହଣ କରିବି ହେଲେ ମୀରା ମୁଁ ହାରି ଯାଉଛି। ଲୋକେ ଯେପରି ଥିଲେ ସେପରି ଅଛନ୍ତି। ତେଣୁ ଏ ଦଳା ଚକଟା ଆଜି ନୂଆ ନୁହେଁ ଏ ମୃତ୍ୟୁ ବରଣ କରିବା କିଛି ନୂଆ ନୁହେଁ। ମତେ ଥରେ ଖେଳରେ ଜିତାଇଦେ ଲୋକଙ୍କୁ ହୃଦୟଙ୍ଗମ କରାଇଦେ ଯେ ମୁଁ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ ସମସ୍ତଙ୍କୁ ପ୍ରେମ କର, ସମସ୍ତଙ୍କର ସେବାକର ଓ କାହାରି ଅନିଷ୍ଟ କରନାହିଁ। ଦେଖିଲି ମୁଁ ଫୁଲ ଜରିଆରେ ଫିଙ୍ଗିଥିବା ପାଣି ଜଗନ୍ନାଥଙ୍କ ଆଖିରୁ ଦି ଟୋପା ଲୁହ ଝରୁଥିବା ପରି ଦେଖାଗଲା।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ଦୂରଭାଷ : ୯୬୯୨୮୦୦୨୬

# ଶ୍ରମ ଆଇନ୍‌ର ଖୋଲାଖୋଲି ଉଲଙ୍ଘନ

## କାହା ନିର୍ଦ୍ଦେଶରେ ସହରାଞ୍ଚଳ ସାର୍ଟିଫିକେଟ୍ ଗ୍ରାମାଞ୍ଚଳରେ ପ୍ରଦାନ କରାଗଲା ?

ବାଲୁଗାଁ (ମହାଭାରତ) ରାଜ୍ୟରେ ଏବେ ଶ୍ରମ ବିଭାଗର ଦୁର୍ନୀତି ଦାଣ୍ଡରେ ପଡି ହାଟରେ ଗଡୁଥିବାବେଳେ ଏଥିରୁ ବାଦ୍ ପଡିନି ବାଲୁଗାଁ ଶ୍ରମ ବିଭାଗ। ଓଡିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ୍ ୧୯୫୬ ଧାରା-୪ର ବ୍ୟବସ୍ଥା ଅନୁଯାୟୀ ପୌର ନିଗମ ଅଞ୍ଚଳ , ପୌରପାଳିକା ଅଞ୍ଚଳ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଅବସ୍ଥିତ ଏବଂ ଜଣେ କିମ୍ବା ଅଧିକ କର୍ମଚାରୀଙ୍କୁ ନିୟୋଜିତ କରୁଥିବା ଯେକୌଣସି ଦୋକାନ କିମ୍ବା ବାଣିଜ୍ୟିକ ପ୍ରତିଷ୍ଠାନ ଆରମ୍ଭ କରିବା ପାଇଁ ସ୍ଥାନୀୟ ସହ ଶ୍ରମ ଅଧିକାରୀ ବା ଜିଲ୍ଲା ଶ୍ରମ ଅଧିକାରୀଙ୍କଠାରୁ ପଞ୍ଜୀକୃତ ପ୍ରମାଣପତ୍ର ରହିବା ଆବଶ୍ୟକ। ଶ୍ରମ ଆଇନ୍ ଗୁଡିକ ଟିକନିଖ୍ କରି ନିର୍ଭୁଲ ଭାବରେ ଲେଖା ଥିବାବେଳେ ବାଲୁଗାଁ ସହ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ କର କେମିତି ଭୁଲ କରି ବସିଲେ,ପଞ୍ଜୀକୃତ ପ୍ରମାଣପତ୍ର ପୌର ନିଗମ ଅଞ୍ଚଳ , ପୌରପାଳିକା ଅଞ୍ଚଳ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ବ୍ୟତିତ ପଞ୍ଚାୟତରେ କିଭଳି ପ୍ରଦାନ କଲେ ତାହା ବର୍ତ୍ତମାନ ତଦନ୍ତ ସାପେକ୍ଷ। ବାଲୁଗାଁ ସହ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ କରଙ୍କୁ କେଉଁ ପ୍ରକାର ବାହ୍ୟଶକ୍ତି ଚାପ ପଡିଲା ଯେ ଅଧିକାରୀ ଜଣକ ଏଭଳି ଭୁଲ୍ କରିବାକୁ ବାଧ ହେଲେ ନା ଟେବୁଲ୍ ତଳେ କିଛି କଳା କରବାର ହୋଇଗଲା କି ଯୋଉଥିପାଇଁ ଭୁଲ୍ କରିବାକୁ ବାଧ ହେଲେ। ପ୍ରକାଶ ଥାଉକି ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ପଞ୍ଚାୟତର ପି.ଗୋପୀନାଥ ନାମକ ଜଣେ ବ୍ୟକ୍ତି ଏସ୍ ଏମ୍ ସି ଇଣ୍ଟର୍ନ୍ୟାସନାଲ୍ ପ୍ଲେସମେଣ୍ଟ୍ ନାମରେ ଦୋକାନ କିମ୍ବା ବାଣିଜ୍ୟିକ ପ୍ରତିଷ୍ଠାନ ପଞ୍ଜୀକୃତ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ଆବେଦନ ପରେ ବାଲୁଗାଁ ସହ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ କରଙ୍କ ପକ୍ଷରୁ ୧୮/୦୨/୨୦୨୬ ଅପରାହ୍ଣ ୧୨.୩୫ ସମୟରେ ଅନୁମୋଦନ କରାଗଲା। ପଞ୍ଜୀକୃତ ପ୍ରମାଣପତ୍ର ସଂଖ୍ୟା-କଏଁଟ/ଙଝଉର/୨୦୨୬/୦୧୧୮୬୦ । ଏ ନେଇ ସହ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ କରଙ୍କୁ ଯୋଗାଯୋଗ କରିବାରେ କୁହନ୍ତି ପଞ୍ଚାୟତ ପାଇଁ କୌଣସି ପ୍ରକାର ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ପଞ୍ଜୀକୃତ ପ୍ରମାଣପତ୍ର ଆବଶ୍ୟକତା ନାହିଁ। କିନ୍ତୁ ଏଠି ପ୍ରଶ୍ନ ଉଠୁଛି ପଞ୍ଚାୟତ ପାଇଁ କୌଣସି ପ୍ରକାର ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ପଞ୍ଜୀକୃତ ପ୍ରମାଣପତ୍ର ଆବଶ୍ୟକତା ନଥିବାବେଳେ ବାଲୁଗାଁ ସହ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ କରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରମାଣପତ୍ରକୁ ନେଇ ପି.ଗୋପୀନାଥ ଅପବ୍ୟବହାର କରୁନାହାଁନ୍ତି ତ , ନା ପ୍ରମାଣପତ୍ରର ଅପବ୍ୟବହାର କରିବା ପାଇଁ ବାଲୁଗାଁ ସହ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ କର ପି.ଗୋପୀନାଥଙ୍କଠାରୁ ମୋଟା ଅଙ୍କର ମାସିକିଆ ବଟି ନେଉନାହାଁନ୍ତିତ ? ବାଲୁଗାଁ ସହ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ କର ଉପରକୁ ଧୋବ ଧବଳ ଦେଖାଇ ଭିତରେ ଏତେ ଖରାପକାମ କିଭଳି କରିପାରନ୍ତି ବୋଲି ସାଧାରଣରେ ସନ୍ଦେହ ବଢିବା ସହ ଏଭଳି ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ବୋଲି ସାଧାରଣରେ ଦାବି ଉଠିଛି।

# ରକ୍ତ ନ ପାଇ ଡହଳ ବିକଳ ପ୍ରସୂତୀ ମହିଳାଙ୍କ ପାଇଁ ଆଗେଇ ଆସିଲା ମାରୁତି ସେନା



ପରଜଙ୍ଗ, (ମହାଭାରତ) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀର କଙ୍କଡ଼ାହାଡ଼ ବ୍ଲକ୍ ଅନ୍ତର୍ଗତ କୁଟୁରିଆ ପଂଚାୟତର ଲକ୍ଷ୍ମୀ କିଷାନ ଜଣେ ପ୍ରସୂତୀ ମହିଳା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସନ୍ତାନ ଜନ୍ମ ପରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡି ଯାଇଥିଲା । ତେବେ ରକ୍ତ ର ଆବଶ୍ୟକ ବୋଲି ଡ଼ାକ୍ତର କହିବା ପରେ ସମ୍ପୂର୍ଣ୍ଣ ନିରୁପାୟ ହୋଇ ରହିଥିଲେ । ତେବେ ମାରୁତି ସେନା ର ସଦସ୍ୟ ରାଜୀବ ଲୋଚନ ସେଠୀ ଙ୍କ ଠାରୁ ସୂଚନା ପାଇବା ପରେ ସଙ୍ଗଠନ ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା ଙ୍କ ପ୍ରଚେଷ୍ଟା ରେ ଲକ୍ଷ୍ମୀ କିଷାନ ଙ୍କୁ ରକ୍ତ ଯୋଗେଇ ଦିଆ ଯାଇଛି । ବର୍ତ୍ତମାନ ସ୍ଥିତିରେ ଢ଼େଙ୍କାନାଳ ଜିଲ୍ଲାର ସବୁଠାରୁ ବଡ଼ ସମସ୍ୟା ହେଲା ରକ୍ତ ସଙ୍କଟ, ତେଣୁ ଏଇ ଭଳି ଜରୁରୀ କାଳୀନ ସ୍ଥିତି କୁ ମୁକାବିଲା କରିବା ଦିଗରେ ମାରୁତି ସେନା ଢ଼େଙ୍କାନାଳ ଜିଲ୍ଲା ଶାଖା ସଦା ସର୍ବଦା ଆଗେଇ ଆସୁଥିବା ବେଳେ ଭବିଷ୍ୟତ ରେ ମଧ୍ୟ ରକ୍ତ ଯୋଗାଇ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା । ଛୋଟ ଶିଶୁ, ଗର୍ଭବତୀ ମହିଳା, ରକ୍ତ ହୀନତା ରୋଗୀ ମାନଂକ ପାଇଁ ମାରୁତି ସେନା ର ସ୍ଥାନୀୟ ସଦସ୍ୟ ମାନେ ବିଶେଷ କରି ମାନସ ପଣ୍ଡା, ରଞ୍ଜିତ ପରିଡା, ସୁଧାଂଶୁ ପରିଡ଼ା, ବିକାଶ ମହାଭୋଇ, ରୁଦ୍ର ସାହୁ, ପ୍ରୀତମ୍ ରାଉତ୍, ସୁଭାସିସ ମାଟି, ଶୁମନ୍ ବାରିକ୍ ଚନ୍ଦନ ସାସମଲ୍, ରଜତ କୁମାର ନାୟକ ପ୍ରମୁଖ, ପ୍ରତ୍ୟେକ ପରିସ୍ଥିତି ପାଇଁ ବିଶେଷ ଭାବରେ ଯତ୍ନବାନ ଅଛନ୍ତି ।

# ଗଞ୍ଜେଇ ମାମଲାରେ ମଣ୍ଡଳ ସଭାପତି ଗିରଫ



ରା -ଉଦୟଗିରି, (ମହାଭାରତ): ପାଞ୍ଚ ବର୍ଷ ପୁରୁଣା ଗଞ୍ଜେଇ ମାମଲା ପୁଣି ଚର୍ଚ୍ଚାକୁ ଆସିଛି। ମାମଲାରେ ପୂର୍ବରୁ ଗିରଫ ହୋଇ ଜାମିନରେ ଆସିଥିବା ଜଣେ ବ୍ୟକ୍ତିଙ୍କୁ କୋର୍ଟର ସମନକୁ ବାରମ୍ବାର ଏଡ଼ାଇବା ମହଙ୍ଗା ପଡ଼ିଛି। ଶେଷରେ ପୋଲିସ ପଦ୍ମପୁରରେ ପହଞ୍ଚି ତାଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ୨୦୨୧ ମସିହାରେ ଏକ ଗଞ୍ଜେଇ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ତାଙ୍କୁ ପୋଲିସ ଗିରଫ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ତେବେ ମାମଲାର ପରବର୍ତ୍ତୀ ପ୍ରକ୍ରିୟାରେ କୋର୍ଟ ପକ୍ଷରୁ ଜାରି ସମନକୁ ସେ ବାରମ୍ବାର ଏଡ଼ାଇ ଆସୁଥିବା ପୋଲିସ ପକ୍ଷରୁ କୁହାଯାଇଛି। ଏହାପରେ ଆର.ଉଦୟଗିରି ପୋଲିସ ଆଜି ରାୟଗଡ଼ା ଜିଲ୍ଲା ପଦ୍ମପୁରରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଉଛନ୍ତି ପଦ୍ମପୁର ଇନ୍ଦିରାନଗର ସୁନାରି ସାହିର ବାଙ୍କେଶ୍ୱର ପ୍ରଧାନ। ତେବେ ଘଟଣାର ଆଉ ଏକ ଦିଗ ଏବେ ଚର୍ଚ୍ଚାର କେନ୍ଦ୍ରକୁ ଆସିଛି। ୨୦୨୧ର ଏହି ଗଞ୍ଜେଇ ମାମଲାରେ ପୂର୍ବରୁ ଗିରଫ ହୋଇଥିବା ବାଙ୍କେଶ୍ୱର ପ୍ରଧାନ ବର୍ତ୍ତମାନ ବିଜେପିର ପଦ୍ମପୁର ମଣ୍ଡଳ ସଭାପତି ଭାବେ ଦାୟିତ୍ୱରେ ଅଛନ୍ତି। ତାଙ୍କ ଗିରଫକୁ ନେଇ ଏବେ ସ୍ଥାନୀୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

# ରୋହିବାଙ୍କ ଉଚ୍ଚ ବିଦ୍ୟାଳୟରେ ୧୩ ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗିତା ଉଦଯାପିତ

ଓଡ଼ଗାଁ, (ମହାଭାରତ): ଓଡଗାଁ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ରୋହିବାଙ୍କ ଠାରେ ୧୩ତମ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗିତା ୨୦୨୬ ଅନୁଷ୍ଠିତ ହୋଇଯାଇଛି ।ନୟାଗଡ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଗୀତାଞ୍ଜଳୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ପୁରୀ ଲୋକସଭା ସାଂସଦ ଡ଼଼ଃ ସମ୍ବିତ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଯୋଗଦେଇଥିଲେ ।ଅନ୍ୟତମ ଅତିଥିଭାବେ ଓଡଗାଁ ତହସିଲଦାର ଡ଼ଃ ମାନସ ରଞ୍ଜନ ଭୋଇ,ଓଡଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରାଜକିଶୋର ସାହୁ ଓ ସନ୍ତୋଷ କୁମାର କର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ସେନାପତି, ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକ, ପୂର୍ବତନ ଜିଲ୍ଲାପରିଷଦ ଉମାଚରଣ ନାୟକ,ନୟାଗଡ଼ ଜିଲ୍ଲା ଶାରୀରିକ କ୍ରୀଡା ଶିକ୍ଷାଧିକାରୀ ସନ୍ୟାସୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ରୋହିବାଙ୍କର ଆରାଧ ଦେବତା ପ୍ରଭୁ ଶ୍ରୀଶ୍ରୀ ଚଣ୍ଡେଶ୍ୱର ମହାଦେବଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ବାହାରି ଖେଳାଳିମାନେ ଗ୍ରାମ ପରିକ୍ରମାକରି ମୁଖ୍ୟଅତିଥିଙ୍କୁ ମଶାଲ ପ୍ରଦାନ କରିଥିଲେ ।ଖେଳ ଆମକୁ ଉତ୍ତମ ସ୍ୱାସ୍ଥ୍ୟ ସାଙ୍ଗକୁ,ଶୃଙ୍ଖଳା ଓ ସମ୍ମାନ ପ୍ରଦାନ କରୁଥିବା ମୁଖ୍ୟ ଅତିଥି ପ୍ରକାଶ କରିଥିବାବେଳେ ଅତିଥିମାନେ ଖେଳରେ ପରିଜିତ ବ୍ୟକ୍ତି ବିଜେତାଙ୍କ ଠାରୁ ଅଧିକ ଉଦ୍ଦୀପନା ସାଙ୍ଗକୁ ଆଗକୁ ନିଶ୍ଚିତ ସଫଳତା ପ୍ରଦାନର ବାଟ କଢ଼ାଉଥିବା ପ୍ରକାଶ କରିଥିଲେ। ସେପ୍ଟେମ୍ବର ୨୯ ଓ ୩୦ ଦୁଇଦିନ ଧରି ଚାଲୁରହିଥିବା ଦୌଡକୁଡ଼ ପ୍ରତିଯୋଗିତାରେ ଜିଲ୍ଲାର ୮ଟି ବ୍ଲକ ରୁ ୧୧୫ ଜଣ ଖେଳାଳି ଓ ୨୫ ଜଣ ଖେଳ ପରିଚାଳକ ସାଙ୍ଗକୁ ୪୮ଜଣ ଶାରୀରିକ କ୍ରୀଡ଼ା ଶିକ୍ଷକ ଯୋଗଦେଇଥିଲେ ।ସେଥିମଧ୍ୟରୁ ମୋଟ ୧୬ଜଣ ଖେଳାଳି ରାଜ୍ୟସ୍ତରକୁ ଉନ୍ନୀତ ହୋଇଥିବା ଜଣାପଡିଛି। ସେମାନେ ହେଲେ ୧୪ ବର୍ଷରୁ କମ ବୟସର ବାଳିକା ବର୍ଗରୁ ଓଡଗାଁ ବ୍ଲକ ମଗରବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ତୃପ୍ତିମୟୀ ଗୁରୁ ଓ କେଶପାନିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶୁଭଲକ୍ଷ୍ମୀ ବିଶ୍ୱାଳ, ରଣପୁର ବ୍ଲକ ଓଏଭି ବଳରାମପୁର ବିଦ୍ୟାଳୟରୁ ଚିତ୍ରାଙ୍ଗନା ସାହୁ,ନୂଆଗାଁ ବ୍ଲକ ଡ଼ିମିରିପଲ୍ଲୀ ଉଚ୍ଚ ବିଦ୍ୟାଳୟରୁ ମୋନାଲିସା ପ୍ରଧାନ ଏବଂ ୧୭ ବର୍ଷରୁ କମ ବାଳିକା ବର୍ଗରୁ ଓଡଗାଁ ବ୍ଲକ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟରୁ ଗୁଡୁଲି ନାୟକ,ଜନଶକ୍ତି ଦେଓଗାଁ ଭାଲିଆଡ଼ିହି ଉଚ୍ଚ ବିଦ୍ୟାଳୟରୁ ଅନ୍ୱେଷା ପାତ୍ର,ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଓଡଗାଁର ଦେବସ୍ମିତା ସାହୁ,ନୂଆଗାଁ ବ୍ଲକ ଓଏଭି ନୂଆଗାଁରୁ ସ୍ୱୟଂପ୍ରଭା ରଥ।ସେହିପରି ୧୪ବର୍ଷରୁ କମ ବାଳକ ବର୍ଗରୁ ଓଡଗାଁ ବ୍ଲକ ଲୋକନୋଡାଲ ବିଦ୍ୟପୀଠ ପ.ମାନପୁରରୁ ଓମପ୍ରକାଶ ପ୍ରଧାନ,ଗୋଡିପଡା ଉଚ୍ଚ ବିଦ୍ୟାଳୟରୁ ଉଭୟ ଶୁଭମ ସମ୍ବିତ ନାୟକ ଓ ସ୍ୱାଗତ ସାମନ୍ତରାୟ,ଖଣ୍ଡପଡା ବ୍ଲକ ନୀଳମାଧବ ଉଚ୍ଚ ବିଦ୍ୟାଳୟରୁ ଓମପ୍ରକାଶ ବାରିକ ।ସେହିପରି ୧୭ ବର୍ଷରୁ କମ ବାଳକ ବର୍ଗରୁ ଦଶପଲ୍ଲା ବ୍ଲକ କୁଲୁରୁକୁମ୍ଭା ଉଚ୍ଚ ବିଦ୍ୟାଳୟରୁ କରନ ମଲ୍ଲିକ ଓ ଅର୍ଜୁନ ମଲ୍ଲିକ,ସେହି ବ୍ଲକ ନଛିପୁର ଉଚ୍ଚ ବିଦ୍ୟାଳୟରୁ ଆକାଶ ନାୟକ,ନୂଆଗାଁ ବ୍ଲକ ଡ଼ିମିରିପଲ୍ଲୀ ଉଚ୍ଚ ବିଦ୍ୟାଳୟରୁ ଚନ୍ଦନ ପ୍ରଧାନ ଉନ୍ନୀତ ହୋଇଥିବା ଜଣାପଡିଛି ।ସମସ୍ତ କାର୍ଯ୍ୟକ୍ରମକୁ ଓଡଗାଁ ବ୍ଲକ ପିଇଟିସଙ୍ଘ ସୁଚାରୁରୂପେ ସମ୍ପାଦନା କରିଥିବାବେଳ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟ ସହଯୋଗ କରିଥିବା ଜଣାପଡିଛି।

# ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପିପିଇ କିଟ୍ ବଣ୍ଟନ




ପାରାଦୀପ, (ମହାଭାରତ): ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପାରାଦ୍ୱୀପ ପୌରପାଳିକା ପକ୍ଷରୁ କାର୍ଯ୍ୟରତ ସଫେଇ ମିତ୍ର ଓ ସ୍ୱଚ୍ଛ କର୍ମୀମାନଙ୍କୁ ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ (ପିପିଇ କିଟ୍) ବଣ୍ଟନ କରାଯାଇଛି । ପୌରପାଳିକା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଫେଇ କର୍ମୀମାନେ କିପରି ପିପିଇ କିଟ୍‌ର ସଠିକ୍ ବ୍ୟବହାର କରି ସୁରକ୍ଷିତ ଓ ସମ୍ମାନର ସହିତ ସଫେଇ କାର୍ଯ୍ୟ କରିପାରିବେ, ସେ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ପାରାଦ୍ୱୀପ ପୌରପାଳିକାରେ କାର୍ଯ୍ୟରତ ସଫେଇ ମିତ୍ର ଓ ସ୍ୱଚ୍ଛ କର୍ମୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା। ବିଶେଷଜ୍ଞ ଡାକ୍ତରମାନେ ସଫେଇ କାର୍ଯ୍ୟ ସମୟରେ ନିଜ ସ୍ୱାସ୍ଥ୍ୟର ଯତ୍ନ କିପରି ନେବେ, ସଂକ୍ରମଣ ଓ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ କିପରି ସୁରକ୍ଷିତ ରହିବେ ଏବଂ ସୁସ୍ଥ ରହି କାର୍ଯ୍ୟ କିପରି ଜାରି ରଖିବେ, ସେନେଇ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିଥିଲେ। ସଫେଇ ମିତ୍ର ଓ ସ୍ୱଚ୍ଛ କର୍ମୀମାନେ ସହରକୁ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ରଖିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ସେମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ସମ୍ମାନକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ପାରାଦ୍ୱୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବରିଷ୍ଠ ପାରିଷଦ ଅଜିତ କୁମାର ଷଡ଼ଙ୍ଗୀ ଓ ଜଗନ୍ନାଥ ରାଓ, ପାରାଦ୍ୱୀପ ସ୍ୱଚ୍ଛତା ରାଜଦୂତ ଅମ୍ବିକା ପ୍ରସାଦ ମହାପାତ୍ର ଏବଂ ପରିମଳ ଅଧିକାରୀ ପ୍ରୀତିରଞ୍ଜନ ପାଢ଼ୀଙ୍କ ସମେତ ପୌରପାଳିକାର କର୍ମଚାରୀ, ବିଶେଷଜ୍ଞ ଡାକ୍ତର ଓ ସଫେଇ ମିତ୍ରମାନେ ଉପସ୍ଥିତ ଥିଲେ। 'ସ୍ୱଚ୍ଛ ସହର ପାଇଁ ସଫେଇ ମିତ୍ରଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ସମ୍ମାନ ଆମର ଦାୟିତ୍ୱ" ବାର୍ତ୍ତା ସହ କାର୍ଯ୍ୟକ୍ରମଟି ସଫଳତାର ସହ ଉଦଯାପିତ ହୋଇଥିଲା।

# ଇଫକୋ କୋରଡେଟ୍ ପକ୍ଷରୁ ତିନି ଦିନିଆ କୃଷକ ପ୍ରଶିକ୍ଷଣ ଶିବିର

ପାରାଦୀପ, (ମହାଭାରତ): ପାରାଦୀପସ୍ଥିତ ବିଶ୍ୱସ୍ତରୀୟ ଅଗ୍ରଣୀ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପରିସରରେ ତିନି ଦିନିଆ କୃଷକ ପ୍ରଶିକ୍ଷଣ ଶିବିର ଆୟୋଜିତ ହେଉଆଛି । ସୋମବାରଠାରୁ ଇଫକୋ ପରିସରରେ ଥିବା ସ୍ୱର୍ଣ୍ଣଜୟନ୍ତୀ ସଭାଗାର ପରିସରରେ ଏହି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇ ବୁଧବାର ଦିନ ଉଦଘାପିତ ହେବ । ପଡୋଶି ରାଜ୍ୟ ପଶ୍ଚିମବଙ୍ଗର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୫ଜଣ ପ୍ରଗତିଶୀଳ କୃଷକ




ଏଥିରେ ଅଂଶଗ୍ରହଣ କରିଛନ୍ତି । ଶିବିର ଉଦଘାଟନୀ ସମାରୋହରେ ଇଫକୋ ପାରାଦୀପ ୟୁନିଟ୍ ହେଡ୍ ଅନିରୁଦ୍ଧ ବିକ୍ରମ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜଗତସିଂହପୁର ମୃର୍ତିକା ବିଜ୍ଞାନୀ ପ୍ରଦୀପ୍ତ ମାଝୀ, ପୋର୍ଟ ଲଜିଷ୍ଟିକ ବୀର କିଶୋର ମିଶ୍ର, ଡିଜିଏମ ପିଆଣ୍ଡଏ ବିଜୟ କୁମାର ପରିଡା, କୋରଡେଟ୍ ଅଧକ୍ଷ କୁଳମଣି ମାଝୀ, ଇଫକୋ ପ୍ରଶାସନିକ ଅଧୁକାରୀ ଜୟନ୍ତ କୁମାର ଜେନା ଏହି ଶିବିରରେ ଯୋଗ ଦେଇଥିଲେ । ଇଫକୋର କୃଷକ ଏବଂ କୃଷି ପ୍ରତି ଇଫକୋର ପ୍ରତିବଦ୍ଧତା ଏବଂ ଆଧୁନିକ ପଦ୍ଧତି ଓ ଉନ୍ନତ କୃଷି ପ୍ରଯୁକ୍ତି ଆପଣାଇବାକୁ କୃଷକମାନଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଶିକ୍ଷଣର ବୈଷୟିକ ଅଧିବେଶନରେ ନାନୋ ସାର, ଜଳଦ୍ରବଣୀୟ ସାର, ଜୈବ ସାର, ଜୈବ ଉତେଜକ, ମ୍ୟର୍ତିକା ସ୍ୱାସ୍ଥ୍ୟ, ବୈଜ୍ଞାନିକ କୃଷି ପଦ୍ଧତି, ଆଦି ସମ୍ପର୍କରେ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଏଥି ସହିତ କୃଷକମାନଙ୍କ ପାଇଁ ଇଫକୋ ସାର କାରଖାନା ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା ।

## ଡାକ୍ତରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାରଙ୍ଗ, (ମହାଭାରତ): ବହୁଦିନର ପ୍ରତୀକ୍ଷାର ଅନ୍ତ ଘଟିବା ସହ କଟକ ଜିଲ୍ଲା ବାରଙ୍ଗ ବ୍ଲକ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଦାବି ପୂରଣ ହୋଇଛି। ମହିଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଭାବେ ଯୋଗଦେଇଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ସ୍ନେହଶ୍ରୀ ସାମଲଙ୍କୁ ଗବବସ୍ତ ମଣ୍ଡଳ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଗବବସ୍ତ ମଣ୍ଡଳ ସଭାପତି ଅଶ୍ୱିନୀ କୁମାର କାଣ୍ଡି ,ବନ୍ଧୁ ଚରଣ ସାହୁ, ସରୋଜ କୁମାର ମହାପାତ୍ର, ଅକ୍ଷୟ ସ୍ୱାଇଁ, ଆଲୋକ ଗଜେନ୍ଦ୍ର, ରାଜକିଶୋର ଜେନା,ପ୍ରଶାନ୍ତ କୁମାର ଦାଶ, ଦୁର୍ଗା ରଥ, ଅଶୋକ ସାହୁ,ଜିତେନ୍ଦ୍ର ସ୍ୱାଇଁ, ଦିଲୁ ଭୋଇ ସୁଧୀର ବେଉରା ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ନୂତନ ଡାକ୍ତରଙ୍କ ସହ ବିଭିନ୍ନ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ମହିଳା ଓ ପ୍ରସୂତି ରୋଗୀମାନଙ୍କୁ ସମୟୋଚିତ ଓ ଉନ୍ନତ ଚିକିତ୍ସା ସେବା ଯୋଗାଇବା ସହ ରୋଗୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ସୌଜନ୍ୟପୂର୍ଣ୍ଣ ଓ ସହାନୁଭୂତିଶୀଳ ବ୍ୟବହାର ନେଇ ମତବିନିମୟ ହୋଇଥିଲା। ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ନିଯୁକ୍ତିହେବା ଦ୍ୱାରା ସ୍ଥାନୀୟ ମହିଳା ରୋଗୀ ଓ ଗର୍ଭବତୀଙ୍କୁ ଚିକିତ୍ସା ପାଇଁ ଦୂରସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳତା କମିବ ବୋଲି ଆଶା ପ୍ରକାଶ ପାଇଛି।

# ପାରାଦୀପ ବନ୍ଦର ନିରାପତ୍ତା ସୁଦୃଢ ପାଇଁ ଆରଡ଼ିଇ ସୁରକ୍ଷା ବ୍ୟବସ୍ଥା ଉଦଘାଟିତ




ପାରାଦୀପ, (ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ର ନୂତନ ୧ ନମ୍ବର ଗେଟ ରେ ନୂତନ ଭାବରେ ସ୍ଥାପିତ ରେଡିଓଲୋଜିକାଲ୍ ଡିଟେକ୍ସନ୍ ଇକ୍ୟୁପମେଣ୍ଟ (ଆରଡିଇ) ବ୍ୟବସ୍ଥା ବୁଧବାର ଦିନ ଉଦଘାଟିତ ହୋଇଯାଇଛି । ଏହା ବନ୍ଦର ସୁରକ୍ଷା ଏବଂ ନିରାପତ୍ତା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିଛି। ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଶ୍ରୀ ଟି. ଭେନୁଗୋପାଳ ଇଲେକ୍‌ଟ୍ରୋନିକ୍ସ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ଇସିଆଇଏଲ)ର ଏଜିଏମ ଏବଂ ଆରଆଇଡ଼ି ର ମୁଖ୍ୟ ଜି. ଧନଞ୍ଜୟ ଏବଂ ପାରାଦୀପ ବନ୍ଦର ର ମୁଖ୍ୟ ଯନ୍ତ୍ରୀ ଇଂ.ସୁଶୀଲ ଚନ୍ଦ୍ର ନାହାକ, ବନ୍ଦର ବିଭାଗୀୟ ମୁଖ୍ୟ ଏବଂ ଇସିଆଇଏଲ ର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ସିଷ୍ଟମକୁ ଉଦଘାଟନ କରିଥିଲେ। ୨୧.୩୨ କୋଟିରୁ ଅଧିକ ମୂଲ୍ୟର ଏହି ପ୍ରକଳ୍ପରେ ରେଡିଓଲୋଜିକାଲ୍ ଡିଟେକ୍ସନ୍ ସିଷ୍ଟମର ଯୋଗାଣ, ସଂସ୍ଥାପନ ଏବଂ କମିଶନିଙ୍ଗ ସହିତ ୧୦ ବର୍ଷର ଏକ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିନାମା ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପଟି ପରମାଣୁ ଶକ୍ତି ବିଭାଗ ଅଧୀନରେ ଭାରତ ସରକାରଙ୍କ ଏକ ଉଦ୍ୟୋଗ, ଇଲେକ୍‌ଟ୍ରୋନିକ୍ସ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ ସହଯୋଗରେ କାର୍ଯ୍ୟକାରୀ କରାଯାଇଛି। ଏହି ସଂସ୍ଥାପନରେ ଉନ୍ନତ ଯାନବାହନ ମନିଟରିଂ ସିଷ୍ଟମ, ଆଇସୋଟୋପ୍ ଆଇଡେଣ୍ଟିଫାୟର୍ ଏବଂ ଉଚ୍ଚ-ସଠିକତା ବିକିରଣ ସର୍ଭେ ମିଟର ଅନ୍ତର୍ଭୁକ୍ତ ଯାହା ବନ୍ଦରକୁ ପ୍ରବେଶ କରୁଥିବା କାର୍ଗୋ ଏବଂ ଯାନବାହନରେ ରେଡିଓଆକ୍ଟିଭ୍ ସାମଗ୍ରୀର ପ୍ରଭାବଶାଳୀ ସ୍କ୍ରିନିଂ ଏବଂ ଚିହ୍ନଟକୁ ସହଜ କରିଥାଏ। ଉନ୍ନତ ରେଡିଓଲୋଜିକାଲ୍ ଚିହ୍ନଟ ପ୍ରଯୁକ୍ତିର ନିୟୋଜିତ ହେବା ଦ୍ୱାରା ବନ୍ଦର ଦେଇ ପରମାଣୁ କିମ୍ବା ରେଡିଓଏକ୍ଟିଭ୍ ସାମଗ୍ରୀର ଅବୈଧ ଗତିବିଧି ଚିହ୍ନଟ ଏବଂ ରୋକିବା ପାଇଁ ପାରାଦୀପ ବନ୍ଦର ର କ୍ଷମତାକୁ ସୁଦୃଢ଼ କରାଯିବ, ବନ୍ଦର ପ୍ରବେଶପଥରେ ସୁରକ୍ଷା ଏବଂ ନିରାପତ୍ତା ଆହୁରି ବୃଦ୍ଧି ପାଇବ। ପାରାଦୀପ ବନ୍ଦର ର ସୁରକ୍ଷା ଭିତ୍ତିଭୂମିକୁ ଆଧୁନିକୀକରଣ କରିବା ଏବଂ ଅଧିକ ସୁରକ୍ଷିତ ରଖିବା ଓ ବନ୍ଦର କାର୍ଯ୍ୟ ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ପାଇଁ ନିରନ୍ତର ପ୍ରୟାସରେ ଉନ୍ନତ ଆରଡ଼ିଇ ସିଷ୍ଟମର କାର୍ଯ୍ୟକ୍ଷମତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପଦକ୍ଷେପ ଭାରତର ଗୁରୁତ୍ୱପୂର୍ଣ୍ଣ ବନ୍ଦର ଭିତ୍ତିଭୂମିରେ ସୁରକ୍ଷା ଏବଂ ନିରାପତ୍ତା ସୁଦୃଢ଼ କରିବାର ବ୍ୟାପକ ଉଦ୍ଦେଶ୍ୟ ସହିତ ପାରାଦୀପ ବନ୍ଦରକୁ ଏକ ସ୍ମାର୍ଟ, ସୁରକ୍ଷିତ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ସାମୁଦ୍ରିକ କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ ପାରାଦୀପ ବନ୍ଦର ର ପ୍ରତିବଦ୍ଧତାକୁ ସୁଦୃଢ଼ କରେ।

## ରକ୍ତଦାନ ଶିବିର ଓଡ଼ିଶା ସରକାରଙ୍କ ସେବା ସଙ୍କଳ୍ପ ଅଭିଯାନ ୨୦୨୬

ବାଣପୁର : ( ମହାଭାରତ ): ଓଡ଼ିଶା ସରକାରଙ୍କ ସେବା ସଙ୍କଳ୍ପ ଅଭିଯାନ ୨୦୨୬ ଅବସରରେ, ପାଳିତ ହେଉଥିବା ସେବା ପକ୍ଷ କାର୍ଯ୍ୟକ୍ରମ ଅଧୀନରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରୋଟାରୀ କ୍ଲବ୍ ବାଣପୁର ବାଲୁଗାଁ ଓ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ସାଙ୍ଗକୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣଙ୍କ ସ୍ୱତଃ ସ୍ଫୁର୍ତ ଯୋଗଦାନରେ ମୋଟ ୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମିଟୁ ନାୟକ ଓ ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ହୋତା ଅତିଥି ଭାବେ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ରକ୍ତଭଣ୍ଡାର ର କର୍ମଚାରି ମାନେ ଏହାକୁ ଗୁରୁତ୍ୱ ଦେଇ ସୁ ପରିଚାଳନା କରିଥିବା ବେଳେ, ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଏବଂ ରୋଟାରୀ କ୍ଲବ୍ ବାଣପୁର - ବାଲୁଗାଁର ସଦସ୍ୟ ମାନେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ।

# ମରଣଯନ୍ତା ପାଲଟିଛି ଘୁଗୁଡ଼ିପଡ଼ା ମୁଖ୍ୟ ରାସ୍ତା



ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଏନଏସି ଅଧୀନସ୍ଥ ଅନ୍ଧାରକୋଟଠାରୁ ବ୍ଲକ ଅନ୍ତର୍ଗତ ଘୁଗୁଡ଼ିପଡ଼ା ପଞ୍ଚାୟତକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ରେଲୱେ ଓଭରବ୍ରିଜ୍ ଉପରେ ଥିବା କଂକ୍ରିଟ୍ ରାସ୍ତାର ଏକ ସ୍ଥାନ ପ୍ରାୟ ୨ ଫୁଟ୍ ଦବିଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ମଧ୍ୟ ରାସ୍ତା ଦବିଯାଇଛି। ଫଳରେ ଯାତାୟାତ କରୁଥିବା ଲୋକେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି।ବିଶେଷକରି ସନ୍ଧ୍ୟା ପରେ ଏହି ରାସ୍ତାଟି ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇଯାଉଥିବାରୁ ସମସ୍ୟା ଅଧିକ ଗୁରୁତର ହୋଇପଡ଼ିଛି। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ଯାତାୟାତ ସମୟରେ ଦବିଯାଇଥିବା ଅଂଶ ଓ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେଉଥିବା ନେଇ ଅଭିଯୋଗ ରହିଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତା କିଛି ବର୍ଷ ମଧ୍ୟରେ ଏଭଳି ଦବିଯିବା ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୁର୍ଘଟଣା ରୋକିବା ପାଇଁ ତୁରନ୍ତ ଦବିଯାଇଥିବା ଅଂଶର ମରାମତି ସହ ରାସ୍ତାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସେବା ପକ୍ଷରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



ଉମରକୋଟ (ମହାଭାରତ) ନବରଙ୍ଗପୁର ଜିଲ୍ଲା ଉମରକୋଟ ବୁଧବାର ଦିନ ସକାଳ ୭:୦୦ ଘଟିକା ସମୟରେ ନୂଆ ବସଷ୍ଟାଣ୍ଡ ଠାରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ସେବାପକ୍ଷ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅଟେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ଠାରୁ ଆରମ୍ଭ ହୋଇ ମହାତ୍ମାଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି ସେବାପକ୍ଷ ପାଳନକରାଯାଏ ଏହି ସମୟ ମଧ୍ୟରେ ବିଭିନ୍ନ ସେବା କାର୍ଯ୍ୟକ୍ରମ ମଧ୍ୟରେ ସ୍ୱଚ୍ଛତାକୁ ସବୁଠାରୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ, ସ୍ୱଚ୍ଛତାକୁ କେବଳ ସରକାରୀ କାର୍ଯ୍ୟକ୍ରମ ନକରି ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଏହାର ଉଦ୍ଦେଶ୍ୟ। ମହାତ୍ମାଗାନ୍ଧୀଙ୍କ ସ୍ୱଚ୍ଛ ଓ ସୁସ୍ଥ ଭାରତର ସ୍ୱପ୍ନକୁ ଆଗକୁ ବଢାଇବା। ସମସ୍ତ ସାର୍ବଜନୀନ ସ୍ଥାନରେ ସ୍ୱେଚ୍ଛାକୃତ ଭାବେ ସଫେଇ କରିବା ଏହି ଅଭିଯାନ ଦ୍ୱାରା ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ଦାୟିତ୍ୱବୋଧ ବଢିଥାଏ। ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ରାଜ୍ୟ ଉପ ସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାହୁ,ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ କୁମାର ଆଚାର୍ଯ୍ୟ,ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ରାମ ନାୟକ,ମିଲୁ ପଣ୍ଡା, ମୁନା ପାଣିଗ୍ରାହୀ, ପ୍ରଦିପ ମିଶ୍ର, ଦୁଖାଲୁ ମେହର, ଦିଲିପ ବିଶ୍ୱାସ, ରାମ ଗଣ୍ଡ, ଅଭିରାମ, ଅମିତ ହାଲଦାର, ଅଶୋକ ସାହୁ, କୁରମା ରାଓ, ସିମାଞ୍ଚଳ ବିଶୟି, ଜିଲ୍ଲା ମହିଳା ମୋର୍ଚ୍ଚା ସଭା ନେତ୍ରୀ ମନ୍ଦିରା ନାୟକ, ମିନତି ପଇଟାଲ, ଅର୍ଚ୍ଚନା ମଣ୍ଡଳ ପ୍ରମୁଖ ଭାଜପାର ବହୁ କାର୍ଯ୍ୟକର୍ତ୍ତା ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ମେଡିକାଲ ପରିସରରେ ୭୦ରୁ ଊର୍ଦ୍ଧ୍ୱ ଚାରାରୋପଣ ସହ ରୋଗୀଙ୍କୁ ଫଳ ବଣ୍ଟନ

ଉମରକୋଟ (ମହାଭାରତ )ପରିବେଶ ସୁରକ୍ଷା ଓ ଜଳବାୟୁ ସନ୍ତୁଳନର ବାର୍ତ୍ତା ନେଇ ଉମରକୋଟରେ ନିଖିଳ ଓଡ଼ିଶା ଖଡ୍ଡୁରା ସମାଜ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ମେଡିକାଲ ପରିସରରେ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ଖଡ୍ଡୁରା ସମାଜର ବରିଷ୍ଠ ବ୍ୟକ୍ତି ଓ ମହିଳାମାନେ ଏକାଠି ହୋଇ ବୃକ୍ଷ ହ୍ରାସ ଯୋଗୁଁ ପରିବେଶ ଓ ଜଳବାୟୁ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଦିନକୁ ଦିନ ତାପମାତ୍ରା ବୃଦ୍ଧି ସହ ପରିବେଶରେ ପରିବର୍ତ୍ତନ ଦେଖାଦେଉଥିବାରୁ ଅଧିକରୁ ଅଧିକ ଗଛ ଲଗାଇ ତାହାର ଯତ୍ନ ନେବାକୁ ସମାଜ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା।ମେଡିକାଲ ପରିସରରେ ଲିମ୍ବ, ଅଁଳା ଓ ପିଜୁଳି ଆଦି ବିଭିନ୍ନ ପ୍ରଜାତିର ୭୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଏଥିସହ ସମାଜର ସଦସ୍ୟମାନେ ମେଡିକାଲରେ ଚିକିତ୍ସାଧୀନ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।କାର୍ଯ୍ୟକ୍ରମରେ ଖଡ୍ଡୁରା ସମାଜର ସଭାପତି ସୁରେନ୍ଦ୍ର ନାୟକ, ସମ୍ପାଦକ ତ୍ରିପତି ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ ନାୟକଙ୍କ ସମେତ ମନୋଜ ନାୟକ, ସୁନୀଲ ନାୟକ, ରମେଶ ନାୟକ, ଶିବ ବେହେରା, ଗଣେଶ




ନାୟକ, ପ୍ରଭାକର ମହାପାତ୍ର, ଭାଗ୍ୟଶ୍ରୀ ସାହୁ, ସୁଜାତା ନାୟକ, ସଂଯୁକ୍ତା ନାୟକ, ସବିତା ନାୟକ, କୁନି ନାୟକ ପ୍ରମୁଖଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ପରିବାରର ସଦସ୍ୟ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

## କଳାହାଣ୍ଡିରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୧୯୨ ଜଣ ତୀର୍ଥଯାତ୍ରୀ ଅଯୋଧ୍ୟା ଓ ବାରାଣସୀ କୁ ଯାତ୍ରା

କଳାହାଣ୍ଡି(ମହାଭାରତ):ଭବାନୀପାଟଣା ତା ୩୦.୯.୨୦୨୬: ଆଜି ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୧୯୨ ଜଣ ତୀର୍ଥଯାତ୍ରୀ ୫ ଟି ବସ୍‌ରେ ଅଯୋଧ୍ୟା ଓ ବାରାଣସୀ କୁ ଯିବା ପାଇଁ ରାୟଗଡ଼ା ରେଳ ଷ୍ଟେସନ ଅଭିମୁଖେ ଯାତ୍ରା କରିଛନ୍ତି। ଆସନ୍ତା କାଲି ୫ ଟି ଜିଲ୍ଲା ରାୟଗଡ଼ା,କଳାହାଣ୍ଡି,ନୂଆପଡ଼ା,କୋରାପୁଟ, ମାଲକାନଗିରି ତୀର୍ଥଯାତ୍ରୀ ୧.୧୦.୨୦୨୬ ତାରିଖ ସକାଳ ୧୦.୦୦ ଘ ସମୟରେ ରାୟଗଡ଼ା ରେଳ ଷ୍ଟେସନ ଠାରୁ ସ୍ୱତନ୍ତ୍ର ଟ୍ରେନ ରେ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଗସ୍ତ କରିବେ। ଏହି ଅବସରରେ ଆଜି ମଧ୍ୟ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ଜିଲ୍ଲାରୁ ୫୭୦ ଜଣ ତୀର୍ଥଯାତ୍ରୀ ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ୧୭ ଟି ଶୀତତାପ ନିୟନ୍ତ୍ରିତ ବସରେ ଯାତ୍ରା କରିଛନ୍ତି। ବରିଷ୍ଠ ନାଗରିକମାନଙ୍କୁ ରାଜ୍ୟର ପ୍ରମୁଖ ଧାର୍ମିକ ଓ ଆଧ୍ୟାତ୍ମିକ ସ୍ଥଳୀ ପରିଦର୍ଶନର ସୁଯୋଗ ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ' ଏବଂ 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ' କୁ ସମସ୍ତେ ପ୍ରଶଂସା କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ତହସିଲଦାର କଳାହାଣ୍ଡି କ୍ଷୀରୋଦ ନାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଳାହାଣ୍ଡି ମନୋଜ ବେହେରା,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ ପ୍ରମୁଖ ଯୋଗଦେଇ ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ତୀର୍ଥଯାତ୍ରାରେ ଯାଉଥିବା ବସ୍‌କୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ଓ ତୀର୍ଥଯାତ୍ରୀଙ୍କ ଯାତ୍ରା ସୁଖଦ, ନିରାପଦ ଓ ସ୍ମରଣୀୟ ହେଉ ବୋଲି ଶୁଭକାମନା

## ଗୁଣିଗାରେଡି ବିରୋଧରେ ମୋହନା ପୋଲିସର ସଚେତନତା



ମୋହନା, (ମହାଭାରତ): ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସକୁ ନେଇ ଦୁର୍ଗମ ଅଞ୍ଚଳରେ ଘଟୁଥିବା ଅପରାଧ ଓ ହତ୍ୟା ଭଳି ଘଟଣାକୁ ରୋକିବା ଉଦ୍ଦେଶ୍ୟରେ ମୋହନା ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଗଜପତି ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ମୋହନା ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ରଙ୍କ ନେତୃତ୍ୱରେ ପୋଲିସ ଟିମ୍ ଦୁର୍ଗମ ଲୁଣ୍ଡ୍ରଜ ଗାଁରେ ପହଞ୍ଚି ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଗୁଣିଗାରେଡି ନାମରେ କାହାକୁ ଦୋଷାରୋପ କରିବା, ନିର୍ଯାତନା ଦେବା କିମ୍ବା ହିଂସାର ଆଶ୍ରୟ ନେବା ଆଇନତଃ ଅପରାଧ ବୋଲି ପୋଲିସ ପକ୍ଷରୁ ବୁଝାଇ ଦିଆଯାଇଥିଲା। ଏଭଳି ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବା ସହ କୌଣସି ସନ୍ଦେହଜନକ ଘଟଣା ଘଟିଲେ ତୁରନ୍ତ ପୋଲିସକୁ ଜଣାଇବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଥିଲା। ଅନ୍ଧବିଶ୍ୱାସ ଦୂର କରି ସମାଜରେ ଆଇନ ଓ ଶାନ୍ତି ବଜାୟ ରଖିବା ନେଇ ପୋଲିସର ଏହି ସଚେତନତା ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି।

## ଓଡ଼ଗାଁ ଏନଏସିରେ ସ୍ୱଚ୍ଛସାଥିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଓଡ଼ଗାଁ,(ମହାଭାରତ)ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ନେତୃତ୍ୱରେ ସ୍ୱଚ୍ଛସାଥି ତଥା ପରିମଳ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାସ୍ଥ୍ୟପରୀକ୍ଷା ଶିବିର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡ଼ା.ନିଲାଞ୍ଜନ ଦାସ, ଡ଼ା.ସମ୍ବିତ୍ ପ୍ରସାଦ,ଡ଼ା.ପ୍ରଣତୀ ମଞ୍ଜରୀ ଶର୍ମା ଉପସ୍ଥିତରହି ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।ଏଥିରେ ସାନିଟେସନ୍ ଏକ୍ସପାଟ ବରଦା ପ୍ରସନ୍ନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ,ସୂର୍ଯ୍ୟକାନ୍ତ ପଟ୍ଟନାୟକ ଏବଂ ପ୍ରତାପ କୁମାର ଯେନା ସହଯୋଗ କରିଥିଲେ।ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆହାରକେନ୍ଦ୍ର ବୁଲି ଦେଖିବା ସହିତ ଖାଦ୍ୟର ମାନ ପରୀକ୍ଷା କରିଥିଲେ।

## ୭୨ ତମ ବନ୍ୟପ୍ରାଣୀ ସପ୍ତାହ ୨୦୨୬ ପାଳନ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ବନ ଖଣ୍ଡ ବିଭାଗର କନଫେରାନ୍ସ ହଲ ଠାରେ ୭୨ ତମ ବନ୍ୟପ୍ରାଣୀ ସପ୍ତାହ ୨୦୨୬ ପାଳନ ହୋଇଯାଇଛି।ଜିଲ୍ଲା ବନଖଣ୍ଡ ଅଧିକାରୀ କେ ନାଗରାଜୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,ଏସ୍ କେ ସି ଜୀ କଲେଜର ଅଧ୍ୟାପକ,ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏଚ ସଂଗ୍ରାମ , ବିଦ୍ୟୁତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସାହୁ,ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଏ ଡି ଭି ଓ , ସହକାରୀ ବନ ସଂରକ୍ଷଣ ଅଧିକାରୀ ସାଇନ ଶ୍ରୀ ଦାସ ପ୍ରମୁଖ ମଞ୍ଚାସିନ ଥିଲେ।ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହକାରୀ ବନ ସଂରକ୍ଷଣ ଅଧିକାରୀ ସାଇନ ଶ୍ରୀ ଦାସ ପ୍ରଦାନ କରିଥିବା ବେଳେ ବନଖଣ୍ଡ ଅଧିକାରୀ କେ ନାଗରାଜୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ।ଏହି ଦିବସର ଲକ୍ଷ୍ୟ ହେଉଛି ବନ୍ୟପ୍ରାଣୀଙ୍କ ସୁରକ୍ଷା କିପରି କରାଯିବ ତାର ରକ୍ଷଣାବେକ୍ଷଣ କରିବା ସହ ଜଙ୍ଗଲର ସଂରକ୍ଷଣ ଏବଂ ଜଙ୍ଗଲର ସୁରକ୍ଷା କରିବା। ଏହି ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତାରେ କୃତି ପ୍ରତିଯୋଗି ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।ଆଜିର ବିଷୟବସ୍ତୁ ହେଉଛି ବିଜ୍ଞାନ ଏବଂ ଜୈବ ବିବିଧତା ଦିବସ ଉପରେ ଅତିଥି ମାନେ ନିଜର ବକ୍ତବ୍ୟ ରଖିଥିଲେ।ବନାଞ୍ଚଳ ରେଞ୍ଜର ବନପାଳ ଭେଙ୍କେଟ ରାବାଣାଙ୍କ ସମେତ ବନ ବିଭାଗର କର୍ମଚାରୀ ରହି ପରିଚାଳନା ରେ ସହଯୋଗ କରିଥିଲେ।

## କେନ୍ଦ୍ରାପଡାର ଶୋଚନୀୟ ରାସ୍ତା ଅବସ୍ଥାର ତୁରନ୍ତ ସମାଧାନ ଦାବି ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ଯୁବ ସ୍ୱାଭିମାନ ଟ୍ରଷ୍ଟ

**କେନ୍ଦ୍ରାପଡ଼ା,:**କେନ୍ଦ୍ରାପଡ଼ା ସହର ଏବଂ ସହରକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାଗୁଡ଼ିକର ଶୋଚନୀୟ ଅବସ୍ଥାର ତୁରନ୍ତ ସମାଧାନ ଦାବିରେ ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।କେନ୍ଦ୍ରାପଡ଼ା ସହର ଓ ସହରକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତାରେ ବଡ଼ ବଡ଼ ଖାଲଖମା, ଗର୍ତ୍ତ, ଭଙ୍ଗା ରାସ୍ତା ଏବଂ ବର୍ଷାଜଳ ଜମି ରହିବା ଯୋଗୁଁ ଯାତାୟାତ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହା ଫଳରେ ଛାତ୍ରଛାତ୍ରୀ, ରୋଗୀ, ବୃଦ୍ଧ, ମହିଳା, ଚାକିରିଜୀବୀ ଓ ସାଧାରଣ ଲୋକେ ପ୍ରତିଦିନ ଯାତାୟାତ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖରାପ ରାସ୍ତା ଯୋଗୁଁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି। ଏହି ସମସ୍ୟା କେବଳ ରାସ୍ତା ମରାମତିର ପ୍ରସଙ୍ଗ ନୁହେଁ ବରଂ ଏହା ଜନସାଧାରଣଙ୍କ ସୁରକ୍ଷା, ସୁବିଧା ଓ ଦୈନନ୍ଦିନ ଯାତାୟାତ ସହ ଜଡ଼ିତ ଏକ ଗୁରୁତର ଜନସମସ୍ୟା ବୋଲି ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଦର୍ଶାଯାଇଛି।ବର୍ତ୍ତମାନ ରାସ୍ତାଗୁଡ଼ିକର ଶୋଚନୀୟ ଅବସ୍ଥାର ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ଭାବେ ପ୍ରସାରିତ ହେଉଥିବା ବେଳେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ପ୍ରକାଶ ପାଉଛି। ତେଣୁ ଆଉ ବିଳମ୍ବ ନକରି ରାସ୍ତାଗୁଡ଼ିକର ତୁରନ୍ତ ମରାମତି, ଜଳ ନିଷ୍କାସନ ବ୍ୟବସ୍ଥାର ସୁଧାର ଏବଂ ଦୀର୍ଘସ୍ଥାୟୀ



ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି। ଏହି ଜନ ସମସ୍ୟାରେ ତୁରନ୍ତ ଦୃଶ୍ୟମାନ ପଦକ୍ଷେପ ନିଆନଗଲେ କେନ୍ଦ୍ରାପଡ଼ାବାସୀଙ୍କ ସହଯୋଗରେ ଗଣତାନ୍ତ୍ରିକ ଓ ଶାନ୍ତିପୂର୍ଣ୍ଣ ଉପାୟରେ ଜନଆନ୍ଦୋଳନ କରିବାକୁ ଯୁବ ସ୍ୱାଭିମାନ ଟ୍ରଷ୍ଟ ବାଧ୍ୟ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଯୁବ ସ୍ୱାଭିମାନ ଟ୍ରଷ୍ଟର ସଭାପତି ଇଂ. ସ୍ମୃତି ରଞ୍ଜନ ଜେନାଙ୍କ ନେତୃତ୍ୱରେ ଉପଦେଷ୍ଟା ରମଣୀରଞ୍ଜନ ରାଉତରାୟ, ଉପସଭାପତି କୀର୍ତ୍ତିରଞ୍ଜନ ବେଉରା, ଉପସଭାପତି ଦେବାଶିଷ ସ୍ୱାଇଁ, ଉପସଭାପତି ଚନ୍ଦ୍ରକାନ୍ତ ବେହେରା, ସତ୍ୟାନନ୍ଦ ମଲ୍ଲ ପ୍ରମୁଖ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ।

## ମୋ ସ୍ୱାସ୍ଥ୍ୟ, ମୋ ଗର୍ବ ସ୍ୱାସ୍ଥ୍ୟ ସଚେତନତା ଶିବିର

**କେନ୍ଦ୍ରାପଡ଼ା:**କେନ୍ଦ୍ରାପଡା ମାଇଁ ଭାରତ ପକ୍ଷରୁ ମାଇଁ ଭାରତ, ଏନଏସଏସ ଓ ଯୁବକ ସଙ୍ଘର ସ୍ୱେଚ୍ଛାସେବୀମାନଙ୍କ ସକ୍ରିୟ ସହଯୋଗରେ ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବା ଅଭିଯାନ ଅନ୍ତର୍ଗତ ଏକଶହ ସପ୍ତାହର ନିଶାମୁକ୍ତ ଭାରତ ଅଭିଯାନର ଅଂଶବିଶେଷ ଭାବେ ମୋ ସ୍ୱାସ୍ଥ୍ୟ, ମୋ ଗର୍ବ ବିଷୟକୁ ନେଇ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ସହରର ଖଡିଅଙ୍ଗସ୍ଥିତ ପୁରୁଣା ଡାକ୍ତରଖାନା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ(ମେଡିକାଲ) ଡା. କିଶୋର ଚନ୍ଦ୍ର ମିଶ୍ର ଉଦଘାଟନ କରିଥିବା ବେଳେ ଡା. ପ୍ରକାଶ ବଳିଆରସିଂ ଓ ଡା. ଶ୍ରୀଜୟ ବିଶ୍ୱାଳ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହା ପରେ ମାଇଁ ଭାରତର ଜିଲ୍ଲା ଯୁବସେବା ଅଧିକାରୀ ସିଦ୍ଧାର୍ଥ ଯାଦବଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଡା. ବିରେନ୍ଦ୍ର କୁମାର ଦାସ, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଶିଶିରକାନ୍ତ ମହାପାତ୍ର,ଯୋଗ ଦେଇଥିଲେ।

## ଗଜାପଥର ହାଇ ସ୍କୁଲରେ ଏଫ୍.ଇ.ଏସ ପକ୍ଷ ରୁ ଚିତ୍ରାଙ୍କନ ପ୍ରତିଯୋଗିତା

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଗଜାପଥର ହାଇ ସ୍କୁଲ ରେ ଏଫ୍ ଇ ଏସ୍ ପକ୍ଷ ରୁ ଛାତ୍ରଛାତ୍ରୀ ମାନ ଙ୍କୁ ନେଇ ପରିବେଶ ଓ ବନ୍ୟଜନ୍ତୁ ସୁରକ୍ଷା ଉପରେ ଏକ ' ବନ୍ୟଜନ୍ତୁ ବଞ୍ଚାଅ ପ୍ରକୃତି ବଞ୍ଚାଅ ' ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଛି। ଏହି ଚିତ୍ରାଙ୍କନ ପ୍ରତିଯୋଗିତା ରେ ସ୍କୁଲ ର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ରେ ଚାରି ଜଣ ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରିଥିବା ବେଳେ ଏକ ସଭା ଆୟୋଜନ କରାଯାଇ ଥିଲା। ସଭା କୁ ଏମ.ଟି ନିରଂଜନ ବିଶ୍ୱାଳ ପରିଚାଳନା କରିଥିଲେ ।ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାଏକ ଙ୍କ ସଭାପତିତ୍ୱ ରେ ସଭା ଆୟୋଜନ ହୋଇ ଥିଲା। ମୁଖ୍ୟ ଅତିଥି ଭାବେ ସାହାରପଡ଼ା ବନରକ୍ଷୀ ଅଶ୍ୱିନୀ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସତ୍ୟବ୍ରତ ରାଉତ, ରମେଶ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତା କୃତିତ୍ୱ ଛାତ୍ରଛାତ୍ରୀ ମାନଙ୍କୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ପେନ୍,ଜମେଟ୍ରିବକ୍ସ ଦେଇ ପୁରସ୍କାର ପ୍ରଦାନ କରାଯାଇ ଛି । କାର୍ଯ୍ୟକ୍ରମ ଶେଷ ରେ କାର୍ଯ୍ୟକ୍ରମ ରେ ଉପସ୍ଥିତ ଅତିଥି ଓ ଛାତ୍ରଛାତ୍ରୀ ମାନଙ୍କୁ ତାଲିମ୍ ସଂଯୋଜକ ଅନାଦି ଚରଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମ କୁ ସଂପୂର୍ଣ୍ଣ ତାଲିମ୍ ସଂଯୋଜକ ବିଜୟ କୁମାର କାରୁଆ ସହଯୋଗ କରିଛନ୍ତି।

# ବନ୍ୟାରେ ଫସଲ ନଷ୍ଟ: ହତାଶରେ ଚାଷୀ



ଜୁନାଗଡ଼ (ମହାଭାରତ)ପ୍ରକୃତିର ପ୍ରହାରରେ ହାରିଗଲା ଚାଷୀ ତିନି ତିନି ଥର ଦୁଃଖ। ଆଖି ଆଗରେ ଉଜୁଡ଼ି ଯାଇଛି ବନ୍ୟାରେ ଛାରଖାର ଫସଲ, ଭାଙ୍ଗିଗଲା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଶହ ଶହ ହେକ୍ଟର ଜମିର ଚାଷ ନଷ୍ଟ, ଋଣ ସୁଝିବେ କେମିତି, ପରିବାର ପ୍ରତିପୋଷଣ କରିବେ କେମିତି, ସନ୍ଧିହାନ ରେ ଚାଷୀକୁଳ ବାତ୍ୟା ଆସିଲା, ବର୍ଷା ହଲା, ବନ୍ୟା ଆସିଲା, ହେଲେ ଏବେ ବି କମିନି ଚାଷୀଙ୍କ ମାସ ମାସର ପରିଶ୍ରମ। ଜମିରେ ଲହଡ଼ି ଖେଳିବା କଥା ଧାନ ଫସଲ, ହେଲେ ବନ୍ୟା ପାଣି ସବୁକିଛି ଛାରଖାର କରିଦେଇଛି। ପ୍ରକୃତିର ପ୍ରହାରରେ ସମ୍ପୂର୍ଣ୍ଣ ହାରି ଯାଇଛନ୍ତି ଚାଷୀକୁଳ । ତିନି ତିନି ଥର ବନ୍ୟାରେ ଛାରଖାର ହୋଇଗଲା ଫସଲ । ଭାଙ୍ଗିଗଲା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ । ଶହ ଶହ ହେକ୍ଟର ଜମିର ଚାଷ ନଷ୍ଟ, ଋଣ ସୁଝିବେ କେମିତି, ପରିବାର ପ୍ରତିପୋଷଣ କରିବେ କେମିତି, ସନ୍ଧିହାନ ରେ ଚାଷୀକୁଳ । କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର ଭଇଁରିଗୁଡା, ଚିଙ୍ଗୁଡିଶର, ତଳମଲା,କେନ୍ଦୁପାଟି,ନାନ୍ଦୋଳ, ତଳଜାରିଙ୍ଗ ପଞ୍ଚାୟତ ବିଭିନ୍ନ ଅଞ୍ଚଳରେ ବନ୍ୟା ଯୋଗୁଁ ଶହ ଶହ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ଚାଷୀମାନେ ଋଣ କରଜ କରି, ଧାର ଉଧାର ନେଇ ଚାଷରେ ଟଙ୍କା ଲଗାଇଥିଲେ। ଭଲ ଫସଲ ହେଲେ ଋଣ ସୁଝିବେ, ପରିବାର ଚଳାଇବେ ବୋଲି ଆଶା ରଖିଥିଲେ। କିନ୍ତୁ ବନ୍ୟା ସେହି ଆଶାକୁ ଧୋଇନେଇଛି। ଗୋଟିଏ ଥର ନୁହେଁ, ଚାଷୀଙ୍କୁ ତିନି ତିନି ଥର ବନ୍ୟାର ସାମ୍ନା କରିବାକୁ ପଡ଼ିଛି। ପୁଣି ପୁଣି ବନ୍ୟା ପାଣିରେ ଫସଲ ନଷ୍ଟ ହେବା ଯୋଗୁଁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଛି। ଚାଷ ନଷ୍ଟ, ଋଣ ମୁଣ୍ଡ ଉପରେ... ଏବେ ଋଣ ସୁଝିବେ କେମିତି, ପରିବାର ଚଳାଇବେ କେମିତି—ସେହି ଚିନ୍ତା ଘାରିଛି ଚାଷୀଙ୍କୁ। ପ୍ରକୃତିର ଦାଉ ଆଗରେ ହାରିଯାଇଥିବା ଚାଷୀ ଏବେ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି। କ୍ଷୟକ୍ଷତିର ଆକଳନ କରି ଶୀଘ୍ର କ୍ଷତିପୂରଣ, ଫସଲ ବୀମା ଓ ଋଣ ସମ୍ପର୍କରେ ରିଲିଫ୍ ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ ବନ୍ୟା ପାଣି ହୁଏତ ହ୍ରାସ ପାଇଛି, ହେଲେ ଚାଷୀଙ୍କ ଆଖିର ଲୁହ ଏବେ ବି ଶୁଖିନାହିଁ। ନଷ୍ଟ ହୋଇଥିବା ଫସଲ ସହ ଭାଙ୍ଗି ପଡ଼ିଛି ଚାଷୀଙ୍କ ଭରସା। ଏବେ ସରକାରୀ ସହାୟତା ହିଁ ଚାଷୀଙ୍କ ପାଇଁ ଶେଷ ଆଶା।

# ପ୍ରେମିକ ସହ ବିବାହ ପାଇଁ ସ୍ୱାମୀକୁ ହତ୍ୟା ! ଜମି ବିକି ୧୦ ଲକ୍ଷରେ ହୋଇଥିଲା ସୁପାରି



ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶର ମୁଜଫରନଗର ରତନପୁରୀ ଥାନା ଅଞ୍ଚଳରେ କୃଷକ ପ୍ରବୀଣ ଓରଫ ପରବିନ୍ଦରଙ୍କ ହତ୍ୟା ଘଟଣାର ରହସ୍ୟ ଖୋଲିଛି ପୁଲିସ। ସେପ୍ଟେମ୍ବର ୨୭ରେ ଅମ୍ବରପୁର ଜଙ୍ଗଲରୁ ପ୍ରବୀଣଙ୍କ ଗୁଳିବିଦ୍ଧ ମୃତଦେହ ମିଳିଥିଲା। ପୋଷ୍ଟମର୍ଟମ ଓ ପଞ୍ଚନାମାରୁ ତାଙ୍କ ଶରୀରରେ ଦୁଇଟି ଗୁଳି ଲାଗିଥିବା ଜଣାପଡ଼ିଥିଲା। ଘଟଣାର ତଦନ୍ତ ପାଇଁ ଏସଏସପି ସଞ୍ଜୟ କୁମାର ବର୍ମା ଏକାଧିକ ପୁଲିସ ଟିମ୍ ଗଠନ କରିଥିଲେ। ଏସପି ଦେହାତ, ସିଓ ବୁଢ଼ାନା, ରତନପୁରୀ ଇନ୍ସପେକ୍ଟରଙ୍କ ସହ ଝଓଏ ଓ ସର୍ଭିଲାନ୍ସ ଟିମ୍ ତଦନ୍ତରେ ସାମିଲ ହୋଇଥିଲେ। ପୁଲିସ ଦାବି ଅନୁସାରେ, ପ୍ରାୟ ୬୦ ଘଣ୍ଟା ମଧ୍ୟରେ ହତ୍ୟା ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇଛି। ପୁଲିସର ସୂଚନା ଅନୁସାରେ, ଏହି ମାମଲାର ସବୁଠାରୁ ଚକିତକର ଦିଗ ହେଉଛି ପ୍ରବୀଣଙ୍କ ପତ୍ନୀ ରେଖା ମଧ୍ୟ ଷଡ଼ଯନ୍ତ୍ରରେ ସାମିଲ ଥିବା ଅଭିଯୋଗ। ରେଖାଙ୍କର ବିକାଶ ନାମକ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିବା ପୁଲିସ କହିଛି। ବିକାଶ ପରିବାରର ପରିଚିତ ହୋଇଥିବାରୁ ପ୍ରବୀଣଙ୍କ ଘରକୁ ତାଙ୍କ ଯିବାଆସିବା ଥିଲା। ପୁଲିସ ଅନୁସାରେ, ଉଭୟ ୨୦୧୮-୧୯ରୁ ସମ୍ପର୍କରେ ଥିବା ଏବଂ ବିବାହ କରିବାକୁ ଚାହୁଁଥିଲେ। ପୁଲିସ ଦାବି କରିଛି ଯେ, ପ୍ରବୀଣ ଏହି ସମ୍ପର୍କକୁ ବିରୋଧ କରିବା ପରେ ରେଖା ଓ ବିକାଶ ତାଙ୍କୁ ହଟାଇବା ପାଇଁ ଯୋଜନା କରିଥିଲେ। ରେଖା ଜମି ବିକ୍ରି କରି ୧୦ ଲକ୍ଷ ଟଙ୍କା ଯୋଗାଡ଼ କରି ହତ୍ୟା ପାଇଁ ଦେବାକୁ କହିଥିବା ଅଭିଯୋଗ ହୋଇଛି। ଏହାପରେ ବିକାଶ ରାଜା ଓରଫ କାଲା ଏବଂ କଲ୍ୟାଣ ସିଂହଙ୍କୁ ଏହି ଷଡ଼ଯନ୍ତ୍ରରେ ସାମିଲ କରିଥିବା ପୁଲିସ କହିଛି। ରାଜାଙ୍କର ପ୍ରବୀଣଙ୍କ ଉପରେ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ବକେୟା ଥିଲା। ହତ୍ୟା ପାଇଁ ରାଜା ଓ କଲ୍ୟାଣଙ୍କୁ ୩ ଲକ୍ଷ ଲେଖାଏଁ ଟଙ୍କା ଦେବାର ପ୍ରଲୋଭନ ଦିଆଯାଇଥିବା ପୁଲିସର ଦାବି। ସେପ୍ଟେମ୍ବର ୨୭ରେ ପ୍ରବୀଣଙ୍କୁ ଅମ୍ବରପୁର ଜଙ୍ଗଲକୁ ଡକାଯାଇ ସେଠାରେ ତାଙ୍କୁ ଗୁଳି କରାଯାଇଥିବା ପୁଲିସ କହିଛି। ରାଜା ଓ କଲ୍ୟାଣ ଗୋଟିଏ ଲେଖାଏଁ ଗୁଳି ଚଳାଇଥିବା ତଦନ୍ତରେ ସ୍ୱୀକାର କରିଥିବା ଏସଏସପି କହିଛନ୍ତି। ପୁଲିସ ରେଖା, ବିକାଶ, ରାଜା ଓରଫ କାଲା ଏବଂ କଲ୍ୟାଣ ସିଂହଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଦୁଇଟି ୩୧୫ ବୋର ଅବୈଧ ତମଞ୍ଚା, ଗୁଳି ଓ ଖୋକା, ୪ଟି ମୋବାଇଲ ଫୋନ୍, ଏକ ସ୍ୱିଫ୍ଟ କାର୍ ଏବଂ ମୃତକଙ୍କ ମୋଟରସାଇକେଲ ଜବତ ହୋଇଥିବା ପୁଲିସ କହିଛି। ମାମଲାରେ ଇଘଝ ଓ ଆର୍ମ୍ସ ଆକ୍ଟ ଅଧୀନରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

# ମିଲନ ପ୍ରଧାନଙ୍କ ଅନ୍ତରୀଣ ଜାମିନକୁ ଚ୍ୟାଲେଞ୍ଜ ଜରୁରୀ ଶୁଣାଣି ପାଇଁ ମନା କଲେ ସୁପ୍ରିମ୍‌କୋର୍ଟ





ନୂଆଦିଲ୍ଲୀ: ନନ୍ଦୀଗ୍ରାମ ଆସନରେ କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନଙ୍କୁ ମିଳିଥିବା ଅନ୍ତରୀଣ ଜାମିନକୁ ଚ୍ୟାଲେଞ୍ଜ କରି ପଶ୍ଚିମବଙ୍ଗ ପୁଲିସ ସୁପ୍ରିମ୍‌କୋର୍ଟରେ ଏହାର ଜରୁରୀ ଶୁଣାଣି ପାଇଁ ଆବେଦନ କରିଥିଲା। ତେବେ ଶୀର୍ଷ ଅଦାଲତ ମାମଲାଟିକୁ ଜରୁରୀ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ମନା କରିଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ ଆସନ୍ତା ସୋମବାର ମାମଲାର ଶୁଣାଣି ହେବ। ପ୍ରଧାନ ବିଚାରପତି କହିଥିଲେ, 'ଆମେ ନିଶ୍ଚିତ କରୁଛୁ ଯେ ଆମେ ଏହାକୁ ରଦ୍ଦ କରିବୁ, କିନ୍ତୁ ଏହା ସୋମବାର ଦିନ ହେବ। ରାଜ୍ୟ ପକ୍ଷରୁ କୋର୍ଟରେ ଉପସ୍ଥିତ ଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ଶୁକ୍ରବାର ଗାନ୍ଧୀ ଜୟନ୍ତୀ ଯୋଗୁଁ ଛୁଟି ଥିବାରୁ ଗୁରୁବାର ମାମଲାଟିକୁ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଉ। କିନ୍ତୁ କୋର୍ଟ ଏଥିପାଇଁ ଅନୁମତି ଦେଇନଥିଲେ। ଉଲ୍ଲେଖଯୋଗ୍ୟ, ଆସନ୍ତା ଅକ୍ଟୋବର ୬ ତାରିଖରେ ନନ୍ଦୀଗ୍ରାମ ଆସନରେ ଉପନିର୍ବାଚନ ହେବ। କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନ ୨୦୦୭ ମସିହାର ଏକ ଆପରାଧିକ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିଲେ। ତେବେ କାଲକାଟା ହାଇକୋର୍ଟ ସେପ୍ଟେମ୍ବର ୨୯ ତାରିଖରେ ତାଙ୍କୁ ୩ ସପ୍ତାହର ଅନ୍ତରୀଣ ଜାମିନ ଦେଇଥିଲେ। ଏହା ଫଳରେ ସେ ଅକ୍ଟୋବର ୨୦ ତାରିଖ ପର୍ଯ୍ୟନ୍ତ ହାଜତ ବାହାରେ ରହିପାରିବେ।

## ଜ୍ଞାନେଶ କୁମାର ଓ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏକାଠି ହେଲେ ବିରୋଧୀ, ଆଗକୁ ଲଢ଼େଇ ଜୋରଦାର କରିବାକୁ ରଣନୀତି

ନୂଆଦିଲ୍ଲୀ: ନିର୍ବାଚନ ଆୟୋଗ ଏବଂ ମୋଦୀ ସରକାରଙ୍କ ବିରୋଧରେ ଏକାଠି ହୋଇଛନ୍ତି ବିରୋଧୀ। ଦୀର୍ଘ ଦିନ ପରେ ଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବରେ ଅନୁଷ୍ଠିତ ଇଣ୍ଡିଆ ମେଣ୍ଟର ବୈଠକ ହୋଇଛି। ରାହୁଲ ଗାନ୍ଧୀ, ମମତା ବାନାର୍ଜୀ, ଓମାର ଅବଦୁଲା, ତେଜସ୍ୱୀ ଯାଦବଙ୍କ ସମେତ ୧୯ଟି ଦଳର ପ୍ରତିନିଧି ବୈଠକରେ




ହୋଇଥିଲେ ସାମିଲ। ଏବଂ ନିର୍ବାଚନ ଆୟୋଗ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଲଢ଼େଇକୁ ଆହୁରି ଜୋରଦାର କରିବାକୁ ପ୍ରସ୍ତୁତ କରିଛନ୍ତି ରଣନୀତି। ଏସଆଇଆର ବିବାଦକୁ ନେଇ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗଙ୍କୁ ଘେରିବାକୁ ସବୁଠୁ ବଡ଼ ରଣନୀତି କରିଛି ଇଣ୍ଡିଆ ମେଣ୍ଟ। କନଷ୍ଟିଚ୍ୟୁସନ କ୍ଲବରେ ବୈଠକରେ ଏକାଠି ହୋଇଥିବା ୧୯ ଦଳର ନେତା ସିଧାସଳଖ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଓ ମୋଦୀ ସରକାରଙ୍କ ଉପରେ ବର୍ଷିଛନ୍ତି। ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ନିର୍ବାଚନ ଆୟୋଗ ନିଜର ନିରପେକ୍ଷତା ହରାଇ ସାରିଛି। ସରକାରଙ୍କ ଇଙ୍ଗିତରେ କଣ୍ଢେଇ ପରି ନାଚୁଛନ୍ତି ସିଇସି। ଲୋକଙ୍କ ଭୋଟ୍ ଚୋରି କରାଯାଉଛି, ଜ୍ଞାନେଶ କୁମାରଙ୍କୁ ଆମେ ଗାଦିରେ ବସିବାକୁ ଦେବୁ ନାହିଁ। ଚୌକିଦାରମାନେ ହିଁ ଆଜି ଚୋର ସାଜିଛନ୍ତି। ଆମେ ଶେଷ ପର୍ଯ୍ୟନ୍ତ ଲଢ଼ିବୁ ଏବଂ ସେମାନଙ୍କୁ ଇସ୍ତଫା ଦେବାକୁ ବାଧ କରିବୁ। ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ, ତେଜସ୍ୱୀ ଯାଦବଙ୍କ ସମେତ ଅନ୍ୟମାନେ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟକୁ କଡ଼ା ସମାଲୋଚନା କରିଛନ୍ତି। ସରକାରଙ୍କ ହାତବାରିସି ଓ କଣ୍ଢେଇ ସାଜି କାମ କରୁଛି ବୋଲି ବିରୋଧୀ ଅଭିଯୋଗ ଆଣିଛନ୍ତି । କୋଟି କୋଟି ଭୋଟରଙ୍କ ନାମ ତାଲିକାରୁ ହଟାଯାଇ ଖୋଲାଖୋଲି ଭୋଟ୍ ଲୁଟ୍ ହେଉଥିବା ଦର୍ଶାଇ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବୈଠକ କମ୍ପି ଉଠିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼େଗ କହିଛନ୍ତି ଆଗକୁ କେବଳ ପ୍ରେସ୍ ମିଟ୍ କିମ୍ବା ବୈଠକ ଭିତରେ ସୀମିତ ରହିବ ନାହିଁ ବିରୋଧ। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଦେଶର ପ୍ରତିଟି ଜିଲ୍ଲାରେ ଆନ୍ଦୋଳନ ହେବ। ତାସହିତ ଅକ୍ଟୋବର ୬ରେ ସଂସଦରୁ ନିର୍ବାଚନ ଆୟୋଗ ଭବନ ଅଭିମୁଖେ ସମସ୍ତ ବିରୋଧୀ ସାଂସଦ ପଦଯାତ୍ରା କରିବେ। ଖୁବଶୀଘ୍ର ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହୋଇ ଏହି ସାମ୍ବିଧାନିକ ସଙ୍କଟ ବିରୋଧରେ ତୀବ୍ର ପ୍ରତିବାଦ ଜଣାଇବ ମେଣ୍ଟ । ଜ୍ଞାନେଶ କୁମାରଙ୍କ ବିରୋଧରେ ମହାଭିଯୋଗ ଆଣିବାକୁ ବି ଯୋଜନା କରିଛନ୍ତି। କିନ୍ତୁ ଆଜିର ଏହି ବୈଠକରେ ଇଣ୍ଡି ମେଣ୍ଟର ପୁରୁଣା ସହଯୋଗୀ ଡିଏମ୍ ?କେ ସାମିଲ ହୋଇନାହିଁ। ସେହିପରି ନିର୍ବାଚନ ଆୟୋଗଙ୍କୁ ବିରୋଧ କରୁଥିଲେ ବି ବୈଠକରୁ ଦୂରେଇ ରହିଛି ଆମ୍ ? ଆଦମୀ ପାର୍ଟି। ଏପଟେ ଓଡ଼ିଶାରେ ମୁଖ୍ୟ ବିରୋଧୀ ଦଳ ସାଜିଥିବା ବିଜେଡିର ଆଭିମୁଖ୍ୟ ଅସ୍ପଷ୍ଟ ରହିଛି। ନବୀନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ ବି ଇଣ୍ଡି ମେଣ୍ଟରେ ସାମିଲ ହୋଇନି ବିଜୁ ଜନତା ଦଳ। ନିଟ୍ ପ୍ରଶ୍ନ ପତ୍ର ଲିକ୍ ମାମଲାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ବିରୋଧୀଙ୍କ ଜୋସ୍ ବଢ଼ି ଯାଇଛି। ଏବେ ନଜର ଆଗକୁ ଇଣ୍ଡିମେଣ୍ଟର ପରବର୍ତ୍ତୀ ପଦକ୍ଷେପ ଉପରେ।

## ରଷରେ ସାମରିକ ବିମାନ ଦୁର୍ଘଟଣା, ୬ ମୃତ

ନୂଆଦିଲ୍ଲୀ: ରଷରେ ଭୟାବହ ସାମରିକ ବିମାନ ଦୁର୍ଘଟଣା । ବିମାନ ଦୁର୍ଘଟଣାରେ ୬ ମୃତ, ଜଣେ ଗୁରୁତର। ରଷର ପୂର୍ବ ପ୍ରାନ୍ତରେ ଥିବା ଅମୁର ଓବ୍ଲାଷ୍ଟ ଅଞ୍ଚଳରେ ଏହି ଦୁର୍ଘଟଣା ହୋଇଥିବା ଜଣାପଡିଛି। ଦୁର୍ଘଟଣାରେ ବିମାନରେ ଥିବା ସାତ ଜଣ କର୍ମଚାରୀଙ୍କ ମଧ୍ୟରୁ ୬ ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ସଦସ୍ୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଉଡ଼ାଣ ଭରିବାର କିଛି ସମୟ ମଧ୍ୟରେ ହିଁ ବିମାନଟିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। କିଛି ସମୟ ମଧ୍ୟରେ ବିମାନଟି ଭୂମିରେ କ୍ରାସ୍ କରିବାରୁ ଇନ୍ଧନ ଟାଙ୍କିରେ ବିସ୍ଫୋରଣ ହୋଇଥିଲା। ପ୍ରଚଣ୍ଡ ବିସ୍ଫୋରଣ ଯୋଗୁଁ ସମଗ୍ର ବିମାନଟି ନିଆଁର ପିଣ୍ଡୁଳାରେ ପରିଣତ ହୋଇଯାଇଥିଲା। ଫଳରେ ଭିତରେ ଥିବା କ୍ରିଉ ସଦସ୍ୟମାନେ ବାହାରି ପାରିନଥିଲେ। ରଷ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଏହି ଦୁର୍ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# 'କେବଳ ଝିଅମାନଙ୍କ ପାଇଁ କାହିଁକି ଏତେ କଟକଣା ?' ମହିଳା ସୁରକ୍ଷା ନେଇ ବଡ଼ କଥା କହିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ: ଦିଲ୍ଲୀରେ ମହିଳା ସୁରକ୍ଷା ଏବଂ ଝିଅମାନଙ୍କ ଉପରେ ସମାଜ ଲଗାଉଥିବା ବିଭିନ୍ନ କଟକଣାକୁ ନେଇ ମୁହଁ ଖୋଲିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା। ବୁଧବାର ଦିଲ୍ଲୀ ୟୁନିଭର୍ସିଟିର ମୈତ୍ରେୟୀ କଲେଜର ଡାଏମଣ୍ଡ ଜୁବିଲି କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ମହିଳାଙ୍କ ସୁରକ୍ଷା ନାଁରେ ଝିଅମାନଙ୍କ ଚଳାଚଳ ଓ ସ୍ୱାଧୀନତା ଉପରେ କଟକଣା ଲଗାଇବା ସମାଧାନ ନୁହେଁ।

ରେଖା ଗୁପ୍ତା ପ୍ରଶ୍ନ କରିଛନ୍ତି, "ସବୁ କିଛି କେବଳ ଝିଅମାନଙ୍କ ପାଇଁ କାହିଁକି ? ଏତେ କଟକଣା, ଏତେ ସାବଧାନତା ଏବଂ ଏତେ ସୀମା କାହିଁକି ?" ତାଙ୍କ କହିବା ଅନୁସାରେ, ସୁରକ୍ଷା ପାଇଁ ଝିଅମାନଙ୍କୁ ରାତିରେ ବାହାରକୁ ନଯିବା, ନିଜ ଚଳାଚଳ ସୀମିତ କରିବା ଭଳି ପରାମର୍ଶ ଦେବା ପରିବର୍ତ୍ତେ ପୁଅ ଓ ପୁରୁଷମାନଙ୍କୁ ମହିଳାଙ୍କ ସହ କିପରି ବ୍ୟବହାର କରିବା ଉଚିତ, ସେନେଇ ଶିକ୍ଷା ଦେବା ଆବଶ୍ୟକ। ମହିଳାଙ୍କ ସହ ବ୍ୟବହାର ବେଳେ "ନା'ର ଅର୍ଥ ନା" ବୋଲି ପୁରୁଷମାନେ ବୁଝିବା ଦରକାର ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବରୁ କରିଥିବା ଏହି ସମ୍ପର୍କିତ ମନ୍ତବ୍ୟକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ। ରେଖା ଗୁପ୍ତା ସ୍ପଷ୍ଟ କରିଛନ୍ତି ଯେ, ଦିଲ୍ଲୀରେ ମହିଳା ସୁରକ୍ଷାକୁ ନେଇ କୌଣସି ସାଲିସ କରାଯିବ ନାହିଁ। ସମସ୍ତ ଦାୟିତ୍ୱ କେବଳ ଝିଅମାନଙ୍କର ନୁହେଁ, ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଭୂମିକା ରହିଛି ବୋଲି ସେ କହିଛନ୍ତି। କୌଣସି ମହିଳା କିମ୍ବା ଝିଅ ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ, ସମାଜ ଓ ସଂସ୍ଥାଗୁଡ଼ିକ ତାଙ୍କ ସ୍ୱରକୁ ଆହୁରି ଶକ୍ତିଶାଳୀ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମହିଳାଙ୍କୁ ଶୀଘ୍ର ନ୍ୟାୟ ମିଳିବା ପାଇଁ ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ କମାଇବା ଏବଂ ଆବଶ୍ୟକ ସୁବିଧା ବଢ଼ାଇବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି, ଦିଲ୍ଲୀରେ ଭୟ, ଆତଙ୍କ ଓ ଅତ୍ୟାଚାର ପାଇଁ ସ୍ଥାନ ରହିବା ଉଚିତ ନୁହେଁ। ମହିଳାମାନେ ବିନା ଭୟରେ ଯେକୌଣସି ସମୟରେ ଓ ଯେକୌଣସି ସ୍ଥାନକୁ ଯାଇପାରିବା ଭଳି ପରିବେଶ ସୃଷ୍ଟି ହେବା ଦରକାର। ଛାତ୍ରୀମାନଙ୍କୁ ନିଜକୁ ପ୍ରାଥମିକତା ଦେବା, ନିଜ କ୍ୟାରିୟର ବାଛିବା ଏବଂ ନେତୃତ୍ୱ ନେବାକୁ ମଧ୍ୟ ରେଖା ଗୁପ୍ତା ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, "ନିଜ ଯତ୍ନ ନିଅନ୍ତୁ, ନିଜ ପାଇଁ ବଞ୍ଚନ୍ତୁ, ନିଜ କ୍ୟାରିୟର ବାଛନ୍ତୁ ଏବଂ ସେହି ପଥରେ ଆଗକୁ ବଢ଼ନ୍ତୁ।"

## 'ଦେଶ ହେଉ କି ଆତଙ୍କୀ ସଂଗଠନ, କାହାକୁ ଛଡ଼ାଯିବନି...' ବିମାନ ଘଟଣାରେ ଇସ୍ରାଏଲ୍‌ର ଧମକ

ନୂଆଦିଲ୍ଲୀ: ଦୁବାଇରୁ ଇସ୍ରାଏଲର ତେଲ ଅଭିଭ୍ ? ଯାଉଥିବା ଫ୍ଲାଇଦୁବାଇର ଏକ ବିମାନରେ ଆକାଶ ମଝିରେ ଘଟିଛି ଭୟଙ୍କର ଘଟଣା।



ପାଇଲଟ୍ ?ମାନଙ୍କ ମଧ୍ୟରେ ହିଂସାତ୍ମକ ବିବାଦ ପରେ ବିମାନକୁ ସାଉଦି ଆରବରେ ଜରୁରୀ ଅବତରଣ କରାଇବାକୁ ପଡ଼ିଛି। ଫ୍ଲାଇଦୁବାଇର ଫ୍ଲାଇଟ୍ ଋତ୧୦୭୩ରେ ପ୍ରାୟ ୧୮୦ ଜଣ ଯାତ୍ରୀ ଥିଲେ ଏବଂ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। ରିପୋର୍ଟ ଅନୁସାରେ, ବିମାନ ଉଡ଼ାଣ ସମୟରେ ଜଣେ ପାଇଲଟ୍ ? ଅନ୍ୟ ପାଇଲଟ୍ ?ଙ୍କ ଉପରେ ଛୁରିରେ ଆକ୍ରମଣ କରିଥିଲେ। ଏହାପରେ ବିମାନରୁ ପ୍ରଥମେ ୭୭୦୦ ଇମର୍ଜେନ୍ସି ସ୍କ୍ୱକ୍ କୋଡ୍ ପଠାଯାଇଥିଲା। ପରେ ୭୫୦୦ କୋଡ୍ ପଠାଯାଇଥିଲା, ଯାହା ବିମାନରେ ସମ୍ଭାବ୍ୟ ଅବୈଧ ହସ୍ତକ୍ଷେପ କିମ୍ବା ହାଇଜାକ୍ ?ର ସଙ୍କେତ ଦେଇଥାଏ। ଫ୍ଲାଇଟ୍ ଟ୍ରାକିଂ ତଥ୍ୟ ଅନୁସାରେ, ବିମାନଟି ପ୍ରାୟ ୩୪ ହଜାର ଫୁଟ୍ ଉଚ୍ଚତାରୁ ହଠାତ୍ ପ୍ରାୟ ୧୬,୬୦୦ ଫୁଟ୍ ?କୁ ଖସିଥିଲା। ଏହାପରେ ଇମର୍ଜେନ୍ସି ସିଗ୍ନାଲ୍ ପଠାଯାଇଥିଲା। ଯାତ୍ରୀଙ୍କ କହିବା ଅନୁସାରେ, କକ୍ ?ପିଟ୍ ? ଭିତରୁ ଚିତ୍କାର ଶୁଣିବାକୁ ମିଳିଥିଲା। କକ୍ ?ପିଟ୍ ? ଖୋଲିବା ପରେ ସେଠାରେ ରକ୍ତ ପଡ଼ିଥିବା ଦେଖାଯାଇଥିଲା। କିଛି ଯାତ୍ରୀ ଓ କ୍ରୁ ସଦସ୍ୟ ମିଶି ଆକ୍ରମଣକାରୀ ପାଇଲଟ୍ ?ଙ୍କୁ କାବୁ କରିଥିବା କୁହାଯାଉଛି। ପରେ ବିମାନଟି ସାଉଦି ଆରବର ତାବୁକ୍ ?ସ୍ଥିତ ପ୍ରିନ୍ସ ସୁଲତାନ ବିନ୍ ଅବଦୁଲଅଜିଜ୍ ? ଏୟାରପୋର୍ଟରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ଘଟଣା ପରେ ଇସ୍ରାଏଲୀ ଆକାଶସୀମାକୁ କିଛି ସମୟ ପାଇଁ ବନ୍ଦ କରାଯାଇଥିଲା, ପରେ ପୁଣି ଖୋଲାଯାଇଥିଲା। ଇସ୍ରାଏଲ୍ ?ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ କାର୍ଯ୍ୟାଳୟ କହିଛି ଯେ ସ୍ଥିତି ନିୟନ୍ତ୍ରଣରେ ରହିଛି ଏବଂ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଇସ୍ରାଏଲ୍ ? ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଉଛି। ଆକ୍ରମଣ କରିଥିବା ପାଇଲଟ୍ ?ଙ୍କୁ ଗିରଫ କରାଯାଇ ସାଉଦି କର୍ତ୍ତୃପକ୍ଷ ପଚରାଉଚରା କରୁଥିବା ଜଣାପଡ଼ିଛି।

## ଲସ୍କର-ଏ-ତୋଏବାର ଟପ୍ ଆତଙ୍କବାଦୀ ମୁସା ନିହତ

ଜମ୍ମୁ କଶ୍ମୀର : ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଏବାର ଟପ୍ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି । ଜମ୍ମୁ କଶ୍ମୀର ବଡଗାମ୍ ଜିଲ୍ଲାରେ ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ବଡ଼ଗାମ ଜିଲ୍ଲାରେ ଯବାନଙ୍କ ଗୁଳିରେ ପ୍ରାଣ ହରାଇଲା ଲସ୍କର କମାଣ୍ଡର । ଏଥିରେ ଲସ୍କର କମାଣ୍ଡର ମୁସାକୁ ନିପାତ କରାଯାଇଛି । ଖବର ମୁତାବକ, ଜମ୍ମୁ କଶ୍ମୀର ବଡଗାମ୍ ୟୁସମାର୍ଗ ଅଞ୍ଚଳରେ କିଛି ଆତଙ୍କବାଦୀ ଲୁଚି ରହିଥିବା ନେଇ ସେନାକୁ ଗୁଇନ୍ଦା ସୂଚନା ମିଳିଥିଲା । ଏହାପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ଯବାନ ସନ୍ଦିଗ୍ଧ ଗିତିବିଧି ଦେଖିବା ପରେ ଚେତାବନୀ ଦେଇଥିଲେ ଯବାନ । କିନ୍ତୁ ଆତଙ୍କବାଦୀ ଗୁଳିଚାଳନ କରିଥିଲେ । ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ । ଏଥିରେ ମୁସା ନିହତ ହୋଇଥିବା ଜଣାପଡିଛି । । ଏବେବି ଅପରେସନ ଜାରି ରହିଥିବା ସୂଚନା ମିଳିଛି ।

# ରାହୁଲ ହେବେ ବିରୋଧୀଙ୍କ ପ୍ରଧାନମନ୍ତ୍ରୀ ଚେହେରା, ମମତାଙ୍କ ଜବାବ ଶୁଣି ଚମକିବେ !

ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ନେଇ ବିରୋଧୀ ଇଣ୍ଡିଆ ମେଣ୍ଟ ବୁଧବାର ଦିଲ୍ଲୀରେ ବଡ଼ ବୈଠକ କରିଛି। ନିର୍ବାଚନ କମିଶନ ଏବଂ ଭୋଟର ତାଲିକାରେ ଏସଆଇଆରକୁ ନେଇ ନିଜ ଆପତ୍ତି ଜଣାଇବା ସହ ଆଗାମୀ ଦିନର ଆନ୍ଦୋଳନ ଓ ରଣନୀତି ଉପରେ ବିରୋଧୀ ଦଳଗୁଡ଼ିକ ଆଲୋଚନା କରିଛନ୍ତି। ବୈଠକ ପରେ ମେଣ୍ଟର ନେତାମାନେ ଏକାଠି ଲଢ଼ିବାକୁ ସହମତ ହୋଇଥିବା କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ବିରୋଧୀ ଦଳଗୁଡ଼ିକ ଏକଜୁଟ୍ ହୋଇ ଆଗକୁ ବଢ଼ିବେ। ଏହି ବୈଠକରେ ନିର୍ବାଚନ ପ୍ରକ୍ରିୟା ଏବଂ ଏସଆଇଆରକୁ ନେଇ ସାମୂହିକ ଆନ୍ଦୋଳନର ରୋଡମ୍ୟାପ୍ ମଧ୍ୟ ପ୍ରସ୍ତୁତ ହୋଇଛି। ଅକ୍ଟୋବର ୨ରୁ ୮ ତାରିଖ ମଧ୍ୟରେ 'ସେଭ୍ ଡେମୋକ୍ରାସି' ମାର୍ଚ୍ଚ କରିବା ସହ




ଅକ୍ଟୋବର ୬ରେ ବିରୋଧୀ ସାଂସଦମାନେ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଆଡ଼କୁ ମାର୍ଚ୍ଚ କରିବେ ବୋଲି ଘୋଷଣା ହୋଇଛି। ବୈଠକରେ ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କ ଉପସ୍ଥିତି ମଧ୍ୟ ବେଶ ଚର୍ଚ୍ଚାରେ ରହିଛି। ଇଣ୍ଡିଆ ମେଣ୍ଟର ଆଗାମୀ ଲୋକସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ଚେହେରା କିଏ ହେବେ, ତାହାକୁ ନେଇ ସାମ୍ବାଦିକମାନେ ମମତାଙ୍କୁ ପ୍ରଶ୍ନ କରିଥିଲେ। ବିଶେଷ କରି ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ପଦର ଚେହେରା ହେବେ କି ବୋଲି ବାରମ୍ବାର ପଚରାଯାଇଥିଲା। ତେବେ ମମତା ଏହି ପ୍ରଶ୍ନର ସିଧାସଳଖ ଉତ୍ତର ଦେଇନଥିଲେ। ସେ କହିଥିଲେ, "ଆପଣ ହେବେ, ଆପଣ।" ଏହାପରେ ସେ ଗୁରୁବାର ନେତାମାନେ ସାମ୍ବାଦିକ ସମ୍ମିଳନୀ କରିବେ ବୋଲି କହିଥିଲେ। ଏପଟେ ସିଇସି ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବିକୁ ନେଇ ମଧ୍ୟ ଇଣ୍ଡିଆ ମେଣ୍ଟ ନିଜ ଆଭିମୁଖ୍ୟ ଜାରି ରଖିଛି। ମମତା ବାନାର୍ଜୀ ମେଣ୍ଟ ଏକଜୁଟ୍ ଥିବା କହିବା ସହ ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବି କରିଛନ୍ତି। ଏହିପରି, ନିର୍ବାଚନ କମିଶନ ଓ ଏସଆଇଆର୍ ପ୍ରସଙ୍ଗରେ ଇଣ୍ଡିଆ ମେଣ୍ଟ ଏକାଠି ହୋଇଥିବା ବେଳେ, ମେଣ୍ଟର ଭବିଷ୍ୟତ ପ୍ରଧାନମନ୍ତ୍ରୀ ଚେହେରାକୁ ନେଇ ମମତାଙ୍କ ଜବାବ ନଦେବା ଏବେ ରାଜନୈତିକ ଚର୍ଚ୍ଚାକୁ ଆହୁରି ତୀବ୍ର କରିଛି।

# ଗିଲ୍ଙ୍କ ବିସ୍ଫୋରକ ଦ୍ୱିଶତକରେ ଜିତିଲା ଭାରତ

ଗୌହାଟୀ, ୩୦/୦୯ :ଗୁଆହାଟୀର ବରସାପାରା ଷ୍ଟାଡିୟମରେ ଆଜି ଭାରତୀୟ କ୍ରିକେଟ୍ ଟିମ୍ର ଅଧିନାୟକ ଶୁଭମନ ଗିଲ୍ ଏବଂ ହିଟ୍ମ୍ୟାନ୍ ରୋହିତ ଶର୍ମାଙ୍କର ବ୍ୟାଟ୍ ଗର୍ଜିଛି। ସତେ ଯେପରି ଉଭୟ ବ୍ୟାଟରଙ୍କ ବ୍ୟାଟ୍ ଭୋକିଲା ଥିଲା ଭଳି ମନେ ହୋଇଛି। ଦର୍ଶକମାନେ ଉଭୟ ବ୍ୟାଟରଙ୍କ ଠାରୁ ବିସ୍ଫୋରକ ବ୍ୟାଟିଂ ଦେଖିଛନ୍ତି। ଓ୍ୱେଷ୍ଟଇଣ୍ଡିଜ୍ ପକ୍ଷରୁ ମିଳିଥିବା ୪୦୬ ରନ୍ର ବିଜୟ ଲକ୍ଷ୍ୟକୁ ଭାରତ ସହଜରେ ହାସଲ କରିଛି। ଭାରତ ୪୩.୩ ଓଭରରେ ୨ଟି ଓ୍ୱିକେଟ୍ ହରାଇ ୪୦୬ ରନ୍ କରିଛି। ଭାରତ ଏହି ବିଜୟ ସହିତ ଚଳିତ ଶଙ୍ଖଳାରେ ୨-୦ରେ ଅଗ୍ରଣୀ ହାସଲ କରିଛି।

ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ପ୍ରାରମ୍ଭିକ ବ୍ୟାଟିଂ ଦମଦାର ଥିଲା। ରୋହିତ ଶର୍ମା ଏବଂ ଶୁଭମନ ଗିଲ ପ୍ରଥମ ଓ୍ୱିକେଟ୍ ପାଇଁ ୨୫୫ ରନ୍ର ଭାଗିଦାରୀ କରିପାରିଥିଲେ। ଏଥିରୁ ରୋହିତ ବ୍ୟକ୍ତିଗତ ଭାବେ ଶତକ (୧୦୧ ରନ୍) ହାସଲ କରିଥିଲେ। ସେ ୭୫ଟି ବଲ୍ ଖେଳି ୧୦ଟି ଚେକା ଏବଂ ୬ଟି ଛକା ମାରିଥିଲେ। ଦ୍ୱିତୀୟ ଓ୍ୱିକେଟ ପାଇଁ ଶୁଭମନ ଗିଲ୍ ଏବଂ ବିରାଟ କୋହଲି ୬୫ ରନ୍ର ଭାଗିଦାରୀ କରିପାରିଥିଲେ। କୋହଲି ୧୯ଟି ବଲ୍ର ସାମ୍ନା କରି ୩ଟି ଚେକା ଏବଂ ଗୋଟିଏ ଛକା ବଳରେ ୨୯ ରନ୍ ସଂଗ୍ରହ କରିଥିଲେ।



ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମୁକାବିଲାରେ ଭାରତୀୟ ଅଧିନାୟକ ଶୁଭମନ ଗିଲ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଅତିଥି ଦଳ ନିର୍ଦ୍ଧାରିତ ୫୦ ଓଭରରେ ୭ଟି ଓ୍ୱିକେଟ୍ ହରାଇ ୪୦୫ ରନ୍ ସଂଗ୍ରହ କରିଥିଲା। ଓ୍ୱେଷ୍ଟଇଣ୍ଡିଜ ପାଇଁ ଜନ୍ କ୍ୟାମ୍ପବେଲ, ସାଇ ହୋପ ଏବଂ ଅମିର ଜାଙ୍ଗୋ ଶତକ ହାସଲ କରିଥିଲେ। କ୍ୟାମ୍ପବେଲ ୬୮ଟି ବଲ୍ ଖେଳି ୯ଟି ଚେକା ଏବଂ ୫ଟି ଛକା ବଳରେ ୧୦୧ ରନ୍ ସଂଗ୍ରହ କରିଥିଲେ। ବିସ୍ଫୋରକ ବ୍ୟାଟର ହୋପ୍ ବ୍ୟକ୍ତିଗତ ଭାବେ ୧୦୪ ରନ୍ ସଂଗ୍ରହ କରିଥିଲେ। ସେ ୯୪ଟି ବଲ୍ ଖେଳି ୮ଟି ଚେକା ଏବଂ ୩ଟି ଛକା ମାରିଥିଲେ। ସେହିପରି ଅମିର ଜାଙ୍ଗୋ ୧୩ଟି ଚେକା ଏବଂ ୩ଟି ଛକା ସହାୟତାରେ ୧୧୪ ରନ୍ ସଂଗ୍ରହ କରିଥିଲେ। ଏଥି ପାଇଁ ସେ ୭୭ଟି ବଲ୍ ଖେଳିଥିଲେ।

ଆସାମର ବରସାପରା ଷ୍ଟାଡିୟମରେ ଇଣ୍ଡିଆ-ଓ୍ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ ଦିନିକିଆ ଖେଳାଯାଇଛି । ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା ଟିମ୍ ଇଣ୍ଡିଆ । ପ୍ରଥମେ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିଲା ଭ୍ରମଣକାରୀ ଦଳ । ଆରମ୍ଭରୁ ଓ୍ୱେଷ୍ଟଇଣ୍ଡିଜର ଦୁଇ ଓପନର ଜନ୍ କ୍ୟାମ୍ପବେଲ୍ ଏବଂ କିସି କାର୍ଟୀ ଭାରତୀୟ ବୋଲରଙ୍କୁ ଟାର୍ଗେଟ୍ କରିଥିଲେ । ମାତ୍ର ୩୭ ରନରେ ଓ୍ୱେଷ୍ଟଇଣ୍ଡିଜକୁ ପ୍ରଥମ ଝଟକା ଲାଗିଥିଲ ହେଲେ ପଛକୁ ଫେରି ଚାହିଁନଥିଲେ ଅନ୍ୟ ଟପ୍ ଅର୍ଡର ବ୍ୟାଟର । ଟିମ୍ ଇଣ୍ଡିଆ ଉପରେ ପ୍ରହାର ଆରମ୍ଭ କରିଥିଲେ ଜନ୍ କ୍ୟାମ୍ପବେଲ୍ । ତାଙ୍କୁ ସାଥ୍ ଦେଇଥିଲେ କ୍ୟାପଟେନ୍ ସାଇ ହୋପ୍ । ଉଭୟ ଶତକୀୟ ଇନିଂସ ଖେଳିଛନ୍ତି । କ୍ୟାମ୍ପବେଲ୍ ମାତ୍ର ୬୮ଟି ବଲରୁ ୧୦୧ ରନ କରିଥିବା ବେଳେ ହୋପ୍ ୯୪ ବଲରୁ ୧୦୪ ରନ ସଂଗ୍ରହ କରି ଦଳକୁ ଏକ ମଜବୁତ ସ୍ଥିତିରେ ପହଞ୍ଚାଇଥିଲେ । ଏହା ପରେ ଅମିର ଜାଙ୍ଗୋ ଟିମ୍ ଇଣ୍ଡିଆର ବୋଲରଙ୍କ ଉପରେ ଛକା ଚୌକାର ବର୍ଷା କରିଦେଇଥିଲେ । ଜାଙ୍ଗୋ ଟି-୨୦ ଅନ୍ଦାଜରେ ଖେଳିଥିଲେ । ସେ ମାତ୍ର ୭୭ଟି ବଲରୁ ୧୧୪ ରନ ଶତକୀୟ ଇନିଂସ ଖେଳିଥିଲେ । ଶେଷରେ ରୋଷ୍ଟନ ଚେସ୍ ୨୫ ବଲରୁ ୨୯ ରନ କରି ଫିନିସିଙ୍ଗ୍ ଟଚ୍ ଦେଇଥିଲେ । ଫଳରେ ଓ୍ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୫୦ ଓଭରରେ ୪୦୫ ରନର ବିଶାଳ ସ୍କୋର ଛିଡ଼ା କରିବାରେ ସକ୍ଷମ ହୋଇଥିଲା ।ସେପଟେ ଟିମ୍ ଇଣ୍ଡିଆ ପକ୍ଷରୁ କୁଳଦୀପ ଯାଦବ ଏବଂ ନମନ ଧୀରଙ୍କୁ ଛାଡ଼ି ବାକି ସମସ୍ତ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ । କୁଳଦୀପ ୧୦ ଓଭର ବୋଲିଂ କରି ଦୁଇଟି ଓ୍ୱିକେଟ୍ ନେଇଛନ୍ତି । ରବୀନ୍ଦ୍ର ଜାଡେଜାଙ୍କୁ ଦୁଇଟି ଓ୍ୱିକେଟ୍ ମିଳିଛି ମାତ୍ର ସେ ୧୦ ଓଭରରେ ୭୫ ରନ ଖର୍ଚ୍ଚ କରିଛନ୍ତି । ଗୁରୁନୁର ବରାର ସବୁଠୁ ଅଧିକ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି । ସେ ୧୦ ଓଭରରେ ୯୬ ରନ ଦେଇଛନ୍ତି । ଡେବ୍ୟୁ ମ୍ୟାଚରେ ୯.୫ ହାରରେ ଅକିବ୍ ନବୀ ରନ ଦେଇ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି । ପ୍ରସିଦ୍ଧି କ୍ରୀଷ୍ଣା ମଧ୍ୟ ୯ ହାରରେ ରନ ଖର୍ଚ୍ଚ କରିଛନ୍ତି । ଟିମ୍ ଇଣ୍ଡିଆକୁ ଏହି ମ୍ୟାଚ୍ ଜିତିବାକୁ ଦେଲେ ୪୦୬ ରନ କରିବାକୁ ପଡ଼ିବ ।

# ନୀରୁଙ୍କୁ ଡବଲ ସ୍ୱର୍ଣ୍ଣ



ଆଇଚି-ନାଗୋୟା,୩୦।୯: ଏସିଆନ ଗେମ୍ସରେ ଇତିହାସ ରଚିଛନ୍ତି ଆର୍ମି ଶୁଟର ନୀରୁ ଧଣ୍ଡା। ସେ ବ୍ୟକ୍ତିଗତ ଭାବେ ଚଳିତ ଏସିଆନ ଗେମ୍ସରେ ହାସଲ କରିଛନ୍ତି ଡବଲ ସ୍ୱର୍ଣ୍ଣ। ମଙ୍ଗଳବାର ସେ ଭାରତର ପ୍ରଥମ ଖେଳାଳି ଭାବେ ଶୁଟିଂ ଟ୍ରାପ ଇଭେଣ୍ଟର ମହିଳା ବର୍ଗରେ ଦେଶ ପାଇଁ ଏସିଆନ ଗେମ୍ସ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ମିକ୍ସଡ ଟ୍ରାପ୍ରେ ଏସିଆନ୍ ରେକର୍ଡ ସହ ସଫଳତା

ଆଜି ସେ ମିକ୍ସଡ ଟ୍ରାପରେ ମଧ୍ୟ ଦେଶ ପାଇଁ ସୁନା ଜିତିଛନ୍ତି। ଏଥର ତାଙ୍କର ସାଥୀ ହୋଇଥିଲେ କିନାନ ଚେନାଇ। ଏଥର ମଧ୍ୟ ନୀରୁ ଓ କିନାନ ଏସିଆନ ରେକର୍ଡ ସହ ସ୍ୱର୍ଣ୍ଣ ପଦକ କବଜା କରିଛନ୍ତି। ମିକ୍ସଡ ଟିମ ଟ୍ରାପ ଶୁଟିଂରେ ଏହା ଭାରତର ପ୍ରଥମ ମେଡାଲ। ମିକ୍ସଡ ଇଭେଣ୍ଟ ୨୦୧୮ ଜାକାର୍ତ୍ତାରେ ଡେବ୍ୟୁ କରିଥିଲା। କିନ୍ତୁ ୨୦୨୩ ଏସିଆନ ଗେମ୍ସରୁ ଏହା ବାଦ ପଡିଥିଲେ। ୨୦୨୬ ଏସିଆନ ଗେମ୍ସରେ ପୁଣି ମିକ୍ସଡ ଟ୍ରାପ ଇଭେଣ୍ଟ ଫେରିଥିବା ବେଳେ ଭାରତ ସ୍ୱର୍ଣ୍ଣ କବଜା କରିଛି। ଆଇଚି-ନାଗୋୟାରେ ଭାରତୀୟ ଯୋଡି ୩୪ଟି ଶଟ୍ ଟାର୍ଗେଟରେ ହିଟ୍ କରି ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। କତରର ରାୟ ବାସିଲ ଓ ମହମ୍ମଦ ଅଲ ରୁମାଇହି ୩୨ ପଏଣ୍ଟ ସହ ରୌପ୍ୟ ଓ ଚାଇନାର ସୁନ ୟୁନୋଙ୍ଗ ଓ କ୍ୱି ୟିଙ୍ଗ ମାତ୍ର ୨୩ ପଏଣ୍ଟ ସହ କାଂସ୍ୟ ପଦକ ପାଇଛନ୍ତି।

ନୀରୁ ଏସିଆନ ଗେମ୍ସ ୨୦୨୬ରେ ୨ଟି ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ମହିଳା ଟ୍ରାପ ଇଭେଣ୍ଟରେ ମଧ୍ୟ ଦେଶ ପାଇଁ ସିଲଭର ମେଡାଲ ଜିତିଛନ୍ତି। ଏହାର ଅର୍ଥ ୨୦୨୬ ଏସିଆନ ଗେମ୍ସରେ ନୀରୁ ନିଜର ଅଭିଯାନ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ଶେଷ କରିଛନ୍ତି।

ସେ ଭାରତର ପ୍ରଥମ ଶଟଗନ ଶୁଟର ଭାବେ ଏସିଆନ ଗେମ୍ସର ଗୋଟିଏ ସଂସ୍କରଣରେ ୨ଟି ସ୍ୱର୍ଣ୍ଣ ପଦକ ଜିତିବାର କୀର୍ତ୍ତିମାନ ହାସଲ କରିପାରିଛନ୍ତି। ଏପଟେ କିନାନ ନିଜ କ୍ୟାରିୟରରେ ଆଉ ଏସିଆନ ଗେମ୍ସ ସ୍ୱର୍ଣ୍ଣକୁ ନିଜ ନାଁରେ କରିପାରିଛନ୍ତି। ୩୫ ବର୍ଷୀୟ ଏହି ଶୁଟର ଜଣଙ୍କ ୨୦୨୩ ଏସିଆନ ଗେମ୍ସରେ ପୁରୁଷ ଟ୍ରାପ ଟିମରେ ଦେଶ ପାଇଁ ସ୍ୱର୍ଣ୍ଣ ଓ ବ୍ୟକ୍ତିଗତ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଏସିଆନ୍ ଗେମ୍ସ ମହିଳା ହକି ଫାଇନାଲରେ ଭାରତ

## ଆଜି ଭାରତ-ପାକିସ୍ତାନ ହକି ସେମିଫାଇନାଲ୍



କାକାମିଗାହାରା: ଚଳିତ ଏସୀୟ କ୍ରୀଡାର ମହିଳା ହକି ଫାଇନାଲରେ ପ୍ରବେଶ କରିଛନ୍ତି ଭାରତୀୟ ମହିଳା ଦଳ। ଆଜି ଅନୁଷ୍ଠିତ ସେମି ଫାଇନାଲ ମ୍ୟାଚ୍ରେ ଭାରତୀୟ ମହିଳା ଦଳ ୨-୦ ଗୋଲ୍ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ମହିଳା ଦଳ ଫାଇନାଲରେ ଚୀନକୁ ୧ ତାରିଖରେ ଭେଟିବ। ଅନ୍ୟପକ୍ଷରେ ଆସନ୍ତାକାଲି ପୁରୁଷ ହକି ସେମିଫାଇନାଲ୍ରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ। ଗତ ସଂସ୍କରଣ ବିଜେତା ଭାରତ ଚଳିତ ପ୍ରତିଯୋଗିତାରେ ପୁଲ୍-ଏ'ର ୫ଟି ଯାକ ମ୍ୟାଚ୍ ଜିତି ଅପରାଜିତ ରହିଛି। ଇଣ୍ଡୋନେସିଆକୁ ୧୩-୧ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତୀ ୪ ମ୍ୟାଚ୍ରେ ଶ୍ରୀଲଙ୍କାକୁ ୧୬-୧, ଦକ୍ଷିଣ କୋରିଆକୁ ୮-୨, ଜାପାନକୁ ୨-୦ ଓ ବାଂଲାଦେଶକୁ ୧୦-୦ରେ ହରାଇ ପୁଲ୍ର ଶୀର୍ଷ ଦଳ ଭାବେ ସେମିଫାଇନାଲ୍ରେ ପହଞ୍ଚିଛି।

ପୂରା ପ୍ରତିଯୋଗିତାରେ ଦବ୍ଦବା ରଖିଥିବା ଭାରତ ପକ୍ଷରୁ ଦିଲପ୍ରୀତ ସିଂହ ୯ ଗୋଲ୍ ଦେଇ ଆଗରେ ରହିଥିଲା ବେଳେ ଅଭିଷେକ ଓ ହରମନ୍ପ୍ରୀତ ସିଂହ (ପ୍ରତ୍ୟେକ ୮ ଗୋଲ୍) ତାଙ୍କ ପଛକୁ ରହିଛନ୍ତି। ଅନ୍ୟପକ୍ଷରେ ପୁଲ୍-ବି'ରେ ପାକିସ୍ତାନ କେବଳ ମାଲେସିଆଠୁ ୪-୫ରେ ହାରି ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହି ଦଳ ଥାଇଲାଣ୍ଡକୁ ୯-୦, ଉଜ୍ବେକିସ୍ତାନକୁ ୫-୧, ଚୀନ୍କୁ ୩-୦ ଓ ଓମାନକୁ ୭-୨ରେ ମାତ୍ ଦେଇଛି। ପାକିସ୍ତାନର ସୁଫିୟନ୍ ଖାନ (୧୧ ଗୋଲ୍) ଚଳିତ ପ୍ରତିଯୋଗିତାରେ ସର୍ବାଧିକ ଗୋଲ୍ ସ୍କୋରର୍ ଭାବେ ଆଗରେ ରହିଛନ୍ତି ।ବାଂଲାଦେଶ ବିପକ୍ଷ ଶେଷ ପୁଲ୍ ମ୍ୟାଚ୍ରେ ଆହତ ହୋଇଥିବା ଭାରତୀୟ ମିଡ୍ଫିଲ୍ଡର ରାଜକୁମାର ପାଲ୍ ଦଳରୁ ବାଦ୍ ପଡିଛନ୍ତି। ଏହି ମ୍ୟାଚ୍ରେ ତାଙ୍କ ବାମ ହାତ ବୁ଼ା ଆଙ୍ଗୁଠିରେ ଆଘାତ ଲାଗିଥିଲା। ତାଙ୍କ ବଦଳରେ ରିଜର୍ଭ ଖେଳାଳି ନୀଳକାନ୍ତ ଶର୍ମାଙ୍କୁ ଦଳରେ ସାମିଲ କରାଯାଇଛି।

# ସ୍ୱର୍ଣ୍ଣ ଦୌଡରେ ଲଭ୍ଲୀନା: ପ୍ରିୟା, କପିଳ କାଂସ୍ୟରେ ସନ୍ତୁଷ୍ଟ



**ନିଶିଓ,୩୦।୯(ଏଜେନ୍ସି):** ଚଳିତ ଏସୀୟ କ୍ରୀଡାରେ ମୁଷ୍ଟିଯୁଦ୍ଧରୁ ଆଉ ଏକ ସ୍ୱର୍ଣ୍ଣ ପଦକ ଆଶା ସଞ୍ଚାର ହୋଇଛି। ଗତକାଲି ଦୁଇ ଜଣ ଭାରତୀୟ ପ୍ରବୀଣ ହୁଡା, ଅଙ୍କୁଶ ପଙ୍ଘଲ ଫାଇନାଲ୍ରେ ପହଞ୍ଚି ସ୍ୱର୍ଣ୍ଣ ଦୌଡରେ ସାମିଲ ହୋଇଥିଲା ବେଳେ ବୁଧବାର ଟୋକିଓ ଅଲିମ୍ପିକ୍ସ କାଂସ୍ୟ ବିଜୟିନୀ ଲଭ୍ଲୀନା ଏଥିରେ ଯୋଡି ହୋଇଛନ୍ତି। ବୁଧବାର ମହିଳା ୭୫ କିଲୋଗ୍ରାମ୍ ସେମିଫାଇନାଲ୍ରେ ହାଙ୍ଗ୍ଝୋ ଏସୀୟ କ୍ରୀଡା ରେପ୍ୟ ବିଜୟିନୀ ଲଭ୍ଲୀନା ୩-୨ରେ କାଜାଖସ୍ତନାର ନାତାଲ୍ୟା ବୋଗ୍ଦାନୋଭାଙ୍କୁ ପରାସ୍ତ କରିଥିଲେ। ଏବେ ରାଜ୍ୟଗୋଷ୍ଠୀ ରେପ୍ୟ ବିଜୟିନୀ ଏହି ଆସାମ ଯୁବତୀ ଗତ ସଂସ୍କରଣ ପଦକର ରଙ୍ଗ ବଦଳାଇବା ଲକ୍ଷ୍ୟରେ ରହିଛନ୍ତି। ତେବେ ଅନ୍ୟ ଦୁଇ ଭାରତୀୟ ପ୍ରିୟା ଘଙ୍ଘାସ୍ ଓ କପିଳ ପୋଖରିୟା ନିଜ ନିଜ ସେମିଫାଇନାଲ୍ ବାଉଟ୍ ହାରି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି ।ମହିଳା ୬୦ କିଲୋଗ୍ରାମ୍ରେ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ବିଜୟିନୀ ୨୦ ବର୍ଷୀୟା ପ୍ରିୟା ୧-୪ରେ ଚୀନ୍ର ୟାଙ୍ଗ ଚେଙ୍ଗ୍ୟୁଙ୍କଠୁ ହାରିଯାଇଥିଲେ। ପୁରୁଷ ୯୦ କିଲୋଗ୍ରାମ୍ରେ ୨୮ ବର୍ଷୀୟ କପିଳ ୧-୪ରେ ଉଜ୍ବେକିସ୍ତାନର ତୁରାବେକ ଖାବିବୁଲାଏଭ୍ଙ୍କଠୁ ପରାସ୍ତ ହୋଇଥିଲେ ।ସେପ୍ଟେମ୍ବର ୩୦ ଭାରତୀୟ ବକ୍ସରମାନଙ୍କ ପାଇଁ ମଧ୍ୟ ବେଶ ଫଳପ୍ରଦ ରହିଛି। ଲଭଲିନା ଫାଇନାଲରେ ପ୍ରବେଶ କରିଥିବା ବେଳେ ପ୍ରିୟା ଘଙ୍ଘାସ ଓ କପିଳ ପୋଖରିୟାଲ ନିଜ ନିଜ ସେମି ଫାଇନାଲ ବାଉଟ ହାରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଜାପାନରେ ଆଇଚି ନାଗୋୟାରେ ଚାଲିଥିବା ଏସିଆନ ଗେମ୍ସରେ ଲଭଲିନା ତୃତୀୟ ଭାରତୀୟ ବକ୍ସର ଭାବେ ଫାଇନାଲକୁ ଯାଇଛନ୍ତି। ତାଙ୍କ ପୂର୍ବରୁ ପୁରୁଷ ୮୦ କେଜି ବର୍ଗରେ ଅଙ୍କୁଶ ପଙ୍ଘଲ ଓ ୬୫ କେଜି ମହିଳା ବର୍ଗରେ ପରବୀନ ହୁଡା ସ୍ୱର୍ଣ୍ଣ ଲଢେଇକୁ ଯାଇଥିଲେ।

ଏବେ ଲଭଲିନା ମଧ୍ୟ ବାକି ୨ ଜଣଙ୍କ ଭଳି ସ୍ୱର୍ଣ୍ଣ ପାଇଁ ଅକ୍ଟୋବର ୨ରେ ଲଢ଼ କରିବେ। ୨୦୨୩ରେ ଲଭଲିନା ଫାଇନାଲରେ ହାରି ଯାଇଥିଲେ। କିନ୍ତୁ ଏଥର ତାଙ୍କ ପାଖରେ ପୁଣି ସ୍ୱର୍ଣ୍ଣ ଜିତିବାର ସମ୍ଭାବନା ରହିଛି।

ସେହିପରି ୨୦୨୩ ଏସିଆନ ଗେମ୍ସରେ ଭାରତ ବକ୍ସିଂରୁ ୪ଟି ପଦକ ପାଇଥିଲା। ଏହା ମଧ୍ୟରେ ଗୋଟିଏ ରୌପ୍ୟ ଓ ୩ଟି ବ୍ରୋଞ୍ଜ ରହିଥିଲା। କିନ୍ତୁ ଏଥର ଭାରତୀୟ ବକ୍ସରମାନେ ଅତିକମରେ ଦେଶ ପାଇଁ ୬ଟି ପଦକ ପକ୍କା କରି ସାରିଛନ୍ତି।

# ଶ୍ୱଶୁରଙ୍କ ସଫଳତା ଦୋହରାଇଲେ ଜ୍ୱାଇଁ

ନୂଆଦିଲ୍ଲୀ,୨୯।୯: ଦେଶ ପାଇଁ ଶୁଟିଂରେ ପ୍ରଥମ ମେଡାଲ୍ ଜିତିଥିବା ରାଜା ରଣଧୀର ସିଂହ ଆଜି ଏହି ଦୁନିଆରେ ନାହାନ୍ତି, କିନ୍ତୁ ନୀରୁ ଢାଣ୍ଡା ଏବଂ କେନାନ୍ ଚେନାଇଙ୍କ ଯୋଡ଼ି ଯେତେବେଳେ ଗୋଲ୍ଡ ମେଡାଲ୍ (ସ୍ୱର୍ଣ୍ଣ ପଦକ) ଜିତିଲେ, ସେତେବେଳେ ତାଙ୍କର ଆଶୀର୍ବାଦ ନିଶ୍ଚିତ ଭାବେ ମିଳିଥିବ। କାରଣ କେନାନ୍ ଚେନାଇଙ୍କ ସହ ତାଙ୍କର ଅତ୍ୟନ୍ତ ନିବିଡ଼ ସମ୍ପର୍କ ରହିଛି। ମଜାଦାର କଥା ଦେଖନ୍ତୁ, ଯେତେବେଳେ ଏହି ଯୋଡ଼ି ସ୍ୱର୍ଣ୍ଣପଦକ ଉପରେ ଲକ୍ଷ୍ୟ ସାଧୁଥିଲେ, ସେତେବେଳେ ରାଜା ସାହେବଙ୍କ ଝିଅ ମଧ୍ୟ ଶୁଟିଂ ରେଞ୍ଜରେ ଉପସ୍ଥିତ ଥିଲେ।





ପ୍ରତ୍ୟେକ ମେଡାଲ୍ ପଛରେ ନିଜର ଏକ କାହାଣୀ ଥାଏ, ତା' ସହ ଏକ ଆବେଗପୂର୍ଣ୍ଣ ସମ୍ପର୍କ ଏବଂ ପ୍ରେରଣା ଥାଏ। ନୀରୁ ଢାଣ୍ଡା ଏବଂ କେନାନ୍ ଚେନାଇଙ୍କ ଭାରତୀୟ ଯୋଡ଼ି ବୁଧବାର ଦିନ ଏସିଆନ୍ ଗେମ୍ସରେ ଟ୍ରାପ୍ ମିକ୍ସଡ୍ ଟିମ୍ରେ ସ୍ୱର୍ଣ୍ଣ ପଦକ ଜିତିବା ପଛରେ ମଧ୍ୟ ଏପରି ଏକ କାହାଣୀ, ସମ୍ପର୍କ ଏବଂ ଭାବନା ରହିଛି, ଯାହା ଜାଣିବା ପରେ କିଛି ସମୟ ପାଇଁ ଆପଣ ମଧ୍ୟ ଭାବବିହ୍ୱଳ ହୋଇଯିବେ।

ମିକ୍ସଡ୍ ଡବଲ୍ସ ଟ୍ରାପ୍ର ମେଡାଲ୍ ସେରିମୋନିରେ ଯେତେବେଳେ ଜାତୀୟ ସଙ୍ଗୀତ ବାଜିଲା ଏବଂ ତ୍ରିରଙ୍ଗା ଆକାଶ ଆଡ଼କୁ ଗଲା, ସେତେବେଳେ ରେଞ୍ଜରେ ଉପସ୍ଥିତ ଜଣେ ବ୍ୟକ୍ତିତ୍ୱଙ୍କ ଆଖି ଭରି ଆସିଥିଲା ଏବଂ ସେ ନିଜ ଆବେଗକୁ ସମ୍ଭାଳିବାକୁ ଚେଷ୍ଟା କରୁଥିଲେ। ସେ ଆଉ କେହି ନୁହଁନ୍ତି, ରାଜା ରଣଧୀର ସିଂହଙ୍କ ଝିଅ ତଥା କେନାନ୍ ଚେନାଇଙ୍କ ସ୍ତ୍ରୀ ରିଆ କୁମାର ଥିଲେ। ବର୍ଷ ବର୍ଷ ପୂର୍ବରୁ ରିଆ କୁମାର ନିଜ ବାପାଙ୍କୁ ମେଡାଲ୍ ଜିତିବାର ଦେଖିନଥିବେ, କିନ୍ତୁ ସେହି ସ୍ୱପ୍ନକୁ ଆଜି ସେ ନିଶ୍ଚିତ ଭାବେ ଜୀବନ୍ତ ଅନୁଭବ କରିଥିବେ ଯେତେବେଳେ ତାଙ୍କ ସ୍ୱାମୀ ସ୍ୱର୍ଣ୍ଣପଦକ ଜିତିତିଲେ। ଏହା ଏକ ଅତ୍ୟନ୍ତ ଆବେଗପୂର୍ଣ୍ଣ ମୁହୂର୍ତ୍ତ ଥିଲା।

କେନାନ୍ ପ୍ରକାଶ କରିଛନ୍ତି ଯେ, 'ଯେଉଁ ବନ୍ଧୁକର ନଳୀରୁ ମୁଁ ଆଜି ସ୍ୱର୍ଣ୍ଣ ପଦକ ଜିତିଲି, ତାହା ମୋ ବାପାଙ୍କର। ମୁଁ ଏହାକୁ ତାଙ୍କ ପାଖରୁ ଚୋରି କରିଥିଲି (ହସି ହସି) ଏବଂ ମୁଁ ଖୁସି ଯେ ଏହା ମୋ ପାଇଁ ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଛି। ମୁଁ ଚାହୁଁଛି ଯେ ସେ ମୋତେ ଏହା ଫେରାଇବାକୁ ନକୁହନ୍ତୁ। ସେ ଦୁଇଥରର ଜାତୀୟ ଚାମ୍ପିୟନ୍ ରହିସାରିଛନ୍ତି ଏବଂ ଏବେ ସିନିୟର୍ ବର୍ଗରେ ପ୍ରତିଯୋଗିତା କରନ୍ତି। ଏହି ନଳୀଟି, ମୋତେ ଲାଗୁଛି ସେ ପ୍ରାୟ ୩୦ ବର୍ଷ ପୂର୍ବରୁ କିଣିଥିଲେ।'

କେନାନ୍ ଦୁଇ ଭାରତୀୟ ଶୁଟରଙ୍କ ମଧ୍ୟରେ ଅଧିକ ଭଲ ପ୍ରଦର୍ଶନ କରିଥିଲେ, ସେ ୭୩ ସ୍କର୍ କରିଥିବା ବେଳେ ନୀରୁ ୬୩ ସ୍କର୍ କରିଥିଲେ। କେନାନ୍ ଲଗାତାର ସଠିକ୍ ନିଶାଣ ସହ ଫାଇନାଲ୍ରେ ନିଜର ଭଲ ପ୍ରଦର୍ଶନ ଜାରି ରଖିଥିଲେ, ଯେଉଁଠାରେ କି ନୀରୁ ମଧ୍ୟ ପ୍ରାରମ୍ଭିକ ଧକ୍କା ପରେ ଦୃଢ଼ତା ସହ ପ୍ରତ୍ୟାବର୍ତ୍ତନ କରିଥିଲେ। କେନାନ୍— ଯାହାଙ୍କ ବାପା ଡେରିୟସ୍ ମଧ୍ୟ ଜଣେ ଜାତୀୟ ସ୍ତରର ଶଟ୍ଗନ୍ ଶୁଟର୍ ଥିଲେ, ନିଜର ଏବଂ ନୀରୁଙ୍କ ଯୋଡ଼ିକୁ ଏକ ଭାଗ୍ୟଶାଳୀ ଯୋଡ଼ି ବୋଲି ଅଭିହିତ କରିଛନ୍ତି। ସେମାନେ ଏହି ବର୍ଷ ପୂର୍ବରୁ ବିଶ୍ୱକପ୍ରେ ତାମ୍ର ପଦକ ଜିତିଥିଲେ। ସେ କହିଛନ୍ତି, 'ଆମେ ଏକ ମିଶ୍ରିତ ଟିମ୍ ଭାବେ ଏକାଠି ରହିବାକୁ ଆଶା କରୁଛୁ, କିନ୍ତୁ ଏହା ସବୁ ଫେଡେରେସନ୍ ଉପରେ ନିର୍ଭର କରେ।'

# ଉମେଶ ଯାଦବ ଗେଷ୍ଟ ପ୍ଲେୟାର

ନୂଆଦିଲ୍ଲୀ,୩୦।୯ : ଭାରତୀୟ କ୍ରିକେଟ ଦଳର ଅଭିଜ୍ଞ ଦ୍ରୁତ ବୋଲର ଉମେଶ ଯାଦବ ୩୮ ବର୍ଷ ବୟସରେ ଏକ ନୂଆ ଦଳରୁ ଖେଳିବାର ସୁଯୋଗ ପାଇଛନ୍ତି। ଆଗାମୀ ଘରୋଇ କ୍ରିକେଟ ସିଜନ ପାଇଁ ପଞ୍ଜାବ କ୍ରିକେଟ ଆସୋସିଏସନ ତାଙ୍କୁ ଗେଷ୍ଟ ପ୍ଲେୟାର ଭାବେ ସାଇନ୍ କରିଛି, ଯେଉଁଠାରେ ସେ ସବୁ ଫର୍ମାଟରେ ଖେଳୁଥିବାର ନଜର ଆସିବେ। ଗତବର୍ଷ ବିଦର୍ଭ ଦଳରୁ ଓହରିଯିବା ପରେ ଏବେ ସେ ପଞ୍ଜାବ ପାଇଁ ଘରୋଇ କ୍ରିକେଟ ଖେଳିବେ। ପଞ୍ଜାବ କ୍ରିକେଟ ଆସୋସିଏସନର ସଭାପତି ଅମରଜୀତ ସିଂହ ମେହେଟ୍ଟା କହିଛନ୍ତି ଯେ ଉମେଶଙ୍କ ଯୋଗଦାନ ଦ୍ୱାରା ପଞ୍ଜାବର ବୋଲିଂ ଆକ୍ରମଣ ଅଧିକ ଶକ୍ତିଶାଳୀ ହେବ। ଦୀର୍ଘ ଦିନରୁ ଟିମ୍ ଇଣ୍ଡିଆ ଓ ଆଇପିଏଲ୍ରୁ ବାହାରେ ଥିବା ଉମେଶ ୨୦୨୩ରେ ଶେଷ ଥର ପାଇଁ ଭାରତ ପାଇଁ ଟେଷ୍ଟ ମ୍ୟାଚ୍ ଖେଳିଥିଲେ ଏବଂ ୨୦୨୪ ପରଠାରୁ ଆଇପିଏଲ୍ରେ ମଧ୍ୟ ସୁଯୋଗ ପାଇନାହାନ୍ତି। ସେ ଭାରତ ପାଇଁ ୫୭ଟି ଟେଷ୍ଟ ମ୍ୟାଚ୍ରେ ୧୭୦ଟି ଓ୍ୱିକେଟ୍ ଏବଂ ଏକଦିବସୀୟରେ ୧୦୬ଟି ଉଇକେଟ ନେଇଛନ୍ତି, ଯେତେବେଳେ କି ଫାର୍ଷ୍ଟ କ୍ଲାସ କ୍ରିକେଟରେ ତାଙ୍କ ନାମରେ ୩୮୦ଟି ଉଇକେଟ ରହିଛି। ନିକଟରେ କ୍ରିକେଟ ବିଶେଷଜ୍ଞ ଭାବେ ନଜର ଆସିଥିବା ଏହି ଅଭିଜ୍ଞ ଖେଳାଳି ଏବେ ପଞ୍ଜାବର ଯୁବ ଦ୍ରୁତ ବୋଲରଙ୍କ ସହ ନିଜର ଅଭିଜ୍ଞତା ବାଣ୍ଟିବେ। ପଞ୍ଜାବ ଦଳ ଦୀର୍ଘ ୩୩ ବର୍ଷ ହେବ ରଣଜୀ ଟ୍ରଫି ଜିତିପାରି ନାହିଁ। ଶେଷଥର ପାଇଁ ୧୯୯୨-୯୩ ସିଜନରେ ପଞ୍ଜାବ ଚାମ୍ପିୟନ ହୋଇଥିବା ବେଳେ ୧୯୯୪-୯୫ ଓ ୨୦୦୪-୦୫ରେ ଫାଇନାଲରେ ପହଞ୍ଚି ମଧ୍ୟ ପରାଜିତ ହୋଇଥିଲା।

# କୋହଲିଙ୍କୁ ଚ୍ୟାଲେଞ୍ଜ ଦେଉଛନ୍ତି ଗିଲ୍

ନୂଆଦିଲ୍ଲୀ,୩୦ ।୯ : ଆଇସିସିର ସଦ୍ୟତମ ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗରେ ଭାରତୀୟ ଦଳର ଦୁଇ ଷ୍ଟାର୍ ବ୍ୟାଟରଙ୍କ ମଧ୍ୟରେ ଜୋରଦାର ଲଢେଇ ଦେଖିବାକୁ ମିଳିଛି। ଶୁବମନ ଗିଲ ନମ୍ବର-୧ ସ୍ଥାନ ବଜାୟ ରଖିଥିବା ବେଳେ ବିରାଟ କୋହଲି ନ୍ୟୁଜିଲାଣ୍ଡର ଡ୍ୟାରିଲ ମିଚେଲଙ୍କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି।

ଗିଲ ଏବଂ ବିରାଟଙ୍କ ମଧ୍ୟରେ ଏବେ ମାତ୍ର ୨୦ ରେଟିଂ ପଏଣ୍ଟର ତଫାତ ରହିଛି। ଗିଲଙ୍କ ଖାତାରେ ୮୧୬ ପଏଣ୍ଟ ଥିବା ବେଳେ ବିରାଟ କୋହଲି ୭୯୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜର ଆଉ ଦୁଇଟି ମ୍ୟାଚ ବାକି ରହିଛି। ଏହି ମ୍ୟାଚ୍ଗୁଡ଼ିକରେ ବିରାଟଙ୍କ ବ୍ୟାଟ୍ରୁ ବଡ଼ ସ୍କୋର ଆସିବା ସହ ଗିଲଙ୍କ ପ୍ରଦର୍ଶନ ଆଶାନୁରୂପ ନ ହେଲେ ରାଙ୍କିଙ୍ଗରେ ପରିବର୍ତ୍ତନର ସମ୍ଭାବନା ରହିବ। ପ୍ରଥମ ଦିନିକିଆରେ ଗିଲ ୧୧୦ ରନ୍ର ଶତକୀୟ ପାଳି ଖେଳିଥିଲେ। ଅନ୍ୟପଟେ ବିରାଟ କୋହଲି ମାତ୍ର ୮୮ ବଲ୍ରେ ଅପରାଜିତ ୧୩୯ ରନ୍ର ଧୂଆଁଧାର ପାଳି ଖେଳି ଭାରତକୁ ବଡ଼ ବିଜୟ ଦେଇଥିଲେ।

୨୦୨୬ରେ ଉଭୟ ଭାରତୀୟ ବ୍ୟାଟର ଦିନିକିଆରେ ଚମତ୍କାର ଫର୍ମରେ ରହିଛନ୍ତି। ଶୁବମନ ଗିଲ ୯ଟି ଦିନିକିଆ ଇନିଂସରୁ ୬୭୧ ରନ ସଂଗ୍ରହ କରିଛନ୍ତି। ସେହିପରି ବିରାଟ କୋହଲି ୭ଟି ଇନିଂସରେ ୫୨୩ ରନ କରିଛନ୍ତି।

ଆଇସିସି ରାଙ୍କିଙ୍ଗରେ ଶୀର୍ଷ ସ୍ଥାନରେ ଗିଲ ରହିଥିବାବେଳେ ତାଙ୍କଠାରୁ ମାତ୍ର ୨୦ ପଏଣ୍ଟ ପଛରେ ବିରାଟ। ତେଣୁ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ବାକି ମ୍ୟାଚଗୁଡିକରେ ଉଭୟଙ୍କ ପ୍ରଦର୍ଶନ ଉପରେ କ୍ରିକେଟ ପ୍ରଶଂସକଙ୍କ ନଜର ରହିବ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର